ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.28 Bhubaneswar Friday, March 04, 2022 | ୨୫ତମ ବର୍ଷ ସଂଖ୍ୟା-୨୮ ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୦୪, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) | Member-INS


## ୟୁକ୍ରେନ୍ ସଙ୍କଟ: ଓଡିଶା ସରକାରଙ୍କ ଆତ୍ମପ୍ରଚାର ନିଶା, ପଦାରେ ପଡିଲା ଅପରିପକ୍ୱ ମାନସିକତା



ଭୁବନେଶ୍ୱର,୩।୩(ପି.ଏନ): ୟୁକ୍ରେନ୍ ଓ ଋଷ୍ ମଧ୍ୟରେ ଯୁଦ୍ଧ ଜାରି ରହିଥିବାବେଳେ ରାଜ୍ୟର କ୍ଷମତାସୀନ ବିଜେଡି ସରକାର ଆଜି ଏଭଳି ଏକ ନିଷ୍ପତ୍ତି ନେଇଛନ୍ତି ଯାହା ବିଦେଶ ମାଟିରେ ଭାରତ ସରକାରଙ୍କ ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରାଇଛି । ଯୁଦ୍ଧଗ୍ରସ୍ତ ୟୁକ୍ରେନରେ ଫସି ରହିଥିବା ଭାରତୀୟଙ୍କୁ ସୁରକ୍ଷିତ ଫେରାଇ ଆଣିବା ପାଇଁ କେନ୍ଦ୍ର ସରକାର ନିଜର ୪ଜଣ ମନ୍ତ୍ରୀଙ୍କୁ ୟୁକ୍ରେନର ୪ଟି ପଡ ?ଶୀ ରାଷ୍ଟ୍ରକୁ ସ୍ୱତନ୍ତ୍ର ଦୂତ କରି ପଠାଇଥିବା ତଥା ସେମାନେ ସେଠାରେ ରହି ପ୍ରତ୍ୟେକ ଭାରତୀୟଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନକୁ ସୁନିଶ୍ଚିତ କରୁଥିବାବେଳେ ଓଡିଶା ସରକାରଙ୍କ ଅପରିପକ୍ୱ ମାନସିକତା ଓ ନିଷ୍ପତ୍ତି ଏବେ ରାଜ୍ୟର ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଓ ଉଦବେଗର ବିଷୟ ପାଲଟିଛି । ଓଡିଶା ସରକାର ୪ଜଣ ବେସରକାରୀ ବ୍ୟକ୍ତିଙ୍କୁ ନିଜର ସ୍ୱତନ୍ତ୍ର ପ୍ରତିନିଧି ଭାବେ ଏହି ୪ଟି ରାଷ୍ଟ୍ରକୁ ପଠାଇବାକୁ ଆଜି ବିଧିବଦ୍ଧ ନିଷ୍ପତ୍ତି ନେଇଛନ୍ତି । ତେବେ ୟୁକ୍ରେନ୍ ଯୁଦ୍ଧ ଭଳି ଆନ୍ତର୍ଜାତିକ ସମ୍ବେଦନଶୀଳ ପ୍ରସଙ୍ଗରେ ଓଡିଶା ସରକାର କିଭଳି ୪ଜଣ ବେସରକାରୀ ବ୍ୟକ୍ତିଙ୍କୁ ନିଜର ସ୍ୱତନ୍ତ୍ର ପ୍ରତିନିଧି ଭାବେ ବିଦେଶକୁ ପଠାଇ ନିଜର ଅପରିପକ୍ୱତା ପ୍ରକଟ କରୁଛନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ।ସୂଚନା ଅନୁସାରେ, ମୁଖ୍ୟ ସଚିବ ସୁରେଶ କୁମାର ମହାପାତ୍ରଙ୍କ ଦସ୍ତଖତରେ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଆଜି ଏକ ନିର୍ଦ୍ଦେଶନାମା ଜାରି ହୋଇଛି । ଯେଉଁଥିରେ ୪ଜଣ ବେସରକାରୀ ବ୍ୟକ୍ତିଙ୍କୁ ୟୁକ୍ରେନର ପଡ ?ଶୀ ୪ଟି ରାଷ୍ଟ୍ର ପୋଲାଣ୍ଡ, ହଙ୍ଗେରୀ, ରୋମାନିଆ ଓ ସ୍ଲୋଭାକିଆକୁ ଓଡିଶା ସରକାରଙ୍କ ସ୍ୱତନ୍ତ୍ର ପ୍ରତିନିଧି ଭାବେ ପଠାଇବାକୁ ନିଷ୍ପତ୍ତି ହୋଇଛି । ଯେଉଁ ୪ଜଣ ବେସରକାରୀ ବ୍ୟକ୍ତିଙ୍କୁ ଓଡିଶା ସରକାର ନିଜର ସ୍ୱତନ୍ତ୍ର ପ୍ରତିନିଧି ଭାବେ ମନୋନୀତ କରିଛନ୍ତି ସେମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟର ଉପସଭାପତି ତଥା ବିଶ୍ୱବିଦ୍ୟାଳୟର ଆରନ୍ତଜାତିକ ବିଭାଗ ଦାୟିତ୍ୱରେ ଥିବା ବିକ୍ରମାଦିତ୍ୟ ଅଛନ୍ତି । ସେ ପୋଲାଣ୍ଡ ଦାୟିତ୍ୱ ସହ ସମନ୍ୱୟ ରକ୍ଷା ଦିଗରେ କାର୍ଯ୍ୟ କରିବେ । ସେହିପରି ୟୁଏନଏଚ୍‌ସିଆରରେ ସିନିୟର ଟିପିଡିଏସ ଅଫିସର ଆରୁଷି ରାୟ- ହଙ୍ଗେରୀ, ୟୁଏନ ପଲିସି ଅଫିସର ବୈଶାଳୀ ମହାନ୍ତିଙ୍କୁ ରୋମାନିଆ ଓ ଅନୁରାଗ ପଟ୍ଟନାୟକଙ୍କୁ ସ୍ଲୋଭାକିଆର ଓଡିଶା ସରକାରଙ୍କ ସ୍ୱତନ୍ତ୍ର ପ୍ରତିନିଧି ଦାୟିତ୍ୱ ଦିଆଯାଇଛି । ନୂଆଦିଲ୍ଲୀସ୍ଥିତ ଆବାସିକ କମିଶନର କାର୍ଯ୍ୟାଳୟ ଏ ମାମଲାରେ ନୋଡାଲ୍ ଅଫିସ ଭାବେ କାର୍ଯ୍ୟ କରିବ ତଥା ଏହି ୪ଜଣ ବେସରକାରୀ ବ୍ୟକ୍ତିଙ୍କ ଏବାବଦରେ ସମସ୍ତ ଖର୍ଚ୍ଚ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ବହନ କରାଯିବ ।ତେବେ ପ୍ରଶ୍ନ ଉଠୁଛି, ଯୁଦ୍ଧଗ୍ରସ୍ତ ୟୁକ୍ରେନରେ ଫସି ରହିଥିବା ଭାରତୀୟଙ୍କୁ ସୁରକ୍ଷିତ ଉଦ୍ଧାର ପାଇଁ ପ୍ରଧାନମନ୍ତ୍ରୀ ମାରାଥନ୍ ବୈଠକ କରିବା ସହ ଭାରତ ସରକାର 'ଅପରେସନ୍ ଗଙ୍ଗା' ଅନ୍ତର୍ଗତ ନିଜର ୪ଜଣ ମନ୍ତ୍ରୀଙ୍କୁ ୟୁକ୍ରେନର ୪ଟି ପଡଶୀ ରାଷ୍ଟ୍ରକୁ ପଠାଇ ଭାରତୀୟଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ କାର୍ଯ୍ୟକୁ ତ୍ୱରାନ୍ୱିତ କରୁଥିବାବେଳେ ଓଡିଶା ସରକାର କିଭଳି ବିଦେଶ ମାଟିକୁ ନିଜର ସ୍ୱତନ୍ତ୍ର ପ୍ରତିନିଧି ପଠାଉଛନ୍ତି ? ଏଥିପାଇଁ ଓଡିଶା ସରକାରଙ୍କୁ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଅନୁମତି ଦେଇଛନ୍ତି କି? ଭାରତ ସରକାରଙ୍କ ମନ୍ତ୍ରୀ ଓ ଅଧିକାରୀମାନେ ୟୁକ୍ରେନ ଓ ଋଷ୍ ସରକାର ସମେତ ୟୁକ୍ରେନର ପଡ ?ଶୀ ରାଷ୍ଟ୍ରଗୁଡିକ ସଙ୍ଗେ କୂଟନୀତିକ ସ୍ତରରେ ଆଲୋଚନା କରି ଯୁଦ୍ଧଗ୍ରସ୍ତ ଅଂଚଳରୁ ଭାରତୀୟଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ସୁନିଶ୍ଚିତ କରାଉଥିବାବେଳେ ଓଡିଶା ସରକାରଙ୍କ ଏହି ପ୍ରତିନିଧିମାନେ ସେଠାରେ ଅଧିକ କ'ଣ କରିବେ? ଓଡିଶା ସରକାରଙ୍କ ଏହି ନିର୍ଦ୍ଦେଶ ପତ୍ର କ'ଣ ବିଦେଶ ମାଟିରେ ବୈଧ କି? ସମ୍ବେଦନଶୀଳ ଆନ୍ତର୍ଜାତିକ ପ୍ରସଙ୍ଗକୁ ଓଡିଶା ସରକାର ଏତେ ହାଲକା ଭାବେ କିପରି ନେଇ ଏଭଳି ମନମୁଖୀ ନିଷ୍ପତ୍ତି ନେଲେ ?ଯଦି ରାଜ୍ୟର ବିଜେଡି ସରକାର ୟୁକ୍ରେନ ସଙ୍କଟରେ ବି ନିଜର ଆତ୍ମପ୍ରଚାର ଚାହୁଁଛନ୍ତି ତା'ହେଲେ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ପ୍ରତିନିଧି ଭାବେ ନିଯୁକ୍ତି ଦେଇପାରିଥାନ୍ତେ । ଯେଉଁମାନେକି ଦିଲ୍ଲୀରେ ବିଦେଶ ମନ୍ତ୍ରଣାଳୟ ସହ ଯୋଗସୂତ୍ରରେ ରହି ଓଡିଆଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନକୁ ଅଧିକ ତ୍ୱରାନ୍ୱିତ କରିଥାନ୍ତେ ।ୟୁକ୍ରେନରେ କେତେ ଓଡିଆ ରହିଛନ୍ତି ତା'ର ହିସାବ ଏପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ପାଖରେ ନଥିବାବେଳେ ଏଭଳି ସ୍ୱତନ୍ତ୍ର ପ୍ରତିନିଧିଙ୍କୁ ମନୋନୀତ କାହା ଚାପରେ କରାଗଲା ତାକୁ ନେଇ ପ୍ରଶ୍ନ ଉଠିଛି । ଏହି ମନୋନୀତ ପ୍ରତିନିଧିମାନଙ୍କର ବିଶ୍ୱସନୀୟତା ସନ୍ଦେହଘେରରେ ରହିଥିବାବେଳେ ସରକାର ସେମାନଙ୍କୁ ନିଜର ପ୍ରତିନିଧି ଭାବେ ମନୋନୀତ କରିବା ପୂର୍ବରୁ କିଛି ଖୋଳତାଡ କରିଛନ୍ତି କି? ନାକେବଳ ଶାସକ ଦଳର ଜଣେ ସାଂସଦଙ୍କ ଅନ୍ତରଙ୍ଗ ସହଯୋଗୀ ତଥା ତୃତୀୟ ମହଲାର ଜଣେ ମହିଳା ଅଫିସରଙ୍କ ଘନିଷ୍ଠ ବୋଲି ତାଙ୍କ କଥାରେ ଏଭଳି ଅପରିପକ୍ୱ ନିଷ୍ପତ୍ତି ନିଆଯାଇଛି ? ସୂଚନାଯୋଗ୍ୟ, ଯୁଦ୍ଧଗ୍ରସ୍ତ ୟୁକ୍ରେନରେ ୧୫୦୦ରୁ ଉର୍ଦ୍ଧ୍ୱ ଓଡିଆ ଥିବାବେଳେ ଭାରତ ସରକାରଙ୍କ 'ଅପରେସନ ଗଙ୍ଗା' ମାଧ୍ୟମରେ କିଛି ଓଡିଆ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିସାରିଲେଣି । ବାକି ନାଗରିକମାନଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନକୁ ଭାରତ ସରକାର ସୁନିଶ୍ଚିତ କରାଉଛନ୍ତି । ତେଣୁ ଏଭଳି ସ୍ଥିତିରେ କ୍ଷମତାସୀନ ବିଜେଡି ସରକାର କେବଳ ଆତ୍ମପ୍ରଚାର ନିଶାରେ ଏପରି କାର୍ଯ୍ୟ କରିବା ଅନୁଚିତ୍, ଯାହା ବିଦେଶ ମାଟିରେ ଭାରତ ସରକାରଙ୍କ ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରାଇବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ।

## ୧୪ ଜିଲ୍ଲାର ୩୦ଟି ସ୍ଥାନରେ ଜିଏସ୍‌ଟିର ଚଢଉ



ଭୁବନେଶ୍ୱର,୩।୩(ପି.ଏନ): ଟିକସ୍ ଫାଙ୍କି ଅଭିଯୋଗରେ ରାଜ୍ୟର ୧୪ ଜିଲ୍ଲାର ୩୦ଟି ସ୍ଥାନରେ ଜିଏସ୍‌ଟିର ଚଢଉ କରିଛି । ଚଢ଼ଉରେ ୧୩୦ ଟିମ୍ ସାମିଲ ଥିଲେ । ଆଉ ଏହି ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜିଏସ୍‌ଟି ବିଭାଗକୁ ମିଳିଛି ।ଟିକସ୍ ଫାଙ୍କି ଅଭିଯୋଗରେ ଜିଏସ୍‌ଟି ବିଭାଗ ଆଜି କଟକ, ଖୋର୍ଦ୍ଧା(ଭୁବନେଶ୍ୱର) , ଭଦ୍ରକ, ପୁରୀ, କେନ୍ଦ୍ରାପଡା, କେନ୍ଦୁଝର, ବାଲେଶ୍ୱର, ସମ୍ବଲପୁର, ବରଗଡ, ସୁନ୍ଦରଗଡ (ରାଉରକେଲା) ପ୍ରମୁଖ ସ୍ଥାନରେ ଚ ?ଉ କରିଥିଲା । ବିଭିନ୍ନ ପାନମସଲା ଗୋଦାମ ସମେତ ପାନମସଲା ତିଆରି କାରଖାନାରେ ଏହି ଚଢଉ ହୋଇଛି । ଚଢ଼ଉ ସମୟରେ ଟିକସ୍ ଫାଙ୍କି ସଂପର୍କୀତ ଅନେକ କାଗଜପତ୍ର ଜବତ କରିଛି ଜିଏସ୍‌ଟି ବିଭାଗ । କେତେକ ସ୍ଥାନରେ କାଗଜ ଗୁଡ଼ିକୁ ଜାଳିଦେବା ଲାଗି ଉଦ୍ୟମ ହୋଉଥିବା ବେଳେ ଜିଏସ୍‌ଟି ଓ୍ୱିଙ୍ଗ ଜବତ କରିଛି । ଯାଞ୍ଚରୁ ଜଣାପଡିଛି, ଗୋଦାମ ମାଲିକମାନେ କମ୍ ପରିମାଣର ଅର୍ଥ ଦେଖାଇ ଅଧିକ ପରିମାଣର ପାନମସଲା ଗଚ୍ଛିତ ରଖିଛନ୍ତି ।୧୪ଟି ଜିଲ୍ଲାର ୩୦ଟି ସ୍ଥାନରେ ଚ ?ଉ କରିଥିଲା ଜିଏସ୍‌ଟି ବିଭାଗ । ୧୩୦ଟି ଟିମ୍ ୧୨୧ ଜଣ ଅଫିସରଙ୍କୁ ନେଇ ଚଢ଼ଉ କରାଯାଇଛି ।ବଲାଙ୍ଗିର କ୍ଲବପଡାଠାରେ ଥିବା ବାଲାଜୀ ଟ୍ରେଡର୍ସର ଗୋଦାମ ଉପରେ ଚଢଉ କରିଥିଲା ଜିଏସ୍‌ଟି ବିଭାଗ । ବଲାଙ୍ଗିର ଓ ନୂଆପଡା ଜିଲ୍ଲାର ଜିଏସଟି ଏନଫୋର୍ସମେଣ୍ଟ ଟିମ୍ ଚଢଉ କରିଥିଲା । କ'ଣ ପାଇଁ ଚଢଉ କରାଯାଉଛି ତାହା ଏପର୍ଯ୍ୟନ୍ତ ଜଣାପଡି ନାହିଁ । ଜିଏସ୍‌ଟି ଫାଙ୍କି ଅଭିଯୋଗରେ ଚଢ଼ଉ କରିଥିବା ଅନୁମାନ କରାଯାଉଛି ।

## ଗୋଟିଏ ଦିନରେ ୧୩୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୩।୩(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୩୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୫୪୮୭ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୩୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୪୪୨୬ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୯୨୩ ରହିଛି ।ଆଜି ଚିହ୍ନଟ ହୋଇଥିବା ୧୩୮ଜଣଙ୍କ ମଧ୍ୟରୁ ୭୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୬୦ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୧ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସମ୍ବଲପୁର ସବୁଠାରୁ ଅଧିକ ୩୧ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୪, ବାଲେଶ୍ୱର ଜିଲ୍ଲାରୁ ୬ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଓ ଭଦ୍ରକ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବଲାଙ୍ଗୀର ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୧ , କଟକରୁ ୫ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଢେଙ୍କାନାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଜପତି ଜିଲ୍ଲାରୁ ୧୮, ଗଂଜାମ ଜିଲ୍ଲାରେ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧, ଯାଜପୁରରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୧୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।କେନ୍ଦୁଝରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହନ୍ତି । ଖୋର୍ଦ୍ଧାରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୩ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜ ଜିଲ୍ଲାରୁ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇ ଥିବା ବେଳେ ନୂଆପଡା ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ନବରଙ୍ଗପୁର ଓ କଳାହାଣ୍ଡିରେ ଭୂମିକମ୍ପ

ଭୁବନେଶ୍ୱର, ୩।୩(ପି.ଏନ): ନବରଙ୍ଗପୁର ଓ କଳାହାଣ୍ଡିରେ ଭୂକମ୍ପର ଝଟକା ଅନୁଭୂତ ହୋଇଛି । ପୂର୍ବାହ୍ନ ୧୧ଟା ୨୩ ମିନିଟ୍ ୩୪ ସେକେଣ୍ଡ ସମୟରେ ନବରଙ୍ଗପୁର ଜିଲ୍ଲାର ଝରିଗାଁ ଓ ଚନ୍ଦାହାଣ୍ଡି ଏବଂ କଳାହାଣ୍ଡି ଜିଲ୍ଲାର କେତେକ ଅଂଚଳରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି । ଏହି ଅଂଚଳରେ କେତେକ ଘରର କାନ୍ଥରେ ଫାଟ ଦେଖିବାକୁ ମିଳିଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଭୂପୃଷ୍ଠର ୯ କିଲୋମିଟର ଗଭୀରରେ ୧୯.୬୦ ଅକ୍ଷାଂଶ ଓ ୮୨.୭୦ ଦ୍ରାଘିମାରେ ଏହି ଭୂମିକମ୍ପ ୬ରୁ ୭ ସେକେଣ୍ଡ ଯାଏ ଅନୁଭୂତ ହୋଇଥିଲା । ଭୂମିକମ୍ପର ତୀବ୍ରତା ରିକ୍ଟର ସେଲରେ ୩.୫ ଥିବା ଜଣାପଡ଼ିଛି । ପାଖାପାଖି ୧୪ଟି ପଂଚାୟତରେ ଭୂମିକମ୍ପର ଝଟକା ଅନୁଭୂତ ହୋଇଥିବା ସୂଚନା ମିଳିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ମଧ୍ୟାହ୍ନରେ ଚନ୍ଦାହାଣ୍ଡିରେ ଏକ ପ୍ରଚଣ୍ଡ ଶବ୍ଦ ହେବା ସହ ଘର ଥରିବାକୁ ଲାଗିଥିଲା । ଅଳ୍ପ କିଛି ମାତ୍ର ସେକେଣ୍ଡ ପାଇଁ ଏପରି ଅନୁଭୂତ ହୋଇଥିଲା ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି ।

## ରାଜଧାନୀରେ ସିରିଜ୍ ଦୁର୍ଘଟଣା

ଭୁବନେଶ୍ୱର, ୩।୩(ପି.ଏନ): ରାଜଧାନୀରେ ସିରିଜ୍ ଦୁର୍ଘଟଣା ଘଟାଇଛନ୍ତି ଜଣେ ମଦ୍ୟପ କାର୍ ଚାଳକ । ଭୁବନେଶ୍ୱର ଜୟଦେବ ବିହାର ଠାରୁ ଜାଭିୟର ଛକ ମଧ୍ୟରେ ମଦ୍ୟପ କାର୍ ଚାଳକ ଏକାଧିକ ଗାଡ଼ିକୁ ଧକ୍କା ଦେଇଥିବା ଜଣାପଡିଛି । ପୋଲିସ୍ ପିସିଆର ଭ୍ୟାନ୍ ସମେତ ଅନେକ କାର ଓ ବାଇକ୍ କୁ ଧକ୍କା ଦେଇ ପଳାଉଥିବା ବେଳେ କାର୍ ଚାଳକଙ୍କୁ କାବୁ କରାଯାଇଥିଲା । ଏଥିରେ ୪ ଜଣ ଗୁରୁତର ହୋଇଛନ୍ତି । ସମସ୍ତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତି କରାଯାଇଛି । ମଦ୍ୟପ କାର ଚାଳକକୁ ନୟାପଲ୍ଲୀ ଥାନା ପୋଲିସ ଅଟକ ରଖିଛି ।

## ୟୁକ୍ରେନ୍‌ରୁ ଓଡିଆଙ୍କ ଉଦ୍ଧାର ପାଇଁ ୪ ଅଧିକାରୀଙ୍କୁ ଦାୟିତ୍ୱ ଦେଲେ ରାଜ୍ୟ ସରକାର

ଭୁବନେଶ୍ୱର, ୩।୩(ପି.ଏନ): ୟୁକ୍ରେନରେ ଫସିଥିବା ଓଡ଼ିଆଙ୍କ ଉଦ୍ଧାର ପାଇଁ ରାଜ୍ୟ ସରକାର ଯୋଜନା କରୁଛନ୍ତି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ୪ ଜଣ ସ୍ୱତନ୍ତ୍ର ପ୍ରତିନିଧିଙ୍କୁ ଦାୟିତ୍ୱ ଦେଇଛନ୍ତି । ୟୁକ୍ରେନ ସହ ଅନ୍ୟ ଦେଶକୁ ଚାଲି ଯାଇଥିବା ଛାତ୍ରଛାତ୍ରୀଙ୍କ ଉଦ୍ଧାର ପାଇଁ ସ୍ୱତନ୍ତ୍ର ପ୍ରତିନିଧିଙ୍କୁ ନିଯୁକ୍ତ କରିଛନ୍ତି ଓଡ଼ିଶା ସରକାର । ଏଥିପାଇଁ ନୂଆଦିଲ୍ଲୀ ଆବାସିକ କମିଶନଙ୍କ କାର୍ଯ୍ୟାଳୟ ନୋଡାଲ ଅଫିସ ହେବ ବୋଲି ଘୋଷଣା କରାଯାଇଛି । ସମ୍ପୃକ୍ତ ଅଧିକାରୀ ମାନେ ଆବାସିକ କମିଶନ ଓ ସମ୍ପୃକ୍ତ ଦେଶ ମାନଙ୍କ ସହ ଯୋଗାଯୋଗ କରି ଓଡିଆ ଛାତ୍ରଛାତ୍ରୀ ଓ ନାଗରିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର ନେଇ କାମ କରିବେ । ଏସମ୍ପର୍କରେ ଓଡିଶା ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି । ସୂଚନର ଅନୁଯାୟୀ ପୋଲାଣ୍ଡ ପାଇଁ ସ୍ୱତନ୍ତ୍ର ପ୍ରତିନିଧି ଦାୟିତ୍ୱ ବିକ୍ରମାଦିତ୍ୟଙ୍କୁ ଦିଆଯାଇଛି । ବର୍ତ୍ତମାନ ସେ କିଟ୍ ଓ କିସ ବିଶ୍ୱବିଦ୍ୟାଳୟର ଉପସଭାପତି ଅଛନ୍ତି ବିକ୍ରମାଦିତ୍ୟ । ସେହିଭଳି ହଙ୍ଗେରୀ ପାଇଁ ସ୍ୱତନ୍ତ୍ର ପ୍ରତିନିଧି ଭାବେ ୟୁଏନଏଚସିଆରର ବରିଷ୍ଠ ଟିଡିପିଏସ୍ ଅଧିକାରୀ ଆରୁଷି ରାୟଙ୍କୁ ନିଯୁକ୍ତି ଦିଆଯାଇଛି । ସେହିପରି ୟୁଏନ ପଲିସି ଅଫିସର ବୈଶାଳୀ ମହାନ୍ତିଙ୍କୁ ରୋମାନିଆ ଦାୟିତ୍ୱ ମିଳିଛି । ସ୍ଲୋଭାକିଆ ପାଇଁ ହଙ୍ଗେରୀର ଅନୁରାଗ ପଟ୍ଟନାୟକଙ୍କୁ ଦାୟିତ୍ୱ ମିଳିଛି । ଉଲ୍ଲେଖଯୋଗ୍ୟ ଯେ ୟୁକ୍ରେନ୍ ଉପରେ ଋଷିଆ ଆକ୍ରମଣ ଜାରି ରଖିଛି । ଦେଶର ଅନେକ ଛାତ୍ରଛାତ୍ରୀ ଓ ନାଗରିକ ସେଠାରେ ଫସି ରହିଛନ୍ତି । ସେମାନଙ୍କ ମଧ୍ୟରେ ବହୁ ଓଡିଆ ଛାତ୍ରଛାତ୍ରୀ ମଧ୍ୟ ରହିଛନ୍ତି ।

## ବୋମା ନୁହେଁ ହସ ଫୁଟାଇବା ଜରୁରୀ

ଭୁବନେଶ୍ୱର, ୩।୩(ପି.ଏନ): ୟୁକ୍ରେନ୍ ଉପରେ ରୁଷିଆର ବର୍ବରୋଚିତ ଆକ୍ରମଣ ବିରୁଦ୍ଧରେ ଏବଂ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଦାବିରେ ଆଜି ଭୁବନେଶ୍ୱରସ୍ଥିତ ମାଷ୍ଟରକ୍ୟାଂଟିନ୍ ଛକରେ ୟୁଥ୍ ଫର୍ ଭଲ୍ୟୁଂଟାରି ଓ୍ୱାର୍କର ଅଧକ୍ଷ ମୀର ଅହମ୍ମଦ ଅଲ୍ଲୀଙ୍କ ଅଧକ୍ଷତାରେ ଏକ ପ୍ରତିବାଦ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଏହି ବିକ୍ଷୋଭରେ ବ୍ରେନସ୍ ଏଜୁକେସନ୍ ଓ କର ଫାଉଣ୍ଡେସନ୍‌ର ସଦସ୍ୟ ଓ ସଦସ୍ୟାମାନେ ଉପସ୍ଥିତ ଥିଲେ । ପୁଟିନ୍ ସରକାରର ସାମ୍ରାଜ୍ୟବାଦୀ ଓ ବିସ୍ତାରବାଦୀ ନୀତି ବିଶ୍ୱକୁ ଯୁଦ୍ଧ ମୁହଁକୁ ଠେଲିଦେଇଛି ଏବଂ ସାଧାରଣ ଜନତାଙ୍କ ଜୀବନ ବିପନ୍ନ ହୋଇଯାଇଛି । ଏହା ମାନବତା ଉପରେ ଜଘନ୍ୟ ଆକ୍ରମଣ ବୋଲି ନିନ୍ଦା କରିବା ସହ ଯୁଦ୍ଧ ବିରୁଦ୍ଧରେ ଓ ଶାନ୍ତି ସପକ୍ଷରେ ବିଶ୍ୱବାସୀ ଏକହୁଅ ସ୍ଲୋଗାନ୍ ଦେଇ ଆଜି ଏକ ପ୍ରତୀକାତ୍ମକ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି ।

## ଯୁଦ୍ଧ ଯୋଗୁଁ ବଢିଲା ଖାଇବା ତେଲ ଦର

ଭୁବନେଶ୍ୱର, ୩।୩(ପି.ଏନ): ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧର ପ୍ରଭାବ ଏବେ ଖାଇବା ତେଲ ଉପରେ ପଡ଼ିଛି । ୟୁକ୍ରେନରେ ଯୁଦ୍ଧ ପାଇଁ ରାଜ୍ୟରେ ଖାଇବା ତେଲ ଦର ବଢ଼ିଛି । ସନଫ୍ଲାୱାର ଓ ପାମୋଲିନ୍ ତେଲ ଦର ଆକାଶଛୁଆଁ ହୋଇଛି । ସନଫ୍ଲାୱାର୍ ଓ ପାମୋଲିନ୍ ଦର ଲିଟର୍ ପିଛା ଏକାଥରକେ ୨୦ ଟଙ୍କା ବୃଦ୍ଧି ପାଇଛି । ଆଗକୁ ମଧ ଦର ଆହୁରି ବଢ଼ିପାରେ ବୋଲି କଟକ ଚାମ୍ବର୍ସ ଅଫ୍ କମର୍ସ ପକ୍ଷରୁ କୁହାଯାଇଛି । ତେବେ ଖାଇବା ତେଲ ଦର ଏକାଥରକେ ୨୦ ଟଙ୍କା ବଢ଼ିଥିବାରୁ ଖାଉଟିଙ୍କର ଚିନ୍ତା ବଢ଼ାଇ ଦେଇଛି । ବିଶେଷକରି ମଧ୍ୟବର୍ଗୀୟଙ୍କୁ ଏହି ବର୍ଦ୍ଧିତ ଦର ଅଧିକ ବାଧିବ । ତେବେ ଆଗକୁ ବାକି ଖାଦ୍ୟ ସାମଗ୍ରୀ, ପେଟ୍ରୋଲ୍ ଓ ଡିଜେଲ୍ ଦର ମଧ୍ୟ ବୃଦ୍ଧି ପାଇପାରେ ବୋଲି ସୂଚନା ମିଳିଛି ।ସୂଚନାଯୋଗ୍ୟ ଯେ ସନ୍ ଫ୍ଲାୱାର ତେଲ ମୁଖ୍ୟତଃ ୟୁକ୍ରେନରୁ ଆମଦାନୀ ହୋଇଥାଏ । ତେବେ ୟୁକ୍ରେନରେ ଯୁଦ୍ଧ ଲାଗିବାରୁ ତେଲ ଆସିପାରୁନି । ଯେଉଁ କାରଣରୁ ତେଲ ଦର ବଢ଼ିଛି ।

## ପରମାଣୁ ଯୁଦ୍ଧ ପାଇଁ ନିଆଁ ଲଗାଉଛନ୍ତି ପଶ୍ଚିମ ଦେଶ: ଋଷ



ନୂଆଦିଲ୍ଲୀ: ଆମେ ପରମାଣୁ ଆକ୍ରମଣ ଚାହୁଁନାହୁଁ । କିନ୍ତୁ ପଶ୍ଚିମ ଦେଶର ରାଜନେତାଙ୍କ କୂଟ ରାଜନୀତି ହିଁ ପରମାଣୁ ଯୁଦ୍ଧ ପାଇଁ ମଞ୍ଜି ପୋତୁଛି । ୟୁକ୍ରେନ୍ ? ଉପରେ ଲହୁଲୁହାଣ ଆକ୍ରମଣର ସପ୍ତାହେ ପରେ ରୁଷ୍ ?ର ବୈଦେଶିକ ମନ୍ତ୍ରୀ ସର୍ଜ ?ଇ ଲାଭ୍ ?ରଭ ଏହା କହିଛନ୍ତି । ପଶ୍ଚିମ ଦେଶମାନଙ୍କର ଖଳ ପ୍ରବୃତ୍ତି ହିଁ ତୃତୀୟ ବିଶ୍ୱଯୁଦ୍ଧର କାରଣ ହେବ ।ଆଉ ତୃତୀୟ ବିଶ୍ୱଯୁଦ୍ଧରେ ଆଣବିକ ଅସ୍ତ୍ର ସାମିଲ ହେବ ବୋଲି ସେ କହିଛନ୍ତି । ବିଦେଶ ଗଣମାଧ୍ୟମକୁ ଏକ ଅନଲାଇନ୍ ?ରେ ସାକ୍ଷାତକାର ଦେଇ ଏହା କହିଛନ୍ତି ରୁଷ ବୈଦେଶିକ ମନ୍ତ୍ରୀ । ସେ କହିଛନ୍ତି ଯେ, ରୁଷ ପାଇଁ ନୁହଁ ବରଂ ପଶ୍ଚିମ ଦେଶର ହୀନ ରାଜନୀତି ପାଇଁ ପରମାଣୁ ଯୁଦ୍ଧର କାରଣ ହୋଇପାରେ ।ତଥାପି ଆମକୁ ନିୟନ୍ତ୍ରଣ ପଥରୁ ହଲେଇବା ପାଇଁ ଆମେ କୌଣସି ପ୍ରକାର ପ୍ରରୋଚନାକୁ ପ୍ରଶ୍ରୟ ଦେବୁ ନାହିଁ ବୋଲି ସେ କହିଛନ୍ତି । ଗତ ରବିବାର ରୁଷ ରାଷ୍ଟ୍ରପତି ପରମାଣୁ ଆକ୍ରମଣ ନେଇ ଧମକ ଦେଇଥିଲେ । ଏଥିପାଇଁ ରୁଷର ପରମାଣୁ ବାହିନୀକୁ ଆଲର୍ଟ କରିଥିଲେ । ପଶ୍ଚିମ ଦେଶମାନେ ରୁଷ ପ୍ରତି କରୁଥିବା ଷଡଯନ୍ତ୍ରର ଗନ୍ଧ ବାରି ପରମାଣୁ ପ୍ରତିରୋଧ ବଳକୁ ସତର୍କ କରିଥିଲେ ପୁଟିନ । ରୁଷ ପାଖରେ ଏବେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଆଣବିକ ଅସ୍ତ୍ର ଥିବା ବେଳେ ଅତ୍ୟାଧୁନିକ କ୍ଷେପଣାସ୍ତ୍ର ମାନ ରହିଛି । ଏହାକୁ ପରିଚାଳନା ପାଇଁ ରୁଷ ପାଖରେ ସୁଦକ୍ଷ ବଳ ମଧ୍ୟ ରହିଛି ।

## ଭୁବନେଶ୍ୱରରୁ ନିଖୋଜ ଯୁବକଙ୍କ ମୃତଦେହ ମହାନଦୀ ପଠାରୁ ଉଦ୍ଧାର

ଭୁବନେଶ୍ୱର, ୩।୩(ପି.ଏନ): କଟକ ବିଡାନାସୀ ଥାନା ଅନ୍ତର୍ଗତ ଭୁଆଶୁଣୀ ନିକଟ ମହାନଦୀ ପଠାରୁ ଜଣେ ଯୁବକଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର ହୋଇଛି । ମୃତ ଯୁବକର ନାଁ ଆଜାଦ ଯାଦବ (୨୮) ଓ ସେ ବିହାର ନିବାସୀ ।ଗତ ଫେବ୍ରୁଆରି ୨୫ ତାରିଖରେ ସେ ଭୁବନେଶ୍ୱରରୁ ନିଖୋଜ ଥିଲେ ବୋଲି ସୂଚନା ମିଳିଛି । ପୋଲିସ୍ ଘଟଣାସ୍ଥଳରେ ପହଂଚି ମୃତଦେହ ଉଦ୍ଧାର କରିବା ସହ ଛାନଭିନ୍ ଆରମ୍ଭ କରିଛି । ମୃତଦେହ ମୁଣ୍ଡକୁ ପଥରରେ ଛେଚା ଯାଇଥିବା କୁହାଯାଉଛି । ପ୍ରାଥମିକ ସୂଚନାରୁ ଯୁବକଙ୍କୁ ହତ୍ୟା କରାଯାଇଥିବା ଜଣାପଡିଛି । ତେବେ ହତ୍ୟାର ପ୍ରକୃତ କାରଣ ଜଣାପଡ଼ି ନାହିଁ ।ଗୁରୁବାର ଦିନ କଟକ ବିଡାନାସୀ ଥାନା ଅନ୍ତର୍ଗତ ଭୁଆଶୁଣୀ ନିକଟ ମହାନଦୀ ପଠାରେ ଜଣେ ଯୁବକଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ଖବର ପାଇ ପୋଲିସ୍ ଘଟଣାସ୍ଥଳରେ



ପହଂଚିଥିଲା । ଖବର ନେବାରେ ଜଣାଯାଇଛି ଆଜାଦ ଯାଦବ ଇଂଟେରିୟର କାମ କରୁଥିଲା । ନିକଟରେ ତାଙ୍କୁ ଜଣେ କଟକର ଠିକାଦାର ଡାକିଥିଲେ । ଠିକାଦାରଙ୍କ ପାଖରେ ଆଜାଦଙ୍କ କିଛି ବାକି ଟଙ୍କା ଥିବା ଅଭିଯୋଗ ହୋଇଛି । ଗତ ଫେବୃଆରୀ ୨୫ ତାରିଖରେ ଠିକାଦାରଙ୍କ ଠାରୁ ବାକି ଟଙ୍କା ଆଣିବା ପାଇଁ ବୋଧେ ଆଜାଦ କଟକ ଯାଇଥିଲେ । କିନ୍ତୁ ଘଟଣା ଦିନ ସେ ଆଉ ଫେରି ନଥିଲେ । ଆଜାଦଙ୍କ ନିଖୋଜ ନେଇ ଗତ ୨୬ ତାରିଖରେ ସହିଦନଗର ଥାନାରେ ପରିବାର ଲୋକେ ଏତଲା ଦେଇଥିଲେ ।

## ନାବାଳିକା ଦୁଷ୍କର୍ମକାରୀକୁ ଜେଲ୍ ଓ ଜରିମାନା



କେନ୍ଦ୍ରାପଡା,୩।୩(ପି.ଏନ): ନାବାଳିକା ଦୁଷ୍କର୍ମକାରୀକୁ ଜେଲ୍ ଓ ଜରିମାନା । ଜରିମାନା ଅର୍ଥ ଅନାଦେୟ ହେଲେ ଅଧିକ ବର୍ଷ ? ଜେଲ ଦଣ୍ଡ ଭୋଗିବାକୁ ପଡିବ । ଆଜି କେନ୍ଦ୍ରାପଡା ସ୍ୱତନ୍ତ୍ର ପୋସ୍କ କୋର୍ଟ ଏହି ରାୟ ଦେଇଛନ୍ତି ।୦୧୮ ମସିହା ଜାନୁଆରୀ ୬ ତାରିଖ ଅପରାହ୍ନ ପ୍ରାୟ ୩ଟା ବେଳେ ରାଜନଗର ଥାନା ଅଞ୍ଚଳର ଜଣେ ନାବାଳିକା ପୋଖରୀ କୂଳରୁ ଲୁଗା ତୋଳି ଘରକୁ ଫେରିଲେ । ଠିକ୍ ସେହି ସମୟରେ ନବୀନ ସେଠୀ ତା' ମୁହଁକୁ ବନ୍ଦ କରି ଟେକିନେଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା । ଏନେଇ ପୀଡିତାଙ୍କ ମାଆ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଏପରିକି ଅଭିଯୁକ୍ତ ନବୀନ ସେଠୀକୁ ଗିରଫ କରିଥିଲା ।କେନ୍ଦ୍ରାପଡା ସ୍ୱତନ୍ତ୍ର ପୋସ୍କ ? କୋର୍ଟରେ ଆଜି ଏହି ମାମଲାର ରାୟ ପ୍ରକାଶ ପାଇଛି । ସମସ୍ତ ସାକ୍ଷୀଙ୍କ ବୟାନ ଓ ଅନ୍ୟାନ୍ୟ ତଥ୍ୟ ଆଧାରରେ ମାନ୍ୟବର ପୋସ୍କ କୋର୍ଟର ବିଚାରପତି, ଅଭିଯୁକ୍ତ ନବୀନକୁ ୩୭୬(୩) ଓ ୪ ପୋସ୍କ ଆକ୍ଟରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦେୟ ହେଲେ ଅଧିକ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ରାୟରେ ଶୁଣାଇଛନ୍ତି ।








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେଓ୍ୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେଓ୍ୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



# ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା’ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନି ସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## କୁକୁର ପେଟରେ ଅଜବ ଖାଦ୍ୟ



ଆମେରିକାର ପେନ୍ସିଲଭେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା’ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡ୍ରୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଅଶାନ୍ତ ୟୁକ୍ରେନ: ଭାରତର ଚିନ୍ତା

ପୂର୍ବାନୁମାନ ମୁତାବକ ୟୁକ୍ରେନ ଉପରେ ରୁଷିଆର ସେନା ଆକ୍ରମଣ ଆରମ୍ଭ କରିଦେଇଛି । ୨୦୧୩ରୁ ଯୋଜନାବଦ୍ଧ ଭାବେ ଡୋନେସ୍କ ଏବଂ ଲୁଗାନସ୍କରେ ରୁଷିଆ ଯେଉଁ ଅସ୍ଥିରତା ଜାରି ରଖିଥିଲା ତା'ର ପ୍ରମାଣ ସ୍ୱରୂପ ଏହି ଦୁଇଟି ଅଞ୍ଚଳକୁ ସ୍ୱାଧୀନ ରାଷ୍ଟ୍ରର ମାନ୍ୟତା ନିଜ ଆଡୁ ଦେଇଛି । କେବଳ ସେତିକି ନୁହେଁ ସେଠାରେ ପୁତ୍ତଳିକା ସରକାର ଘୋଷଣା କରାଯାଇ ବନ୍ଧୁତ୍ୱପୂର୍ଣ୍ଣ ରାଜିନାମାର ନାଟକ ମଧ୍ୟ ପୁଟିନ ଲେଖିବାକୁ ଯାଉଛନ୍ତି । ୟୁକ୍ରେନ ଏକ ସ୍ୱାଧୀନ ରାଷ୍ଟ୍ର ହୋଇଥିଲେ ମଧ୍ୟ ଏହାକୁ ରୁଷ୍ ନିଜର ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିବା ମୂର୍ଖତା ଏବଂ ଅହଂକାର ଛଡା ଅନ୍ୟକିଛି ନୁହେଁ । ଅପରପକ୍ଷେ ନାଟୋବାହିନୀ ଦୀର୍ଘଦିନ ହେବ ବିବୃତ୍ତି ଦେଇ ଆସିଥିଲେ ମଧ୍ୟ ଏବେ ସମ୍ମୁଖ ଯୁଦ୍ଧରେ ପଛେଇବାକୁ ଆରମ୍ଭ କରିଛନ୍ତି । ଏଥିପାଇଁ ସେମାନେ କେବଳ ଅସ୍ତ୍ରଶସ୍ତ୍ର ଯୋଗାଇ ଦେବାକୁ ଯେମିତି ପୂର୍ବରୁ କହିଥିଲେ ତାହା କରିପାରନ୍ତି । କିନ୍ତୁ ରୁଷିଆର ଅସ୍ତ୍ରବଳ ଏବଂ ସେନାବଳ ନିକଟରେ ନାଟୋ ବାହିନୀର ମଡେଲ ପ୍ରାୟ ବାହିନୀ କିଛି ନୁହେଁ ବୋଲି କହିବାକୁ ହେବ । ଜୋ ବାଇଡେନ କ୍ଷମତାକୁ ଆସିବାର ଅଳ୍ପଦିନ ମଧ୍ୟରେ ଆଫଗାନିସ୍ଥାନ ଆଉ ଏବେ ୟୁକ୍ରେନ ମାମଲାରେ ମାଙ୍କଡଚିତ୍ ମାରିବାପରି ଦେଖାଯାଉଛନ୍ତି । ବିଶ୍ୱରେ ସଙ୍କଟଜନକ ପରିସ୍ଥିତିରେ ଶାନ୍ତିପୂର୍ଣ୍ଣ ସମାଧାନର ରାସ୍ତା ନଖୋଜି ବାଇଡେନ ଯେପରି ପାଉଁଶ ତଳେ ବାଣିଜ୍ୟର ସ୍ୱପ୍ନ ଦେଖିବାକୁ ଲାଗିଲେ ତାହା ତାଙ୍କ ପାଇଁ ଏବଂ ତାଙ୍କ ପ୍ରଶାସନ ପାଇଁ ଆତ୍ମଘାତୀ ହେବାକୁ ଯାଉଛି । ନିଜ ଦେଶ ଭିତରେ ବାଇଡେନଙ୍କ ଜନସମର୍ଥନ ଦିନକୁ ଦିନ ହ୍ରାସ ପାଇ ଏବେ ୩୬ ପ୍ରତିଶତକୁ ଆସି ପହଞ୍ଚିଲାଣି । ଗତ ବର୍ଷକ ଭିତରେ (ଜାନୁଆରୀ ୨୦କୁ ଧରିଲେ) ଶାସନକୁ ଆସି ବାଇଡେନ ନିଜ ଦେଶର ସମସ୍ୟା ତୁଟାଇବା ବଦଳରେ ବେଇଜ୍ଜତିକୁ ଡାକି ଆଣିଛନ୍ତି । ୟୁକ୍ରେନ ମାମଲାରେ ପୁଟିନଙ୍କ ଗୋଟିଚାଳନାକୁ ପୂର୍ବତନ ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ପ୍ରଶଂସା କରି ବାଇଡେନଙ୍କ ଲାଞ୍ଜରେ ନିଆଁ ଲଗାଇ ଦେଇଛନ୍ତି । ବର୍ତ୍ତମାନର ସରକାର ଯେ ଅତି ଦୁର୍ବଳ, ଦୂରଦୃଷ୍ଟିବିହୀନ ତାହା ଆମେରିକାବାସୀ ଜାଣିସାରିଲେଣି । ତେଣୁ ଆମେରିକାରେ ଥିବା ଆଫଗାନ ସରକାରଙ୍କ ଜମା ଅର୍ଥରୁ ଅର୍ଦ୍ଧେକକୁ ୯/୧୧ ବିସ୍ଫୋରଣରେ ମୃତ ବ୍ୟକ୍ତିଙ୍କ ପରିବାରକୁ ଦିଆଯିବ ବୋଲି ଘୋଷଣାକରି ବାଇଡେନ ଦେଶବାସୀଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରିଛନ୍ତି । ହେଲେ ଏହାଦ୍ୱାରା ଯେପରି ଆଫଗାନବାସୀଙ୍କ ଭରସା ତୁଟିବ ସେମିତି ପୃଥିବୀର ଅନେକ ରାଷ୍ଟ୍ର ଆମେରିକାକୁ ସନ୍ଦେହପୂର୍ଣ୍ଣ ଦୃଷ୍ଟିରେ ଦେଖିବେ । ଏପରିକି ନାଟୋ ମେଣ୍ଟରେ ଥିବା ଅନେକ ରାଷ୍ଟ୍ରର ନେତୃବୃନ୍ଦ ଏବେ ବାଇଡେନଙ୍କ କଥାକୁ କେତେ ଗ୍ରହଣ କରିବେ ତାହା ଆଗକୁ ଦେଖିବାର କଥା । ଶକ୍ତିଶାଳୀ ଦୁଇରାଷ୍ଟ୍ରଙ୍କ କ୍ଷମତାର ପଶାପାଲିରେ ୟୁକ୍ରେନ ଗୋଟି ହୋଇ ଯେମିତି କ୍ଷତି ସହୁଛି, ସେମିତି ଆଗାମୀ ଦିନରେ ରୁଷିଆର ସହଯୋଗୀ ଏବଂ ପଡୋଶୀ ରାଷ୍ଟ୍ରଗୁଡିକ ଯେ କୌଣସି ପରିସ୍ଥିତିରେ ସେମିତି ଅବସ୍ଥାକୁ ଚାଲି ନ ଯିବେ ତାହା କହିହେବନାହିଁ । ୟୁକ୍ରେନକୁ ସୁରକ୍ଷା ଦେବାର ପ୍ରତିଶ୍ରୁତି ଦେଇ ଆଣବିକ ଅସ୍ତ୍ର ନିର୍ମାଣରୁ ଦୂରେଇ ରଖି ଏବେ ୟୁକ୍ରେନ ୧୯୯୧ରେ ରୁଷିଆଠାରୁ ଅଲଗା ହେବା ପରେ ୧୯୦୦ ଆଣବିକ ଅସ୍ତ୍ର ନିଜ ପାଖରେ ରଖିଥିଲା ଯେଉଁଥିରେ ୪୦୦-୫୦୦ କିଲୋଟନ ପରମାଣୁ ବୋମାଥିଲା , ଯାହା ଚୀନଠାରୁ ୬ଗୁଣା ଅଧିକା ହେବ । ଆମେରିକା ଏସବୁକୁ ଭୟ କରୁଥିବା ହେତୁ ୧୯୯୪ରେ ବୁଦାପେଷ୍ଟ ବୁଝାମଣାରେ ୟୁକ୍ରେନକୁ ରାଜିକରାଇ ଅସ୍ତ୍ରଶସ୍ତ୍ର ଧ୍ୱଂସ କରାଇଥିଲା । ଏବେ ଆମେରିକା, ବ୍ରିଟେନ ଓ ରୁଷିଆ ଯେପରି ଧୋକା ଦେଲେ ସେଥିରୁ ଅନେକ କିଛି ଶିକ୍ଷା କରିବାର ରହିଛି । କଥାରେ କହନ୍ତି ମଦଘଡା, କାମ ସରିଲେ ଗଡଗଡା । ସେମିତି ବଡ ଦେଶଗୁଡିକ କିପରି ନିଜର ସ୍ୱାର୍ଥପାଇଁ ଗୋଟିଏ ଗୋଟିଏ ଦେଶକୁ ନଷ୍ଟ କରିଦିଅନ୍ତି, ତାହା ୟୁକ୍ରେନ ଘଟଣାରୁ ବେଶ ସ୍ପଷ୍ଟ ।



ଆମେରିକା, ବ୍ରିଟେନ ସମ୍ବିଧାନ ସଂଶୋଧନ କରି ଆଗାମୀ ୧୫ବର୍ଷ ପାଇଁ କ୍ଷମତାରେ ରହିବାକୁ ବ୍ୟବସ୍ଥା କରିସାରିଲା ପରେ ରୁଷିଆର ରାଷ୍ଟ୍ରପତି ପୁଟିନ ନିଜର ଶକ୍ତି ପ୍ରଦର୍ଶନ କରିବାକୁ ବାହାରିଛନ୍ତି । ଗୋଟିଏ ପଟେ ୟୁରୋପକୁ ଗ୍ୟାସ ଯୋଗାଣର ଅନିଶ୍ଚିତତା ଆଗାମୀ ଦିନରେ ରୁଷିଆର ଅର୍ଥନୀତିକୁ ଆହୁରି ଅଧିକ ସଂକୁଚିତ କରିବ । ସେ ପରିସ୍ଥିତିରେ ଚୀନଠାରୁ ଆବଶ୍ୟକ ଅର୍ଥ ନେଇ ନିଜ ଦେଶର ସ୍ଥିତିକୁ ସଜାଡିବା ପାଇଁ ପୁଟିନ ପ୍ରୟାସ କରିପାରନ୍ତି । କାରଣ ତାଙ୍କ ପରି ଜିନ୍‌ପିଙ୍ଗ୍ ମଧ୍ୟ ଚୀନର ସମ୍ବିଧାନରେ ସଂଶୋଧନ ଆଣି ଆଗକୁ ଦୀର୍ଘ ବର୍ଷଯାଏ କ୍ଷମତାରେ ରହିପାରିଲା ଭଳି ବ୍ୟବସ୍ଥା କରିସାରିଛନ୍ତି । ଯେହେତୁ ଆଗାମୀ ଦିନରେ ଉଭୟ ଚୀନ ଓ ରୁଷିଆରେ କୌଣସି ପ୍ରକାର କ୍ଷମତା ପରିବର୍ତ୍ତନର ସମ୍ଭାବନା ନାହିଁ, ତେଣୁ ଦୁଇରାଷ୍ଟ୍ର ମଧ୍ୟରେ ସଂପର୍କ ବୃଦ୍ଧି ପାଇବ ନିଶ୍ଚୟ । ସେହି ପରିବର୍ତ୍ତିତ ସ୍ଥିତିରେ ପାକିସ୍ଥାନ ଓ ଇରାନ ରୁଷିଆର ନିକଟବର୍ତ୍ତୀ ହୋଇ ଆଫଗାନିସ୍ଥାନକୁ କେନ୍ଦ୍ରକରି ନିଜର କାର୍ଡ ଖେଳିପାରନ୍ତି । ନିୟନ୍ତ୍ରଣକୁ ନ ଆସିଲେ ପାକ୍-ଚୀନ, ରୁଷିଆ-ଇରାନ ତାଲିବାନ ସରକାରକୁ କ୍ଷମତାରୁ ହଟାଇ ସେଠାରେ ନିଜ ସମର୍ଥକ ସରକାର ଆଣିପାରନ୍ତି । ଭାରତ ପାଇଁ ଅସୁବିଧା ହେଉଛି ଏହି ମେଣ୍ଟ ଉଭୟ କାଶ୍ମୀର ଏବଂ ଅରୁଣାଚଳକୁ ସ୍ୱାଧୀନ ବୋଲି ଘୋଷଣା କରି ନିଜ ଦେଶରେ ମିଶାଇବାକୁ ଚେଷ୍ଟା କରିବାର ସମ୍ଭାବନା । କାରଣ ଇମରାନଙ୍କ ଠିକ୍ ଗସ୍ତ ପୂର୍ବରୁ ରୁଷିଆର ଗଣମାଧ୍ୟମଗୁଡିକରେ କାଶ୍ମୀରକୁ ବିବାଦୀୟ ଏବଂ ଭାରତର କବ୍‌ଜାରେ ରହିଥିବା ନେଇ ପାକ୍‌ର ନୀତିକୁ ସମର୍ଥନ କଲାପରି ଲେଖା ପ୍ରକାଶ ପାଇଥିଲା । ଅଳ୍ପ କେଇଦିନ ପୂର୍ବରୁ ଭାରତର ସବ୍‌ମେରିନ୍ ପ୍ରକଳ୍ପ ନିର୍ମାଣରୁ ରୁଷିଆ ନିଜକୁ ବାହାର କରିନେବା ବିଷୟ ଘୋଷଣା କରିଥିଲା । ଏବେ ମହାକାଶରେ ଥିବା ୫୦୦ଟନ୍ ବିଶିଷ୍ଟ ସ୍ପେସ୍ ଷ୍ଟେସନକୁ ଚୀନ କିମ୍ବା ଭାରତ ଉପରେ ପକାଇ ଦେଇ କ୍ଷୟକ୍ଷତି କରିବା ଧମକ ଦେଇଛନ୍ତି ରୁଷିଆର ଅଧିକାରୀ । କାଳରେ ପାକ୍ ପ୍ରଧାନମନ୍ତ୍ରୀ ଇମରାନଙ୍କୁ ମସ୍କୋରେ ସାକ୍ଷାତ କରିବା ପୁଟିନଙ୍କ ଆକସ୍ମିକ ଯୋଜନା ନୁହେଁ ବୋଲି ଭାରତକୁ ମାନିବାକୁ ପଡିବ । କାରଣ ରୁଷିଆଠାରୁ ପାକିସ୍ଥାନ ଗ୍ୟାସ କିଣିବାକୁ ପ୍ରସ୍ତାବ ଦେଉଥିବା ବେଳେ ଇଉରୋପ ସହ ସଂପର୍କ ଖରାପ ହେବା ସ୍ଥିତିରେ ପାକିସ୍ଥାନକୁ ପୁଟିନ ଗ୍ୟାସ ଯୋଗାଣ ପାଇଁ ସୁବିଧା ଦେଇପାରନ୍ତି । ଆରବରୁ ପେଟ୍ରୋଲ ଆମଦାନୀ କରିପାରୁନଥିବା ହେତୁ ଦେଶରେ ଥିବା ଗ୍ୟାସକୁ ବିଦ୍ୟୁତ ଉତ୍ପାଦନରେ ପାକିସ୍ଥାନ ବିନିଯୋଗ କରୁଛି । ରୁଷିଆ ଭାରତ ମହାସାଗରକୁ ଯୋଗାଯୋଗ ସଡକ ଦରକାର କରୁଥିଲା ବେଳେ କରାଚୀ ବନ୍ଦରକୁ ବ୍ୟବହାର କରିବାଲାଗି ପାକ୍ ସରକାର ରୁଷିଆ ନିକଟରେ ପ୍ରସ୍ତାବ ରଖିପାରନ୍ତି । କାରଣ କରାଚୀ ବନ୍ଦରରୁ ପଞ୍ଜାବ ପ୍ରଦେଶ ଯାଏଁ ଗ୍ୟାସ ପାଇପ ଲାଇନ ବିଛାଇବାରେ ରୁଷିଆ ସାହାଯ୍ୟ କରୁ ବୋଲି ପାକିସ୍ଥାନ ଚାହେଁ । ଗ୍ୱାଦରକୁ ଚୀନକୁ ଦେବା ପରେ ଯଦି ରୁଷିଆ କୌଣସିମତେ ସିପେକ୍ ପରି ଲମ୍ବା ସଡକ ଦ୍ୱାରା କରାଚୀ ବନ୍ଦର ସହ ଯୋଡି ହୋଇପାରେ, ତାହା ଭାରତ ପାଇଁ ଜଟିଳ ପରିସ୍ଥିତି ସୃଷ୍ଟି କରିବ ଏବଂ ଭାରତ ପାକ୍‌ର ନିୟନ୍ତ୍ରଣକୁ ଆସିଯିବ ବୋଲି ଇସଲାମାବାଦ ନେତୃବୃନ୍ଦ ମନେମନେ ଭାବୁଛନ୍ତି । ଏହି ଭାବନା ପଛରେ ବେଜିଂ ଲୋକଙ୍କ ପରାମର୍ଶ ନଥିବ ବୋଲି କୁହାଯାଇ ନପାରେ । କାରଣ ବିଆର୍‌ଆଇ ଯୋଜନା ଏବଂ ସମୁଦ୍ରପଥ ଯୋଜନା ଦ୍ୱାରା ଭାରତକୁ ଚୀନ ଘେରିବାକୁ ଦ୍ରୁତ ପ୍ରୟାସ କରୁଛି । ଶ୍ରୀଲଙ୍କା, ମ୍ୟାନମାର, ବଙ୍ଗଳାଦେଶ, ନେପାଳ, ମାଳଦ୍ୱୀପ ପରି ଭାରତର ସବୁ ସହଯୋଗୀ ରାଷ୍ଟ୍ରରେ ପ୍ରବଳ ଭାରତ ବିରୋଧୀ ପ୍ରଚାର ଚଳାଇବାଲାଗି ପୁଞ୍ଜି ଖଟାଉଛି । ଗଣମାଧ୍ୟମଠାରୁ ଆରମ୍ଭକରି ବୁଦ୍ଧିଜୀବୀ ଏବଂ ରାଜନେତାମାନଙ୍କୁ ନିଜ ସପକ୍ଷରେ ନେବାପାଇଁ ଅହରହ ଉଦ୍ୟମ କରୁଛି ।

ଭାରତ କ୍ୱାଡରେ ଯୋଗଦାନ ନକରିବା ପାଇଁ ଉଭୟ ଚୀନ ଓ ରୁଷିଆ ପକ୍ଷରୁ ଭାରତ ଉପରେ ଚାପ ପ୍ରୟୋଗ କରାଯାଇଥିଲା । ୟୁକ୍ରେନରେ ନାଟୋ ବାହିନୀର ରାଷ୍ଟ୍ରଗୁଡିକ ମଧ୍ୟରେ ସହଯୋଗର ଦୁର୍ବଳତା ଲକ୍ଷ୍ୟ କଲାପରେ ଚୀନ ଏବେ ରୁଷିଆ ମାର୍ଗରେ ଯାଇ ତାଇୱାନକୁ ନିଜ ଦେଶରେ ଜୋର କରି ମିଶାଇବାକୁ ଚେଷ୍ଟା କରିବ । ପୂର୍ବରୁ ରୁଷିଆର ରାଷ୍ଟ୍ରପତି ବେଜିଂ ଅଲିମ୍ପିକ ବେଳେ ତାଇୱାନକୁ ଚୀନର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଘୋଷଣା କରିଥିଲେ । ସେମିତି ଭାରତକୁ ଧମକ ଦେବାପାଇଁ ରୁଷିଆ କାଶ୍ମୀର ପାକ୍‌ର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଆଗାମୀ ଦିନରେ ଯଦି ଘୋଷଣା କରେ ସେଥିରେ ଅଧିକ ବିସ୍ମିତ ହେବାର କିଛି ନାହିଁ । ଚୀନ ଓ ରୁଷିଆରେ ଏକ ଦଳର ସରକାର, ଏକ ରାଷ୍ଟ୍ରପତିଙ୍କ ସରକାର ଚାଲୁଥିଲା ବେଳେ ପାକ୍‌ରେ ଆଇଏସ୍‌ଆଇ ଅନୁମୋଦିତ ସରକାର ଆଜିଯାଏ ଚାଲିଆସିଛି । ଗଣତନ୍ତ୍ର ବିରୋଧୀ ଏ ପ୍ରକାର ଶକ୍ତିସବୁ ଗଣତାନ୍ତ୍ରିକ ରାଷ୍ଟ୍ରକୁ ଦୁର୍ବଳ କରିବାକୁ ଚେଷ୍ଟା କରିବେ । ୟୁକ୍ରେନ- ରୁଷିଆ ସଂଘର୍ଷ ଭାରତ ପାଇଁ ତଣ୍ଟିରେ କଣ୍ଟା ଅଟକିଲା ପରି କଥା । କାରଣ ଦୁଇଦେଶଙ୍କ ସହ ସଂପର୍କ ଭଲ ଥିଲାବେଳେ ଭାରତ ଖୋଲାଖୋଲି କୌଣସି ଗୋଟିଏ ପକ୍ଷରେ ରହିପାରିବ ନାହିଁ । ଅନ୍ୟପଟେ ଦୀର୍ଘଦିନ ଧରି ପ୍ରତିରକ୍ଷା ସାମଗ୍ରୀର ନିର୍ଭରଶୀଳତା ରୁଷିଆ ଉପରେ ରହିଥିବାରୁ ରୁଷିଆର କାର୍ଯ୍ୟ ବିରୋଧରେ ମଧ୍ୟ ଭାରତ ଯାଇପାରିବ ନାହିଁ । ୟୁକ୍ରେନ ଯୁଦ୍ଧ କାଳରେ ଯେମିତି ଆଫଗାନିସ୍ଥାନର ଆମେରିକା ଅସ୍ତ୍ରଶସ୍ତ୍ର କାଶ୍ମୀରରେ ଧରାପଡୁଛି, ସେମିତି ଆଗାମୀ ଦିନରେ ରୁଷିଆର ଅସ୍ତ୍ର ଦେଖିଲେ କେହି ବିସ୍ମିତ ହେବା ଅନୁଚିତ । ପୃଥିବୀର ସବୁଦେଶ ନିଜନିଜର ଭୂ-ରାଜନୈତିକ ସ୍ୱାର୍ଥପାଇଁ ବନ୍ଧୁତାର ପରିଭାଷା ଆନ୍ତର୍ଜାତିକ ସ୍ତରରେ ବଦଳାଇବାରେ ଲାଗିଛନ୍ତି । ସେପରି ଜଟିଳତା ଆସିଲେ ସମ୍ମୁଖୀନ ହେବାପାଇଁ ଭାରତକୁ ଏବେଠାରୁ ପ୍ରସ୍ତୁତ ହେବାକୁ ପଡିବ । କାରଣ ୧୯୬୨ ଯୁଦ୍ଧରେ ରୁଷିଆ ଭାରତକୁ ଧୋକାଦେବା କଥା କେହି ଭୁଲିନାହାନ୍ତି । ସେମିତି ରୁଷିଆ ଏବେ ୟୁକ୍ରେନକୁ ଧୋକା ଦେଲେ କିଛି ବିସ୍ମିତ ହେବାପରି କାର୍ଯ୍ୟ କଲାନାହିଁ ବୋଲି ଧରିବାକୁ ହେବ । ଏହା ରୁଷିଆର ଇତିହାସର ପୁନରାବୃତ୍ତି । କିନ୍ତୁ ୟୁକ୍ରେନ ନିଜର ସବୁକିଛି ଥାଇ ମିଛରେ ଆମେରିକା ଏବଂ ରୁଷିଆକୁ ଆଜିଯାଏ ଭରସା କରି ଠକି ହେଲା । ଏହି ଲଢେଇ ପଛରେ ରୁଷିଆ-ଜର୍ମାନୀ ଗ୍ୟାସ ଯୋଗାଣ ମୁଖ୍ୟବୋଲି କେତେକ କହନ୍ତି, ଯାହା ଜର୍ମାନୀକୁ ଜଣାଥିବା ହେତୁ ମୂଳରୁ ଅସ୍ତ୍ରଶସ୍ତ୍ର ନପଠାଇବା ପାଇଁ କହିଛି । ଚଳିତ ମାସ ପରିସ୍ଥିତି ସଂପର୍କରେ ଆଲୋଚନା ପାଇଁ ଜର୍ମାନୀ ଚାନସେଲର ଉଭୟ ବାଇଡେନ ଓ ପୁଟିନଙ୍କୁ ସାକ୍ଷାତ କରିଥିଲେ । ଇଉରୋପର ଆବଶ୍ୟକ ୩୦ପ୍ରତିଶତ ତୈଳ ଏବଂ ୩୫ ପ୍ରତିଶତ ଗ୍ୟାସ୍ ରୁଷିଆରୁ ଯାଇଥାଏ । ଇଉରୋପ -ରୁଷିଆ ଦୂରତା ବଢିଲେ ସେମାନେ ଆମେରିକା ଉପରେ ନିର୍ଭରଶୀଳ ହୋଇ ଅଧିକ ତୈଳ ଏବଂ ଗ୍ୟାସ କିଣିବେ । ଏହାଦ୍ୱାରା ଆମେରିକାର ଲାଭହେବ । କଟକଣା ଲଗାଇବା ବାହାନାରେ ଆମେରିକା ଇଉରୋପର ସ୍ୱାଭାବିକ ସଂପର୍କକୁ ନଷ୍ଟକରିବ । ଅତୀତରେ ୟୁକ୍ରେନକୁ ଏହି ଲକ୍ଷ୍ୟରେ ଢେର ପ୍ରତିରକ୍ଷା ସାମଗ୍ରୀ ବିକ୍ରି କରି ଆମେରିକା ଲାଭବାନ ହୋଇଛି । ଯଦି ଅସ୍ଥିରତାକୁ ଅର୍ଥ ରୋଜଗାର ପାଇଁ ଆମେରିକା ଲକ୍ଷ୍ୟ ରଖିଥାଏ ତେବେ ଆଗାମୀ ଦିନରେ ତାକୁ ପରିଣାମ ଭୋଗିବାକୁ ହେବ । ଏପରିକି ନାଟୋ ମେଣ୍ଟରେ ମଧ୍ୟ ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ, ଯାହାର ସୂଚନା ପୂର୍ବରୁ ମିଳିଛି । ୟୁକ୍ରେନ ପରେ ଫିନ୍‌ଲାଣ୍ଡ ଏବଂ ସ୍ୱିଡେନ ରୁଷିଆର ଟାର୍ଗେଟରେ ରହିବେ ବୋଲି ପୁଟିନ ଘୋଷଣା କରିସାରିଲେଣି । ସେ ଦୁଇ ଦେଶକୁ ନାଟୋ ମେଣ୍ଟରେ ସାମିଲ ନହେବାକୁ ଚେତାବନୀ ଦେଇଛନ୍ତି । ଆଗାମୀ ଦିନରେ କ୍ୱାଡଗୋଷ୍ଠୀକୁ ଦୁର୍ବଳ କରିବାକୁ ଭାରତକୁ ମଧ୍ୟ ରୁଷିଆ ଧମକ ଦେବାର ସମ୍ଭାବନା ରହିଛି । ଏପରିକି ଆମେରିକାଠାରୁ ଦୂରେଇ ରହିବାକୁ କହି ପ୍ରତିରକ୍ଷା ସାମଗ୍ରୀ ଯୋଗାଣରେ ସମସ୍ୟା ସୃଷ୍ଟି କରିପାରେ ଯେମିତି ଏସ୍-୪୦୦ ଯୋଗାଣରେ ଅଯଥା ବିଳମ୍ବ କରିଆସୁଛି । ସେସବୁ ଦୃଷ୍ଟିରୁ ଏହି ଯୁଦ୍ଧରୁ ଭାରତକୁ ଅନେକ କିଛି ଶିକ୍ଷା କରିବାକୁ ହେବ ।

**-ସୌମେନ୍ଦ୍ର ଜେନା**
*ଭାରତୀୟ ସମ୍ବାଦ ସେବା (ଭାସ୍), ଭୁବନେଶ୍ୱର-୭୫୧୦୦୩*

# ହେମାନନ୍ଦ ବାବୁ : ସ୍କୁଲ ଶିକ୍ଷକରୁ ମୁଖ୍ୟମନ୍ତ୍ରୀ ପାଞ୍ଚ ଦଶନ୍ଧିର ଯାତ୍ରା





ଓଡ଼ିଶା ରାଜନୀତିର ଇତିହାସରେ ଚିରକାଳ ପାଇଁ ସ୍ମରଣୀୟ ହୋଇ ରହିବେ ସ୍ୱର୍ଗତଃ ହେମାନନ୍ଦ ବିଶ୍ୱାଳ। ତାଙ୍କ ପ୍ରାରମ୍ଭିକ ଜୀବନ ଭାବେ ସେ ଜଣେ ସ୍କୁଲ ଶିକ୍ଷକ ଥିଲେ। ଶିକ୍ଷକତାରୁ ରାଜନୀତିକୁ ଆସିଲେ ଓ ପଞ୍ଚାୟତ ସମିତି ସଦସ୍ୟ ହୋଇ କିରିମିରା ପଞ୍ଚାୟତ ସମିତିର ଅଧ୍ୟକ୍ଷ ହେଲେ। ୧୯୭୨ରେ ସେ କିରିମିରା ବ୍ଲକ ଅଧ୍ୟକ୍ଷ ହେଲାପରେ ୧୯୭୪ରେ ଲଇକେରା ବିଧାନସଭା ଆସନରୁ ନିର୍ବାଚିତ ହେଲେ। ସେବେଠାରୁ ଯାତ୍ରା ଆରମ୍ଭ ହେଲା ଯେ ଜୀବନର ଶେଷ ପର୍ଯ୍ୟନ୍ତ ରାଜନୈତିକ କାର୍ଯ୍ୟଧାରାରେ ରହିଲେ। ନିଜ ଅଞ୍ଚଳର ଲୋକଙ୍କ ସହ ନିରବଚ୍ଛିନ୍ନ ଭାବେ ରହିବାକୁ ଭଲ ପାଉଥିବା ଏହି ଦିବଂଗତ ନେତା ତାଙ୍କ ରାଜନୈତିକ ଜୀବନରେ ମାଟି ମା'କୁ ଭୁଲିନଥିଲେ। ଜନ୍ମମାଟି ପ୍ରତି ଅତୁଟ ମୋହ ତାଙ୍କୁ ସବୁ ସମୟରେ ଗାଁ ସହିତ ବାନ୍ଧି ରଖିଥିଲା। ୨୦୧୪ ପରେ ସେ ଗାଁକୁ ଫେରିଯାଇ ନିରାଡମ୍ବର ଭାବେ ଜୀବନଯାପନ କରୁଥିଲେ। ତାଙ୍କ ପରିବାର ଏକ ବଡ଼ ଚାଷୀ ପରିବାରର ହୋଇଥିବାରୁ ନିରନ୍ତର ସେ ଚାଷକାର୍ଯ୍ୟ ସହିତ ମଧ୍ୟ ଜଡ଼ିତ ଥିଲେ। ହେମାନନ୍ଦ ବିଶ୍ୱାଳଙ୍କ ମୁଖ୍ୟମନ୍ତ୍ରୀତ୍ୱ ଓଡ଼ିଶା ରାଜନୀତିରେ ବେଶ ଚର୍ଚ୍ଚିତ ଘଟଣା। ଦୁଇଥର ସେ କଂଗ୍ରେସ ମୁଖ୍ୟମନ୍ତ୍ରୀ ହୋଇଥିଲା ବେଳେ ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ପରେ ସରକାର ବଦଳିଥିଲା। ୧୯୮୯ରେ ସେ ମୁଖ୍ୟମନ୍ତ୍ରୀ ହୋଇଥିଲେ ଓ ୧୯୯୦ ନିର୍ବାଚନରେ ଜନତାଦଳ କ୍ଷମତାକୁ ଆସିଥିଲା। ସେହିପରି ୧୯୯୯ରେ ସେ ମୁଖ୍ୟମନ୍ତ୍ରୀ ହୋଇଥିଲେ ଓ ୨୦୦୦ ନିର୍ବାଚନରେ ବିଜେଡ଼ି କ୍ଷମତାକୁ ଆସିଥିଲା। ୧୯୯୦ ମସିହାରେ ସେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିଲା ପରେ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୦୦ ମସିହାରେ ସେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିଲା ପରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହୋଇଥିଲେ। କୁହାଯାଏ, ହେମାନନ୍ଦ ହେଉଛି ଉଭୟ ବିଜୁ ଓ ନବୀନଙ୍କ ପାଇଁ ଶୁଭ।

ହେମାନନ୍ଦ ଓଡ଼ିଶାର ପ୍ରଥମ ଆଦିବାସୀ ମୁଖ୍ୟମନ୍ତ୍ରୀ ହେବାର ଗୌରବ ସହିତ ପଶ୍ଚିମ ଓଡ଼ିଶାରୁ ପ୍ରଥମ କଂଗ୍ରେସ ମୁଖ୍ୟମନ୍ତ୍ରୀ ହେବାର ଗୌରବ ମଧ୍ୟ ପାଇଥିଲେ। ତାଙ୍କ ପୂର୍ବରୁ ପଶ୍ଚିମ ଓଡ଼ିଶାରୁ ରାଜେନ୍ଦ୍ର ନାରାୟଣ ସିଂହଦେଓ ଅଣକଂଗ୍ରେସ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସମାଜରେ ଅବହେଳିତ ବର୍ଗର ଲୋକଙ୍କ ଉନ୍ନତି ତଥା ରାଜ୍ୟର ସାମୂହିକ ପ୍ରଗତି ପାଇଁ ଅବଦାନ ନିମନ୍ତେ ସେ ସ୍ମରଣୀୟ ରହିବେ। ରାଜ୍ୟର ବିକାଶ ବିଶେଷ ଭାବରେ ଜନଜାତିଙ୍କ ପାଇଁ ତାଙ୍କର ବିଶେଷ ଅବଦାନ ନିମନ୍ତେ ସେ ଚିରସ୍ମରଣୀୟ ହୋଇ ରହିବେ। ସମଗ୍ର ଦେଶରେ ଜଣେ ଅଗ୍ରଣୀ ଆଦିବାସୀ ନେତା ରୂପେ ପରିଚିତ ହେମାନନ୍ଦ ବିଶ୍ୱାଳ ଓଡ଼ିଶାର ପ୍ରଥମ ଆଦିବାସୀ ମୁଖ୍ୟମନ୍ତ୍ରୀ ହେବାର ଗୌରବ ପାଇଛନ୍ତି। ରାଜନୈତିକ ଜୀବନରେ ସେ ଶେଷ ପର୍ଯ୍ୟନ୍ତ ଦଳ ଛାଡ଼ି ନଥିଲେ। କଂଗ୍ରେସରୁ ରାଜନୈତିକ ଜୀବନ ଆରମ୍ଭ କରି ସେହିଥିରେ ହିଁ ରହିଥିଲେ। ତାଙ୍କ ଅମ୍ଳାନ ଆତ୍ମାର ସଦ୍‌ଗତି କାମନା ସହ ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମ୍ବେଦନା ଜଣାଉଛି।

**ବାଦଲ ଭୂୟାଁ,** ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼୍, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨,
E-mail : badal009bhuyan@gmail.com

# ୫ନମ୍ବର ଜୋନର ୮ଟି ପଞ୍ଚାୟତରେ ବିଜୟୀ ସରପଞ୍ଚ ଓ ସମିତିସଭ୍ୟ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକର ୫ନମ୍ବର ଜୋନରେ ଇନ୍ଦୁପୁର, ଧୂମାତ, ଘାଘରା, ଚାରିଗାଁ, ନିକିରାଇ, ଢୋଲ, କୁତୁରଙ୍ଗ, କୋରୋ ପ୍ରଭୃତି ୮ଟି ପଞ୍ଚାୟତ ରହିଛି। କେନ୍ଦ୍ରାପଡା କଲେଜରେ ପ୍ରଥମ ପର୍ଯ୍ୟାୟରେ ଏହି ଜୋନର ଭୋଟ ଗଣନା ଗତ ଶନିବାର ଅନୁଷ୍ଠିତ ହୋଇ ରବିବାର ସକାଳେ ଫଳାଫଳ ପ୍ରକାଶ ପାଇଛି। କେନ୍ଦ୍ରାପଡା ବ୍ଲକ ବିଡିଓ ତଥା ନିର୍ବାଚନ ଅଧିକାରୀଙ୍କ ଘୋଷଣା ଅନୁଯାଇ ଇନ୍ଦୁପୁର ପଞ୍ଚାୟତରେ ସରପଞ୍ଚ ଭାବେ ପ୍ରଦିପ୍ତରଞ୍ଜନ ସୂତାର ୯୫୯ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରଫୁଲ୍ଲ କୁମାର ଦାସଙ୍କ ଠାରୁ ୨୬୩ଖଣ୍ଡ ଭୋଟ ଅଧିକ ପାଇଛନ୍ତି। ଧୂମାତ ପଞ୍ଚାୟତରେ ସରପଞ୍ଚ ଭାବେ ମଞ୍ଜୁଲତା ସେଠୀ ୧୧୪୯ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅନ୍ନପୂର୍ଣ୍ଣା ମଲିକଙ୍କ ଠାରୁ ୩ଶହ ଭୋଟ ଅଧିକ ପାଇଛନ୍ତି। ଘାଘରା ପଞ୍ଚାତରେ ସରପଞ୍ଚ ଭାବେ ପ୍ରିୟଦର୍ଶିନୀ ବିଶ୍ୱାଳ ୧୧୯୬ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଶକୁନ୍ତଳା ମଲିକଙ୍କ ଠାରୁ ୫୧୩ଖଣ୍ଡ ଭୋଟ ଅଧିକ ପାଇଛନ୍ତି। ଚାରିଗାଁ ପଞ୍ଚାୟତର ସରପଞ୍ଚ ଭାବେ ଭାରତୀ ମଲିକ ୧୦୭୯ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରଶ୍ମିତା ଆଟୋଇଙ୍କ ଠାରୁ ୩୨୪ଖଣ୍ଡ ଭୋଟ ଅଧିକ ପାଇଛନ୍ତି। ନିକିରାଇ ପଞ୍ଚାୟତର ସରପଞ୍ଚ ଭାବେ ଅପର୍ଣ୍ଣା ଉଡାନସିଂ ୨୮୩୫ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ହେମଲତା ମଲିକଙ୍କ ଠାରୁ ୧୬୨୧ଖଣ୍ଡ ଭୋଟ ଅଧିକ ପାଇଛନ୍ତି। ଢୋଲ ପଞ୍ଚାୟତର ସରପଞ୍ଚ ଭାବେ ପ୍ରଫୁଲ୍ଲ ମଲିକ ୧୦୯୦ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମନୋରଞ୍ଜନ ଜେନାଙ୍କ ଠାରୁ ୨୯୪ଖଣ୍ଡ ଭୋଟ ଅଧିକ ପାଇଛନ୍ତି। କୁତୁରଙ୍ଗ ପଞ୍ଚାୟତର ସରପଞ୍ଚ ଭାବେ ଚିତରଞ୍ଜନ ଜେନା ୬୮୮ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ନରୋତ୍ତମ ମଲିକଙ୍କ ଠାରୁ ୨୧୮ଖଣ୍ଡ ଭୋଟ ଅଧିକ ପାଇଛନ୍ତି। କୋରୋ ପଞ୍ଚାୟତର ସରପଞ୍ଚ ଭାବେ ଦୀପାଞ୍ଜଳୀ ଜେନା ୧୮୪୭ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ନନ୍ଦିନୀ ପ୍ରଭା ପାତ୍ରଙ୍କ ଠାରୁ ୪୩୯ଖଣ୍ଡ ଭୋଟ ଅଧିକ ପାଇଛନ୍ତି। ସେହିପରି ଘାଘରା ପଞ୍ଚାତରେ ସମିତିସଭ୍ୟ ଭାବେ କୁଞ୍ଜ ବିହାରୀ ସ୍ୱାଇଁ ୮୭୧ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଶ୍ୱନାଥ ପରିଡାଙ୍କ ଠାରୁ ୧୪୯ଖଣ୍ଡ ଭୋଟ ଅଧିକ ପାଇଛନ୍ତି। ଚାରିଗାଁ ପଞ୍ଚାୟତର ସମିତିସଭ୍ୟ ଭାବେ ମମତା ରାଉତ ୭୦୫ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମଞ୍ଜୁଲତା ମଲିକଙ୍କ ଠାରୁ ୪ଖଣ୍ଡ ଭୋଟ ଅଧିକ ପାଇଛନ୍ତି। ନିକିରାଇ ପଞ୍ଚାୟତର ସମିତିସଭ୍ୟ ଭାବେ ପ୍ରିୟମ୍ବଦା ଦାସ ୨୪୨୯ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭକ୍ତରଞ୍ଜନ ଜେନାଙ୍କ ଠାରୁ ୧୦୪୯ଖଣ୍ଡ ଭୋଟ ଅଧିକ ପାଇଛନ୍ତି। ଢୋଲ ପଞ୍ଚାୟତର ସମିତିସଭ୍ୟ ଭାବେ ଅକ୍ଷୟ କୁମାର ସାହୁ ୧୦୩୫ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କାର୍ତ୍ତିକ ଚନ୍ଦ୍ର ପଣ୍ଡାଙ୍କ ଠାରୁ ୨୫୪ଖଣ୍ଡ ଭୋଟ ଅଧିକ ପାଇଛନ୍ତି। କୁତୁରଙ୍ଗ ପଞ୍ଚାୟତର ସମିତିସଭ୍ୟ ଭାବେ ମିନତୀ ଦାସ ୪୭୯ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଶଶୀରେଖା ଜେନାଙ୍କ ଠାରୁ ଏକଶହ ଖଣ୍ଡ ଭୋଟ ଅଧିକ ପାଇଛନ୍ତି। କୋରୋ ପଞ୍ଚାୟତର ସମିତିସଭ୍ୟ ଭାବେ ଜୀତେନ୍ଦ୍ର ରାଉତ୧୬୫୩ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଭୂତି ନାୟକଙ୍କ ଠାରୁ ୩୦୧ଖଣ୍ଡ ଭୋଟ ଅଧିକ ପାଇଛନ୍ତି।

# ପିସିସି ଅନୁସୂଚୀତ ଜାତି ବିଭାଗ ବୈଠକରେ ବୁଥ ସ୍ତରରେ ଡିଜିଟାଲ ସଭ୍ୟ ସଂଗ୍ରହ ପାଇଁ ପ୍ରସ୍ତୁତି

ଭୁବନେଶ୍ୱର (ପିଏନ୍)-ନିଖିଳ ଭାରତ କଂଗ୍ରେସ କମିଟି ଅନୁସୂଚୀତ ଜାତି ବିଭାଗ କାର୍ଯ୍ୟକାରିଣୀରେ ବୈଠକରେ ନିଷ୍ପତି ଅନୁଯାୟୀ ପ୍ରତ୍ୟେକ ବୁଥ ସ୍ତରରେ ଡିଜିଟାଲ ସଭ୍ୟ ସଂଗ୍ରହ ପାଇଁ ପ୍ରଦେଶ କଂଗ୍ରେସ ଅନୁସୂଚୀତ ଜାତି ବିଭାଗ ବୈଠକରେ ଅଧ୍ୟକ୍ଷ ଶ୍ରୀଯୁକ୍ତ ବାଙ୍କନିଧି ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ବୈଠକ ପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ହେମାନନ୍ଦ ବିଶ୍ୱାଳଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅଖିଳ ଭାରତ କଂଗ୍ରେସ ଅନୁସୂଚୀତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ବିଭାଗର ସଂଯୋଜକ କେ ରାଜୁଙ୍କ ନିର୍ଦ୍ଦେଶକ୍ରମେ ୪ ଗୋଟି ବିଭାଗ ସମନ୍ୱୟ ରକ୍ଷାକରି ତୃଣମୂଳ ସ୍ତରରେ କଂଗ୍ରେସ ସଂଗଠନକୁ ମଜବୁତ କରିବା ପାଇଁ ଏକ ବୈଠକରେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ପିସିସି ପଛୁଆବର୍ଗ ଅଧ୍ୟକ୍ଷ ଜ୍ଞାନଦେବ ବେଉରା ଓ ସଂଖ୍ୟା ଲଘୁ ବିଭାଗର ଅଧ୍ୟକ୍ଷ ଜିଆ ଉଲ ହକ ବୈଠକରେ ଯୋଗଦେଇ ସାଂଗଠନିକ ସଂପର୍କରେ ଆଲୋଚନା କରିଥିଲେ। ଅନୁସୂଚୀତ ଜାତି ବିଭାଗ ପକ୍ଷରୁ ଡିଜିଟାଲ ସଭ୍ୟ ପାଇଁ ପ୍ରତ୍ୟେକ ୪୦ ଗୋଟି ବୁଥରେ ଜଣଏ ଲେଖାଏ ଚିଫ୍ ଏନରୋଲର ପ୍ରତ୍ୟେକ ବୁଥ ସ୍ତରରେ ଜଣେ ପୁରୁଷ ଓ ଜଣେ ମହିଳା ଏନରୋଲର ନିଯୁକ୍ତି ପାଇଁ ନିଷ୍ପତି ନିଆଯାଇଅଛି। ଆସ'। ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ପ୍ରତ୍ୟେକ ବୁଥ ସ୍ତରରେ ଡିଜିଟାଲ ସଭ୍ୟ ସଂଗ୍ରହ କାର୍ଯ୍ୟ ସମାପ୍ତ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଅଛି। ଉକ୍ତ ବୈଠକରେ ପ୍ରଦେଶ କଂଗ୍ରେସ କମିଟି ସଭାପତି, ଶ୍ରୀ ନିରଂଜନ ପଟ୍ଟନାୟକ ଓ ଏଆଇସିସି ସଂପାଦକ ଶ୍ରୀ ଜି. ରୁଦ୍ର ରାଜୁ ଯୋଗଦେଇ ଚାରିଗୋଟି ବିଭାଗ ପରସ୍ପର ମଧ୍ୟରେ ସଂପର୍କ ରକ୍ଷାକରି ତୃଣମୂଳସ୍ତରରେ କାର୍ଯ୍ୟକ୍ରମକୁ ଆଗେଇନେବା ପାଇଁ ଆହ୍ୱାନ ଦେଇଥିଲେ ଏବଂ ଆଗାମୀ ଦିନରେ ଡିଜିଟାଲ ସଭ୍ୟ ସଂଗ୍ରହ ମାଧ୍ୟମରେ କିପରି ଅଧିକରୁ ଅଧିକ ସଭ୍ୟ ସଂଗ୍ରହ କରାଯାଇପାରିବ ସେଥିପ୍ରତି କଠିନ ପରିଶ୍ରମ କରିବାକୁ ପ୍ରେରଣା ଦେଇଥିଲେ। ଏହି ବୈଠକରେ ବିଜୟଲକ୍ଷ୍ମୀ ସାହୁ, ଗିରିବାଳା ବେହେରା, ଦୀନବନ୍ଧୁ ଅଧିକାରୀ, ଭୋକାଲି ସେଠୀ, ଭାଗିରଥି ବେହେରା, ବୈଦ୍ୟନାଥ ମହାନନ୍ଦିଆ, ସର୍ବେଶ୍ୱର ସେଠୀ, ସଚ୍ଚି ନାୟକ, ମନୋଜ ବାଗ, ମଂଟୁ ମଲ୍ଲିକ, ସଂକୁନା କହଁର, ସନ୍ତୋଷ କୁମ୍ଭାର, ତାପସ ସେଠୀ, ଜୟନ୍ତ ଭୋଇ, ଦେବେନ୍ଦ୍ର ଦାସ, ଦୁର୍ଯ୍ୟୋଧନ ହାନ୍ତାଳ, ଦୁର୍ଯ୍ୟୋଧନ ବେହେରା, ଶିବଶଙ୍କର ବେହେରା, ଉଲ୍ଲାସମଣି ମଲ୍ଲିକ, ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




## ଅଧ୍ୟାପକ ମାଧବାନନ୍ଦ ପଣ୍ଡାଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଇଂରାଜୀ ବିଭାଗ ପ୍ରାଧ୍ୟାପକ ସ୍ୱର୍ଗତ ମାଧବାନନ୍ଦ ପଣ୍ଡାଙ୍କ ଦ୍ୱାଦଶାହ ଅବସରରେ ତାଙ୍କ ନୟନବିହାରସ୍ଥିତ ବାସଭବନ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ବକ୍ତାମାନେ ସ୍ୱର୍ଗତ ପଣ୍ଡାଙ୍କୁ ଏକ ଉତ୍ତମ ମଣିଷ ସହ ଏକ ସଫଳ ସାହିତ୍ୟ ସ୍ରଷ୍ଟାରୂପେ ବୟାନ କରିଥିଲେ। ଇଂରାଜୀ ସାହିତ୍ୟରେ ଏକ ଅନନ୍ୟ ସୃଜନଶିଳ୍ପୀ ଭାବେ ଖ୍ୟାତି ଅର୍ଜନ କରିଥିଲେ ବୋଲି ବକ୍ତାମାନେ କହିଥିଲେ। ଶିଶୁ ସାହିତ୍ୟ, ଗଳ୍ପ, ଲଘୁ ଆଲୋଚନା ଓ ଉଭୟ ଇଂରାଜୀ ତଥା ସଂସ୍କୃତ କବିତାକୁ ଓଡିଆ ଭାଷାରେ ଅନୁବାଦ କରିବାରେ ତାଙ୍କର ଉଲ୍ଲେଖନୀୟ ଦକ୍ଷତାକୁ ବିରଳ ପ୍ରତିଭା ବୋଲି ବକ୍ତାମାନେ କହିଥିଲେ । ଏହି ସଭାରେ ତାଙ୍କ ପରିବାର, ପ୍ରତିବେଶୀ, ସହକର୍ମୀ, ଛାତ୍ରଛାତ୍ରୀ ଓ ସାହିତ୍ୟିକ ବନ୍ଧୁମାନେ ଶତାଧିକ ସଂଖ୍ୟାରେ ଉପସ୍ଥିତ ଥିଲେ । ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତିରେ ତାଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ତାଙ୍କ ଉଦ୍ଦେଶ୍ୟରେ ଏକ ସ୍ମରଣିକା ପ୍ରକାଶ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଇଚ୍ଛୁକ ବ୍ୟକ୍ତିମାନେ ସେଥି ପାଇଁ ଲେଖା ଓ ସ୍ମୃତି ଚିତ୍ର ପଠାଇବାକୁ ଅନୁରୋଧ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଏହି ସଭାରେ ପ୍ରେମାନନ୍ଦ ମିଶ୍ର, ଶତ୍ରୁଘ୍ନ ପାଣ୍ଡବ, ଅଜୟ ସାମଲ, କୈଳାସ ଚନ୍ଦ୍ର ବରାଳ, କୈଳାସ ଚନ୍ଦ୍ର ବରାଳ, ଡଃ. କୈଳାସ ଚନ୍ଦ୍ର ଲେଙ୍କା, ଡଃ. କାମଦେବ ପତି, ଭଗବାନ ପତ୍ରୀ, ତାପସ ପଣ୍ଡା, ଗୋପାଳ ଚନ୍ଦ୍ର ବେହେରା, ସୁରେଶ ଚନ୍ଦ୍ର ତ୍ରିପାଠୀ, ଅକ୍ଷୟ କୁମାର ନାୟକ, ହରେକୃଷ୍ଣ ବରାଳ, ଶୁଭାଂଶୁ ଦାସ, ବିଦ୍ୟୁଭୂଷଣ ଦାଶ ପ୍ରମୁଖ ଶ୍ରଦ୍ଧା ଜ୍ଞାପନ କରିଥିଲେ । ସ୍ୱର୍ଗତ ପଣ୍ଡାଙ୍କ ଉଦ୍ଦେଶ୍ୟରେ ଲିଖିତ କବିତାକୁ ପ୍ରଜ୍ଞା ପଣ୍ଡା ଆବୃତ୍ତି କରିଥିଲେ। ସମାପନୀ ସଂଗୀତ ପରିବେଷଣ କରିଥିଲେ ଗୋଲଖ ସେଠୀ । ଏହି ସଭାରେ ସଭାପତିତ୍ୱ କରିଥିଲେ ସ୍ୱର୍ଗତ ପଣ୍ଡାଙ୍କ ସତୀର୍ଥ ତଥା ସହକର୍ମୀ ଅଧ୍ୟାପକ ଦୁର୍ଯ୍ୟୋଧନ ପରିଡା । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅଧ୍ୟାପକ ତପନ କୁମାର ପତି । କେନ୍ଦ୍ରାପଡା କଲେଜର ପ୍ରାକ୍ତନ ଅଧ୍ୟକ୍ଷ ନନ୍ଦକିଶୋର ପରିଡା ଓ ପ୍ରାକ୍ତନ ଅଧ୍ୟାପିକା ଜ୍ୟୋତିର୍ମୟୀ ମହାପାତ୍ର ସଭାରେ ଉପସ୍ଥିତ ଥିଲେ । ଅଧ୍ୟାପକ ପ୍ରମୋଦ ଦାସ, ମାନଗୋବିନ୍ଦ ଷଡଙ୍ଗୀ, କଳିଙ୍ଗ କେଶରୀ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ ପ୍ରଦାନ କରିଥିଲେ । ଶେଷରେ ସ୍ୱର୍ଗତ ପଣ୍ଡାଙ୍କ ସାନଭାଇ ଅଧ୍ୟାପକ ସନ୍ତୋଷ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ନିର୍ବାଚନୀ ହିଂସା ଘଟଣାରେ ୮ ଗିରଫ

ବାଲେଶ୍ୱର (ପିଏନ୍)-ବାହାନଗା ବ୍ଲକ ତାଳପଦା ପଞ୍ଚାୟତରେ ଭୋଟ ଦେବାକୁ କେନ୍ଦ୍ର କରି ସଂଗଠିତ ନିର୍ବାଚନୀ ହିଂସାରେ ୨ ରାଜନିତିକ ଦୃଷ୍ଟିରୁ ୮ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଗତ ୨୪ ତାରିଖରେ ଭୋଟ ଚିହ୍ନକୁ କେନ୍ଦ୍ର କରି ୨ ଗୋଷ୍ଠୀ ମଧ୍ୟରେ ନିର୍ବାଚନୀ ହିଂସା କାଣ୍ଡ ଘଟି ଉଭୟ ପକ୍ଷରୁ ୮ ଜଣ ଆହତ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଥିଲେ । ଏ ବାବଦରେ କେସ ନଂ ୭୧/୨୨ ଓ ୭୨/୨୨୮ ଅନୁସାରେ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ୫ନମ୍ବର ଜିଲ୍ଲା ପରିଷଦ ଜୋନରେ ବିଜେଡି ପ୍ରାର୍ଥୀନୀ ଲିଲିତା ବିଜୟୀ



କେନ୍ଦ୍ରାପଡ଼ା (ପିଏନ୍): ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଫଳାଫଳ ରବିବାର ସକାଳେ ପ୍ରକାଶ ପାଇଛି । ସେହି ଅନୁଯାଇ କେନ୍ଦ୍ରାପଡା ବ୍ଲକ ୫ନମ୍ବର ଜୋନର ବିଜୁ ଜନତା ଦଳର ଜିଲ୍ଲା ପରିଷଦ ସଭ୍ୟ ପ୍ରାର୍ଥୀନୀ ଲିଲିତା ଦାସ ବିଜୟୀ ହୋଇଛନ୍ତି । ଲିଲିତା ମୋଟ ୧୨ହଜାର ୭୯୪ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ପଦ୍ମିନୀ ମଲିକଙ୍କୁ ୬ହଜାର ୮୫୯ ଭୋଟ ମିଳିଛି । ଲିଲିତା ୫ହଜାର ୯୩୫ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି । ଏହି ଜୋନରେ ଭାରତୀୟ ଜାତୀୟ କଂଗ୍ରେସ ପ୍ରାର୍ଥୀନୀ ଅନ୍ନପୂର୍ଣ୍ଣା ମଲିକ ୩ହଜାର ୯୧୭ ଭୋଟ ପାଇ ତୃତୀୟ ସ୍ଥାନରେ ଅଛନ୍ତି । ଏହି ଜୋନଟିରେ ପୂର୍ବ ନିର୍ବାଚନରେ ବିଜେପି ପ୍ରାର୍ଥୀ ବିଜୟ ହୋଇଥିଲେ । ଚଳିତ ଥର ବିଜେଡି ସେହି ଜୋନଟିକୁ ବିଜେପି ହାତରୁ ଛଡାଇ ନେଇଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ମାର୍ଚ୍ଚ ୦୪

# କାହାକୁ କହିବା, କପାଳରେ ସିନା ହାତ ଥୋଇବା !



"ସତ୍ୟମେବ ଜୟତେ"-ଏହି ମହାନ ଧ୍ୱନି ଭାରତର ରାଷ୍ଟ୍ରୀୟ ମାନ୍ୟତା ପ୍ରାପ୍ତ ବାକ୍ୟ ଭାବେ ସୁବିଦିତ। ଏହି ସୂକ୍ତିଟି ମୁଣ୍ଡକ ଉପନିଷଦରୁ ଉଦ୍ଧୃତ। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ମଦନମୋହନ ମାଳବ୍ୟ ଏହି ଧ୍ୱନିକୁ ଲୋକପ୍ରିୟ କରାଇ ୧୯୫୦ ମସିହାରେ ଏହାକୁ ରାଷ୍ଟ୍ରୀୟ ଧ୍ୱନି ଭାବେ ଘୋଷଣା କରାଇଥିଲେ। ମାତ୍ର ଦୁଃଖ ଓ ପରିତାପର ବିଷୟ ଆଜି ଏହି ଉକ୍ତି ସମାଜରୁ ପ୍ରାୟ ଲିଭିବାକୁ ଯାଉଛି। "ସତ୍ୟର ଜୟ ହେବ। ନିର୍ମଳ ବିଶ୍ଳେଷଣ ଦ୍ୱାରା ସମସ୍ୟାର କାରଣ ଆଲୋକକୁ ଆସିବ, ମନୁଷ୍ୟର ପବିତ୍ର ଆକାଂକ୍ଷା ଦିନେ ନା ଦିନେ ପୂର୍ଣ୍ଣ ହେବ"-ଏ ସମସ୍ତ ଭରସାର ବାଣୀ ଆଜି ସର୍ତ୍ତ ସାପେକ୍ଷ। ଆଜି ସମାଜରୁ ସତ୍ୟନିଷ୍ଠା ଧିରେ ଧିରେ ଉଭାଇବାରେ ଲାଗିଛି। ଭକ୍ତକବି ମଧୁସୁଦନ ତାଙ୍କ "ଜୀବନ ଚିନ୍ତା" କବିତାରେ ଲେଖିଛନ୍ତି- "ଧର୍ମର ପୁଣ୍ୟ ରାଜତ୍ୱ ପ୍ରଜ୍ଞାର ମହତ ତତ୍ତ୍ୱ , ହୁଏ ପରାହତ ପାପ ଗର୍ଜଇ ଭୈରବେ, ମୁକୁଟ ମଣ୍ଡିତ ରାଜଶୀର ନୁହଇ ଶାନ୍ତିର ଆସ୍ୱାଦ, ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ଫକୀର।" ଏ ମାର୍ମିକ ବାଣୀ ଜାଣି ସୁଦ୍ଧା ଆଜିର ନେତୃବର୍ଗ ନିଜର ସତ୍ତା ପାଇଁ ବିଭିନ୍ନ ଅନୈତିକ, ଅସତ୍ୟ, ଅନ୍ୟାୟ ଅତ୍ୟାଚାର, ପରଦ୍ରବ ଅପହରଣ ଇତ୍ୟାଦି କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଯଦି ଆମେ ପୁରାଣ ଯୁଗକୁ ଅବଲୋକନ କରିବା, ତେବେ ଆମେ ଅନୁଭବ କରିବା ସାଧକ ଯୋଗୀମାନଙ୍କର ଇଚ୍ଛାହିଁ କାର୍ଯ୍ୟରେ ପରିଣତ ହେଉଥିଲା। ଆଜିର ସମାଜରେ ଏବେ ଆଉ ସେ କାଳର ଚରିତ୍ରବାନ ଯୋଗୀ ନାହାଁନ୍ତି, କେବଳ ଭୋଗୀମାନଙ୍କର ସମାହାର। ବରଂ ଯୋଗୀ ବେଶଧାରୀ ଭୋଗୀଙ୍କ ସଂଖ୍ୟା ଅଧିକ।

ଆମ ଦେଶ ତଥା ରାଜ୍ୟରେ ଦୁର୍ଜନ, ବଳଶାଳୀ, କ୍ଷମତାପିପାସୁ ସ୍ୱାର୍ଥାନ୍ଧ ଲୋକଙ୍କର ମେଳା। ସେହିମାନେ ହିଁ ବିଷାକ୍ତ ବୃତ୍ତ ତିଆରି କରି ସମାଜକୁ କବଳିତ କରିଛନ୍ତି। ଧର୍ମାନ୍ଧତା, କୁସଂସ୍କାର, ଆଂଚଳିକତା, ଦଳୀୟ ସ୍ୱାର୍ଥ, ଦୁର୍ନୀତି ଏଭଳି କଳୁଷିତ ପରିବେଶ ତିଆରି କରିଛି ଯେ ତାରି ଭିତରେ ଅପାଠୁଆ ସରଳବିଶ୍ୱାସୀ ମଣିଷମାନେ ବିଭ୍ରାନ୍ତ ହୋଇ ଯାଉଛନ୍ତି। କୁସଂସ୍କାର ତଥା ଅନୀତିକୁ ଫିଙ୍ଗିପାରୁନାହାଁନ୍ତି; ବରଂ ଭିନ୍ନ ଭାବରେ ପରିପୁଷ୍ଟ କରୁଛନ୍ତି। ଦିନକୁ ଦିନ ଯଦିଓ ବିଜ୍ଞାନର ଅଭୂତପୂର୍ବ ଅଗ୍ରଗତି ଘଟୁଛି, ବୈଜ୍ଞାନିକ ଚେତନା ପରିପୁଷ୍ଟ ହେଉଛି, ଉନ୍ନୟନଶୀଳ ରାଷ୍ଟ୍ରରେ ମାନବାଧିକାର ଉପରେ ଗବେଷଣା ଚାଲିଛି, ଅନେକ ପୁସ୍ତକ ଲେଖାହେଉଛି; ମାତ୍ର ସାଧାରଣ ଲୋକ 'ଯେଉଁ ତିମିରେକୁ ସେଇ ତିମିରେ।' ଉଦ୍ୟମ ନାହିଁ କହିଲେ ହେବନି ମାତ୍ର ଉଦ୍ୟମ କେବଳ ସ୍ୱାର୍ଥାନ୍ୱେଷୀ ମଣିଷଙ୍କ ପାଇଁ। ବଳିଷ୍ଠ ନେତୃତ୍ୱ, ସଜ୍ଜନ ସଂଗଠନର ଅଭାବ। ଯେକୌଣସି ନିଆଁକୁ ଆଲୋକର ଆଖ୍ୟାଦେଇ କେତେକାଳ ଲୋକମାନଙ୍କୁ ଭଣ୍ଡେଇ ରଖାଯାଇପାରେ? ନିଆଁକୁ ଅଂଟିରେ ରଖିଲେ ଅଂଟି ପୋଡିଯାଏ। ପଚିଯାଇଥିବା କ୍ଷେତକୁ ଯେତେ ଘୋଡାଇ ରଖିଲେ ମଧ ତା'ର ଦୁର୍ଗନ୍ଧ ଦିଗନ୍ତବିସ୍ତାରି ଖେଳିଯାଇ ପରିବେଶ ପ୍ରଦୂଷିତ କରିଥାଏ। ଏବେ ରାଜନୈତିକ, ସାଂସ୍କୃତିକ, ଆର୍ଥିକ, ପାରିବାରିକ, ସାମାଜିକ ପ୍ରାକୃତିକ ସର୍ବୋପରି ନୈତିକ ପରିବେଶ ଯେଭଳି ଭାବରେ ପ୍ରଦୂଷିତ, ଏହା ଯଦିଓ କାହାକୁ ଅଛପା ନାହିଁ, ତଥାପି ସମସ୍ତେ ଛଳନାର ନାଟକ ଖେଳୁଛନ୍ତି। ବିଶେଷତଃ ଏହି ଗରିବ ବିକାଶଶୀଳ ରାଷ୍ଟ୍ରର ପ୍ରଦୂଷିତ ପରିବେଶକୁ ବିଭିନ୍ନ ମାର୍ଗରେ ଆହୁରି ସଂପ୍ରସାରିତ କରାଯାଉଛି। ନିର୍ଭୀକ, ନିରପେକ୍ଷ ମଣିଷ ସମାଜରେ ଅଛନ୍ତି; କିନ୍ତୁ ସେମାନେ ମୂକପ୍ରାୟ। ଆମ ସମ୍ବାଦପତ୍ର ଚତୁର୍ଥ ସ୍ତମ୍ଭର ମାନ୍ୟତା ପାଇ ସୁଦ୍ଧା ସାମ୍ବାଦିକମାନେ ଆଜି ମାଲିକର ହାତବାରସି ସାଜିବାକୁ ବାଧ ହେଉଛନ୍ତି। କାରଣ ଯେଉଁ ସମ୍ବାଦ ସଂସ୍ଥାରେ ସେମାନେ କାମ କରନ୍ତି, ସେ ସଂସ୍ଥାର ମାଲିକମାନଙ୍କର ନେତା ତଥା ସରକାରଙ୍କ ସହିତ ମଧୁଚନ୍ଦ୍ରିକା। ଯାହାର ରାଶି ରାଶି ନମୁନା ଦେଖିବାକୁ ମିଳୁଛି। ଆଜି କର୍ତ୍ତବ୍ୟରତ ସାମ୍ବାଦିକଙ୍କ ଉପରେ ବାରମ୍ବାର ଆକ୍ରମଣ ସତ୍ତ୍ୱେ ମାଲିକମାନଙ୍କର ନୀରବତା ରହିବା ଯୋଗୁଁ ଶ୍ରେଣୀସ୍ୱାର୍ଥ ଦୃଷ୍ଟିରୁ ଏକ ନିର୍ଦ୍ଦିଷ୍ଟ ପ୍ରୟୋଜନ ପାଇଁ କାଗଜ ବାଘ ତିଆରି ହୁଅନ୍ତି। ସେହି ସ୍ୱାର୍ଥାନ୍ୱେଷୀ ଲୋକଙ୍କର କାର୍ଯ୍ୟ ହାସଲ ହେବାପରେ ସେହି ବାଘକୁ ଡଷ୍ଟବିନକୁ ଫୋପଡାଯାଏ। ଏହିଭଳି ଅନେକ ଉଦାହରଣ ଇତିହାସରୁ ଶିକ୍ଷା ମିଳେ। ବର୍ତ୍ତମାନ ରାଜନୀତି ପ୍ରେକ୍ଷାଳୟରେ ଜନସାଧାରଣଙ୍କ ଚିନ୍ତା ଅପେକ୍ଷା ଶାସନାରୂଢ ନେତାମାନେ ବିରୋଧୀଙ୍କ ଅତିତକୁ ପୋଷ୍ଟମର୍ଟମ କରିବା ପାଇଁ ବ୍ୟଗ୍ର, ଯାହାର ଆଲୋଚନା ଓ ତର୍ଜମା କିଛି ମାନେ ରଖେନି। ମାତ୍ର ଅତିତରେ ଘଟିଥିବା କିଛି ସଫଳତାକୁ କହିବାକୁ ଭୁଲିଯାଇଥା'ନ୍ତି। କେବଳ ନିଜର ଶାସନକାଳର ଗୁଣାବଳୀ ଯାହା ଜନତାଙ୍କୁ ସୁହାଉ ବା ନ ସୁହାଉ ତାକୁ କହି ଚାଲିଥା'ନ୍ତି। ଏବଂ ମିଥ୍ୟା ପ୍ରତିଶ୍ରୁତିର ଉତ୍ତୁଙ୍ଗ ପାହାଡ ଗଢା କରିଥା'ନ୍ତି। ଯାହା କୁହନ୍ତି ତା'ର କାଣିଚାଏ ମଧ ପୂରଣ କରିନଥାନ୍ତି। ବର୍ତ୍ତମାନ ସମୟର ଆହ୍ୱାନ ହେଉଛି ପ୍ରକୃତ ସ୍ୱାଧୀନଚେତା ଦେଶପ୍ରେମୀ, ନିର୍ଭୀକ, ନିରପେକ୍ଷ ବୁଦ୍ଧିଜୀବୀମାନେ ଏହିପ୍ରକାର ପରିବେଶକୁ ପ୍ରଦୂଷଣମୁକ୍ତ କରିବାପାଇଁ ଅଂଟାଭିଡି ଆଗେଇ ଆସନ୍ତୁ। ନୀରବ ଦର୍ଶକ ହୋଇ ରହିବା ଅକ୍ଷମଣୀୟ ଅପରାଧ। ବିଧିବଦ୍ଧ ଯୋଜନା କରନ୍ତୁ, ଯେଭଳି ଏହି ବିଷବୃତ୍ତର ଘେର ଭଙ୍ଗା ହୋଇପାରିବ। ସାଧୁ ଲୋକଙ୍କର ସଂଗଠନ ଓ ସୁଚିନ୍ତିତ ଚିନ୍ତାଧାରା ଏ ସମାଜକୁ ବଦଳାଇ ଦେବ। ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟର ନେତୃତ୍ୱବୃନ୍ଦ ପରସ୍ପରକୁ କାଦୁଅଫିଙ୍ଗା ରାଜନୀତି ପରିହାର କରିବା ସହ ବାକ୍ ବିତଣ୍ଡା ନକରି ଦଳମତ ନିର୍ବିଶେଷରେ ସାଧାରଣ ଜନତାଙ୍କ ମଙ୍ଗଳ ଚିନ୍ତା କରିବା ସହ ଜନପ୍ରତିନିଧିମାନେ ଆପଣାର ସ୍ୱାର୍ଥ ଯାହା (ବ୍ୟକ୍ତିଗତ ବା ଦଳୀୟ) ହେଉକୁ ଅତିମାତ୍ରାରେ ଗୁରୁତ୍ୱ ନଦେବା ଦରକାର। କାରଣ ଏହାହିଁ ନୈତିକ ଅବକ୍ଷୟର କାରଣ। ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନଙ୍କ ଏଭଳି ଆଚରଣ ଯୋଗୁ 'କାହାକୁ କହିବା! କପାଳରେ ସିନା ହାତ ମାରିବା' ହିଁ ସାର ହୋଇଛି।

**-ଉମାଶଙ୍କର ପ୍ରସାଦ**, ସମ୍ପାଦକ, 'ମାର୍ଗଦର୍ଶୀ', ଖୋର୍ଦ୍ଧା, ମୋ: ୬୩୭୦୬ ୭୫୬୬୨

## ଆଜିର ଅନୁଚିନ୍ତା

ଏଇ ମନ ବ୍ୟୋମଯାନ ଓ ରକେଟ୍‌ଠାରୁ ମଧ ଗତିଶୀଳ ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ କରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।
E-mail: editorpbkc@gmail.com
9853400829 (M), Fax: 0674-2550504

# ମଧ୍ୟପ୍ରାଚ୍ୟରେ ଭାରତ

**ସୌମେନ୍ଦ୍ର ଜେନା**

ବଦଳୁଥିବା ପୃଥିବୀର ସମୀକରଣ ଭିତରେ ବିଦେଶନୀତିକୁ ସକ୍ରିୟ କରି ବାଣିଜ୍ୟିକ ଲକ୍ଷ୍ୟ ହାସଲ ଲାଗି ସବୁଦେଶ ଆଜି ପୃଥିବୀରେ କାର୍ଯ୍ୟ କରୁଛନ୍ତି । ଭାରତ ମଧ ଠିକ୍ ସେମିତି ପାଞ୍ଚ ଟ୍ରିଲିଅନ୍ ଡଲାରର ଅର୍ଥନୀତିର ଲକ୍ଷ୍ୟ ହାସଲ କରିବାକୁ ନିକଟରେ ବନ୍ଧୁରାଷ୍ଟ୍ରଗୁଡିକୁ ନିଜ ସହ ଅଧିକ ଯୋଡିବା ଉଦ୍ଦେଶ୍ୟରେ ଭିନ୍ନ ଭିନ୍ନ ଯୋଜନା ନେଇ କାର୍ଯ୍ୟ କରୁଛି । ଗତ ଦିନମାନଙ୍କରେ ମଧ୍ୟପ୍ରାଚ୍ୟରେ ନିଜ ବାଣିଜ୍ୟିକ ସ୍ଥିତିକୁ ସୁଧାରିବା ପାଇଁ ଭାରତ କେତେକ ଭଲ ପଦକ୍ଷେପ ନେଇଛି । ସେଥିରୁ ଗୋଟିଏ ହେଲା ବ୍ୟାପକ ଅର୍ଥନୀତିକ ସହଯୋଗୀ ବୁଝାମଣା ନେଇ ୟୁନାଇଟେଡ ଆରବ ଅମିରାତ (ଏମିରେଟ) ସହ ବୁଝାମଣା ସରିଛି । ଏହା ଗୋଟିଏ ମାସ ଭିତରେ କାର୍ଯ୍ୟକରିବ । ନିକଟରେ କେନ୍ଦ୍ର ଶିଳ୍ପ ଓ ବାଣିଜ୍ୟମନ୍ତ୍ରୀ ପିୟୂଷ ଗୋୟଲ ଏବଂ ଅମିରାତର ଆର୍ଥିକ ମନ୍ତ୍ରୀ ଅବଦୁଲ୍ଲା ବିନ୍ ତୌକ ଅଲ-ମାରୀଙ୍କ ମଧରେ ନୂଆଦିଲ୍ଲୀଠାରେ ଆଲୋଚନା ହୋଇଥିଲା । ଭାରତର ମର୍ଚ୍ଚାଣ୍ଟ ଚାମ୍ବର୍ସ ଅଫ୍ କମର୍ସଠାରେ ଭାଷଣ ଦେଇ ଅମିରାତର ରାଷ୍ଟ୍ରଦୂତ ଅହମ୍ମଦ ଅବଦୁଲ ରହମନ ଅଲବାନା କହିଛନ୍ତି ଯେ ୧୯୮୦ରେ ଦ୍ୱିପାକ୍ଷିକ ବାଣିଜ୍ୟ ୧୮୫ ମିଲିଅନ ଡଲାର ଥିଲାବେଳେ ୨୦୨୧ରେ ତାହା ୪୫ ବିଲିଅନରେ ପହଞ୍ଚିଛି । ଆଗାମୀ ଦିନରେ ଏହା ୧୦୦ ବିଲିଅନକୁ ନେବାପାଇଁ ଲକ୍ଷ୍ୟ ରଖାଯାଇଛି । ଏହାଦ୍ୱାରା ୧୦ଲକ୍ଷ ରୋଜଗାର ସୃଷ୍ଟି ହେବାସହ ଦ୍ୱିପାକ୍ଷିକ ସଂପର୍କ ମଜଭୁତ ହେବ ବୋଲି କୁହାଯାଇଛି । ୧୮ ଫେବୃଆରୀ ୨୦୨୨ ଦିନ ହୋଇଥିବା ଏହି ବୁଝାମଣା ୧ ଜୁନଠାରୁ କାର୍ଯ୍ୟକାରୀ ହେବ । ନରେନ୍ଦ୍ର ମୋଦିଙ୍କ ସରକାର କ୍ଷମତାକୁ ଆସିବା ପରେ ଏହା କୌଣସି ଦେଶ ସହ ପ୍ରଥମ ମୁକ୍ତ ବାଣିଜ୍ୟ ବୁଝାମଣା । ଏମିତି ବୁଝାମଣା ମାଲେସିଆ ସହ ୨୦୧୧ରେ ହୋଇଥିଲା । ଏହି ବୁଝାମଣା କାର୍ଯ୍ୟକାରୀ ହେଲେ ଭାରତର ଅଧିକ ଲାଭ ହେବ । କାରଣ ଅମିରାତରେ ପାଖାପାଖି ୩୫ଲକ୍ଷ ଭାରତୀୟ ଏବେ କାର୍ଯ୍ୟରତ ରହିଛନ୍ତି । ସେମାନଙ୍କ ପାଇଁ ଭାରତରେ ପ୍ରସ୍ତୁତ ସାମଗ୍ରୀମାନ ଏମିରେଟର ସବୁ ମଲ୍‌ରେ ବିକ୍ରି ହେବାର ସୁବିଧା ମିଳିବ । ଭାରତ ଆଗାମୀ ଦିନରେ ବ୍ରିଟେନ, ଇଉରୋପୀୟ ସଂଘ, ଅଷ୍ଟ୍ରେଲିଆ, କାନାଡା, ଇସ୍ରାଏଲ ସମେତ ଗଲଫ୍ କୋ ଅପରେସନ କାଉନସିଲ ଅନ୍ତର୍ଗତ (ଜିସିସି) ରାଷ୍ଟ୍ରଗୁଡିକ ସହ ମୁକ୍ତ ବାଣିଜ୍ୟ ବୁଝାମଣା କରିବାକୁ ଲକ୍ଷ୍ୟ ରଖିଛି । ଏହି ବୁଝାମଣାରେ ଭାରତ ନିଜର ସ୍ୱାର୍ଥ ଦୃଷ୍ଟିରୁ ଅନେକ କୃଷିଜାତ ସାମଗ୍ରୀକୁ ବାହାରେ ରଖିଛି । ଦୁଗ୍‌ଧଜାତ ଦ୍ରବ୍ୟ, ଚାହା,କଫି, ରବର, ମସଲା, ଚିନି, ସିଗାରେଟ ଆଦିକୁ ତାଲିକାରୁ ବାହାରେ ରଖିଛି । ମଧ୍ୟପ୍ରାଚ୍ୟରେ ସାଉଦି ଆରବ, କୁଏତ, ବାହାରିନ୍, ଓମାନ ଜିସିସିର ସଦସ୍ୟ ରାଷ୍ଟ୍ର ରହିଛନ୍ତି । ଏହିସବୁ ଦେଶଗୁଡିକ ସହ ଏମିରେଟର ସଂପର୍କ ଭଲ । ଦୁବାଇ ଏହିସବୁ ରାଷ୍ଟ୍ର ଏବଂ ଆଫ୍ରିକାର ଅନେକ ଦେଶପାଇଁ ବଡ ବଜାର ହୋଇରହିଛି । ଏମିରେଟ ବଜାର ମାଧ୍ୟମରେ ଭାରତର ବସ୍ତୁ ଅନେକ ଦେଶକୁ ଯିବାର ସୁବିଧା ପାଇବ । ଦୁବାଇଠାରେ ଆଇଆଇଟିର ଏକ ଶାଖା ଖୋଲାଯିବା ଲାଗି ସ୍ଥିର ହୋଇଛି । ପ୍ରଥମଥର ଲାଗି ଭାରତର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନର ଶାଖା ବିଦେଶରେ ଖୋଲାଗଲେ ମଧ୍ୟପ୍ରାଚ୍ୟର ଛାତ୍ରଛାତ୍ରୀ ତାର ସୁଯୋଗ ନେଇପାରିବେ । ଭାରତରେ ଆଇଆଇଟିର ୨୩ଟି ଶାଖା ରହିଛି । ଦୁବାଇ ଶାଖା ୨୪ତମ ଏବଂ ଆନ୍ତର୍ଜାତିକ ଶାଖା ହେବ । ଏହାବାଦ ପ୍ରତିବର୍ଷ ମଧ୍ୟପ୍ରାଚ୍ୟରୁ ଭାରତକୁ ଚୋରାରେ ସୁନା ଏବଂ ଗହଣା ଆସୁଛି । ଦୁଇ ଦେଶ ମଧରେ ବୁଝାମଣା ପରେ ସୁନା ଚୋରା କାରାବାର କମ୍ ହେବ । ଦୁବାଇଠାରେ ଶସ୍ତାରେ ସୁନା ମିଳୁଥିବା ହେତୁ ଅନେକ ପର୍ଯ୍ୟଟକ ଦୁବାଇରୁ ସୁନା କିଣିବାକୁ ପସନ୍ଦ କରୁଥିଲେ । ଏମିରେଟ୍ (ଅମିରାତ) କର୍ତ୍ତୃପକ୍ଷ ନିଜର ତୈଳ ଆଧାରିତ ଅର୍ଥନୀତିକୁ କେନ୍ଦ୍ରରେ ନରଖି ଏବେ ଅଣତୈଳ ବାଣିଜ୍ୟ ଉପରେ ଜୋର ଦେବାରେ ଲାଗିଛନ୍ତି । ଆଗାମୀ ବର୍ଷଗୁଡିକରେ ଶକ୍ତିସ୍ରୋତକୁ ପ୍ରଦୂଷଣରୁ ମୁକ୍ତ କରିବାକୁ ଲକ୍ଷ୍ୟଥିବାରୁ ତୈଳର ବ୍ୟବହାର ପ୍ରତିବର୍ଷ ହ୍ରାସ ପାଇବାର ସମ୍ଭାବନା ରହିଛି । ତେଣୁ ଏବେଠାରୁ ନିଜର ଅର୍ଥନୀତି, ବାଣିଜ୍ୟ ଆଦିକୁ ସଜାଡିବା ଲାଗି ଅମିରାତ ପ୍ରୟାସ କରୁଛି ।



ମଧ୍ୟପ୍ରାଚ୍ୟର ଅନ୍ୟତମ ପ୍ରମୁଖ ରାଷ୍ଟ୍ର ସାଉଦି ଆରବର ସ୍ଥଳସେନା ପ୍ରମୁଖ ଲେଫ୍ଟନାଣ୍ଟ ଜେନେରାଲ ଅଲ୍‌ମୁତାହିର ଫେବୃଆରୀ ମାସରେ ଭାରତ ଗସ୍ତରେ ଆସିଥିଲେ । ଗତ ଡିସେମ୍ବର ମାସରେ ଭାରତୀୟ ସ୍ଥଳସେନା ପ୍ରମୁଖ ଜେନେରାଲ ନରବଣେ ସାଉଦି ଗସ୍ତରେ ଯାଇଥିଲେ । ଗତ ୨୦୨୧ ଅଗଷ୍ଟ ମାସରେ ଦୁଇଦେଶ ମଧରେ ପ୍ରଥମ ନୌସେନା ସମରାଭ୍ୟାସ ହୋଇଥିଲା । ସାଉଦି ସ୍ଥଳସେନା ମୁଖ୍ୟଙ୍କ ଭାରତ ଗସ୍ତକାଳରେ ଦୁଇଦେଶ ମଧରେ ପ୍ରତିରକ୍ଷା ସହଯୋଗ ବୃଦ୍ଧି, ପ୍ରତିରକ୍ଷା ଉତ୍ପାଦନରେ ସହଯୋଗ ଏବଂ ଅସ୍ତ୍ରଶସ୍ତ୍ର କ୍ରୟ ନେଇ ଆଲୋଚନା ହୋଇଥିଲା । ମଧ ପ୍ରାଚ୍ୟରେ ଆମେରିକାର ଭୂମିକା ସଂକୁଚିତ ହୋଇ ଆସୁଥିବା ବେଳେ ସେହି ସ୍ଥାନ ପୂରଣ କରିବାକୁ ଚୀନ ଜୋରସୋର ଉଦ୍ୟମ ଚଳାଇଛି । ମଧ୍ୟପ୍ରାଚ୍ୟର ସବୁବେଳେ ଆଶଙ୍କା ବଳବତ୍ତର ରହୁଥିବାରୁ ସାଉଦି ଆରବ ନିଜର ସୁରକ୍ଷାକୁ ମଜଭୁତ କରିବାକୁ ଚାହୁଁଛି । ସେହି ଯୋଜନାରେ ପୂର୍ବରୁ ପ୍ରଶିକ୍ଷଣ ଓ ସୁରକ୍ଷା ପାଇଁ ସାଉଦି ଆରବରେ ଥିବା ପାକିସ୍ଥାନର ପ୍ରାୟ ୧୮ ଶହ ଯବାନଙ୍କୁ ଫେରାଇ ଦିଆଯାଇଛି । ଏବେ ଭାରତୀୟ ସେନା ସେହି ଦାୟିତ୍ୱରେ ରହିବେ ବୋଲି ଜଣାପଡିଛି । ମଧ ପ୍ରାଚ୍ୟରେ ଆଞ୍ଚଳିକ ସୁରକ୍ଷା ପାଇଁ ଭାରତ ଅଧିକ ଚିନ୍ତିତ । କାରଣ ଏହି କ୍ଷେତ୍ରରେ ସର୍ବାଧିକ ପ୍ରବାସୀ ଭାରତୀୟ କାର୍ଯ୍ୟରତ । କୌଣସି ପ୍ରକାର ଅସ୍ଥିରତା ଏଠାରେ ସୃଷ୍ଟିହେଲେ ତାର ସିଧାସଳଖ ପ୍ରଭାବ ଭାରତ ଉପରେ ପଡିବ । କାରଣ ସାଉଦି ଆରବ, ଅମିରାତ, ବାହାରିନ, କାତାର ଆଦି ରାଷ୍ଟ୍ରରେ ଭାରତୀୟମାନେ ପ୍ରାୟତଃ ସବୁ ପ୍ରମୁଖ ବ୍ୟବସ୍ଥାର ଦାୟିତ୍ୱରେ ରହିଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ବାଣିଜ୍ୟ, ପ୍ରଶାସନ, ବ୍ୟାଙ୍କିଂ ଆଦି ଅନେକ କ୍ଷେତ୍ରରେ ଭାରତୀୟଙ୍କ ଭାଗିଦାରୀ ଅନ୍ୟମାନଙ୍କଠାରୁ ଅଧିକ । ଆମେରିକା-ଇରାନ ଦ୍ୱନ୍ଦ୍ୱ ଯୋଗୁ ୨୦୨୧ରେ ଭାରତ ପକ୍ଷରୁ ଭାରତୀୟ ବାଣିଜ୍ୟିକ ପରିବହନର ସାମୁଦ୍ରିକ ସୁରକ୍ଷା ପାଇଁ ଅପରେସନ ସଂକଳ୍ପ ନାମରେ ନୌସେନା ପକ୍ଷରୁ ସୁରକ୍ଷା ପ୍ରଦାନ ଅଭିଯାନ ଚାଲିଥିଲା । ଯେଉଁଥିରେ ୧୬ଟି ଜାହାଜକୁ ଭାରତର ଯୁଦ୍ଧପୋତଗୁଡିକ ସୁରକ୍ଷା ପ୍ରଦାନ କରି ପାରସ୍ୟ ଉପକୂଳରୁ ଭାରତୀୟ ମହାସାଗରକୁ ଆଣୁଥିଲେ । ଚୀନ ଏବଂ ଦକ୍ଷିଣ କୋରିଆ ଏହିପରି ସୁରକ୍ଷା ବ୍ୟବସ୍ଥା ନିଜ ନିଜର ବାଣିଜ୍ୟିକ ପୋତ ପାଇଁ କରିଛନ୍ତି । ସାଉଦି ଆରବ ହୁଥୀ ବିଦ୍ରୋହୀ ଏବଂ ଇରାନପଟୁ ସବୁବେଳେ ଆଶଙ୍କା କରୁଥିବା ହେତୁ ନିଜର ସୁରକ୍ଷାକୁ ଅଧିକ ସୁଦୃଢ କରିବାକୁ ଚାହୁଁଛି ।

ସେହିପରି ମଧ୍ୟପ୍ରାଚ୍ୟର ଅନ୍ୟ ଏକ ରାଷ୍ଟ୍ର ଓମାନ ସହ ଭାରତର ସଂପର୍କ ସୁଦୃଢ ହେବାରେ ଲାଗିଛି । ଡୁକମ ବନ୍ଦରକୁ ଓମାନ ଭାରତର ନୌସେନା ବ୍ୟବହାର ପାଇଁ ଅନୁମତି ଦେଇଛି । ଦୁଇଦେଶର ନୌସେନା ମଧରେ ଉତ୍ତମ ସଂପର୍କ ରହିଆସିଛି । ଫେବୃଆରୀ ମାସ ୧୪ରୁ ୧୭ପର୍ଯ୍ୟନ୍ତ ଓମାନ ନୌସେନା ମୁଖ୍ୟ ରିଅର ଆଡମିରାଲ ସୈଫ୍ ଅଲ ରହବୀ ଭାରତ ଗସ୍ତରେ ଆସି ସେନାମୁଖ୍ୟ ଏବଂ ବିଦେଶ ସଚିବଙ୍କ ସହ ସାକ୍ଷାତ କରିଥିଲେ । ଭାରତରୁ ନୌସେନା ଉପକରଣ ସଂଗ୍ରହ ଏବଂ ପ୍ରଶିକ୍ଷଣ ପାଇଁ ସ୍ଥାନ ବୃଦ୍ଧି କରିବା ତାଙ୍କର ଲକ୍ଷ୍ୟ ରହିଥିଲା । ବର୍ତ୍ତମାନର ଓମାନ ନୌସେନା ମୁଖ୍ୟ ଗତ ୨୧ ଜାନୁଆରୀ ଦିନ ଦାୟିତ୍ୱ ଗ୍ରହଣ କରିଥିଲେ । ଉଭୟ ଦେଶରେ ନୌସେନା ମଧରେ ତଥ୍ୟ ଆଦାନପ୍ରଦାନ ପାଇଁ ଗତ ସେପ୍ଟେମ୍ବର ମାସରେ ହ୍ୱାଇଟ୍ ସିପିଙ୍ଗ୍ ଏକ୍ସଚେଞ୍ଜ ଏଗ୍ରିମେଣ୍ଟ ହୋଇଥିଲା । ଏବେ ସାମୁଦ୍ରିକ ସୁରକ୍ଷା ପାଇଁ ଓମାନ ସରକାର ଅଧିକ ଚିନ୍ତିତ । ତେଣୁ ଓମାନ୍ ନୌସେନା ମୁଖ୍ୟ ଭାରତର ପଶ୍ଚିମ ନୌସେନା କମାଣ୍ଡ, ମୁମ୍ବାଇସ୍ଥିତ ପୋତ ନିର୍ମାଣସ୍ଥଳୀ ଏବଂ ପୋତ ସଜଡାସ୍ଥଳୀକୁ ଗସ୍ତ କରିଥିଲେ । ଏହାଛଡା ଇଣ୍ଡିଆନ ଫ୍ୟୁଜନ ସେଣ୍ଟର ଫର ଇଣ୍ଡିଆନ ଓସେନ ରିଜନକୁ ସେ ଗସ୍ତ କରିଥିଲେ । ଫେବୃଆରୀ ମାସର ଆରମ୍ଭରେ ଓମାନର ପ୍ରତିରକ୍ଷା ମନ୍ତ୍ରଣାଳୟର ସାଧାରଣ ସଚିବ ମହମ୍ମଦ ନାସେର ଅଲ ଜାବିଙ୍କ ଭାରତଗସ୍ତ ହୋଇଥିଲା । ମିଳିତ ପ୍ରତିରକ୍ଷା ସହଯୋଗ କମିଟିର ୧୦ମ ପର୍ଯ୍ୟାୟ ଆଲୋଚନା ପାଇଁ ସେ ଗସ୍ତ କରିଥିଲେ । ଉକ୍ତ ବୈଠକ ତିନିବର୍ଷ ପରେ ହୋଇଥିଲା । ତେଣୁ ନୌସେନା ମୁଖ୍ୟ ମୁମ୍ବାଇର ନାଭାଲ ଡକୟାର୍ଡ ଗସ୍ତ କରିଥିଲେ । ଦୁଇଦେଶର ନୌସେନା ମଧରେ ୧୯୯୩ରୁ ନସୀମ ଅଲ ବାହର ନୌ ସମରାଭ୍ୟାସ ପ୍ରତି ଦୁଇବର୍ଷରେ ହୋଇଆସୁଛି । ଗତଥର ୨୦୨୦ରେ ତାହା ଗୋଆରେ ହୋଇଥିଲା । ଏବର୍ଷ ସେହି ଅଭ୍ୟାସ ହେବ । ଆଗାମୀ ଦିନରେ ଓମାନର ବାୟୁସେନା ମୁଖ୍ୟଙ୍କ ଭାରତଗସ୍ତ କାର୍ଯ୍ୟକ୍ରମ ରହିଛି । ତାଙ୍କ ସହ ୧୫୦ ଓମାନ ଅଧିକାରୀ ଗସ୍ତରେ ଆସିବେ ବୋଲି ଜଣାପଡିଛି । ଉତ୍ତର ଆରବ ସାଗରରେ ଦୁଇଦେଶର ନୌସେନା ନିଶାଦ୍ରବ୍ୟ ଚୋରାଚାଲାଣ ବିରୋଧରେ ମିଳିତ ଅଭିଯାନ ଚଳାଇବେ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ସୂତ୍ରରୁ ପ୍ରକାଶ । ଓମାନର ସାଲାହଠାରେ ନୌସେନା ପକ୍ଷରୁ ପି ୧୮ ପୋସେଡନ ନିରୀକ୍ଷଣ ବିମାନକୁ କାର୍ଯ୍ୟରେ ଲଗାଯାଇଛି ଯାହା ନିଶା ଚୋରାଚାଲାଣକାରୀ ଏବଂ ଜଳଦସ୍ୟୁଙ୍କ ଉପରେ ନଜର ରଖିବ । ଆଗାମୀ ଦିନରେ ଦୁଇଦେଶ ମଧରେ ଅଧିକ ସହଯୋଗ, ମିଳିତ ପ୍ରତିରକ୍ଷା ଉତ୍ପାଦନ ନେଇ କାର୍ଯ୍ୟାରମ୍ଭ ହେବାର ସୂଚନା ମିଳିଛି । ମଧ୍ୟପ୍ରାଚ୍ୟର ଅଧିକ ସହଯୋଗ ବୃଦ୍ଧିପାଇଁ ଭାରତର ପ୍ରୟାସକୁ ମଧ୍ୟପ୍ରାଚ୍ୟର ରାଷ୍ଟ୍ରସମୂହ ସକାରାତ୍ମକ ଦୃଷ୍ଟିରେ ଗ୍ରହଣ କରିଛନ୍ତି, ଯାହା ଆଗାମୀ ଦିନରେ ଦ୍ୱିପାକ୍ଷିକ ସଂପର୍କକୁ ସୁଦୃଢ କରିବ ।

*-ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର -୭୫୧୦୦୩*

# ସତ ପାକିସ୍ତାନର ମିଛ ପ୍ରଚାର

ସତ ପାକିସ୍ତାନର ମିଛ ଖବର । ଭାରତ ବିରୋଧରେ ବିଷ ଉଦ୍‌ଗାର । ପାକିସ୍ତାନରେ ଚାଲିଛି ଏହି ନକଲି ସମାଚାର କମ୍ପାନୀ । ସେମାନେ ପାକିସ୍ତାନରେ ବସି ଭାରତ ବିରୋଧରେ ଚଳାଇଛନ୍ତି ଅପପ୍ରଚାର, ଦିନରାତି ଭାରତ ବିରୋଧରେ ମିଥ୍ୟା ଖବର ଦେଖାଉଛନ୍ତି । ସୁଚିନ୍ତିତ ଉପାୟରେ ଭାରତୀୟମାନଙ୍କ ମନରେ ହିଂସା ସୃଷ୍ଟି କରାଉଛନ୍ତି । ଯେତେବେଳେ ଭାରତର ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ପାକିସ୍ତାନର ୟୁଟ୍ୟୁବ ଚ୍ୟାନେଲ ଏବଂ ୱେବସାଇଟ୍‌ଗୁଡିକୁ ଟ୍ରାକିଂ କରିବା ଆରମ୍ଭ କଲେ, ସେତେବେଳେ ଦେଖାଗଲା ଯେ ଏହି ପ୍ଲାଟଫର୍ମଗୁଡିକ ଭାରତକୁ ବଦନାମ କରିବା ସହିତ ଭାରତୀୟ ସେନା ପ୍ରତି ଘୃଣାଭାବ ବିସ୍ତାର କରିବା ପାଇଁ ବ୍ୟବହୃତ ହେଉଛି । ଯେଉଁସବୁ ମିଥ୍ୟା ଓ ନକଲି ଖବର ପରିବେଷଣ କରାଯାଉଛି ସେ ବିଷୟରେ ବର୍ଣ୍ଣନା କଲେ ତ ସରିବ ନାହିଁ । ସେଥିମଧରୁ କିଛି ଖବର ଏଠାରେ ଉପସ୍ଥାପନା କରାଯାଉଛି । କାଶ୍ମୀରରେ ଧାରା ୩୭୦ ପୁଣି ଲାଗୁ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ମନା କରିଦେଇଛନ୍ତି । ତେଣୁ ଆମେରିକା ଏବଂ ତୁର୍କୀ କାଶ୍ମୀରକୁ ନିଜର ସୈନ୍ୟ ପଠାଇବାକୁ ଯାଉଛନ୍ତି । ଦ୍ୱିତୀୟ ମିଥ୍ୟା ଖବର ହେଉଛି ଭାରତୀୟ ସେନା ଓ ସରକାରଙ୍କ ମଧରେ ବିବାଦ ଚାଲିଛି, ସେନାମୁଖ୍ୟଙ୍କୁ ହଟାଇ ଦିଆଯାଇପାରେ । ତୃତୀୟ ମିଥ୍ୟା ଖବର ହେଉଛି ଉତର କୋରିଆର ଏକଛତ୍ରବାଦୀ ଶାସକ କିମ୍ ଜୋଙ୍ଗ ଉନ୍ ଶ୍ରୀରାମ ମନ୍ଦିର ନିର୍ମାଣକୁ ବନ୍ଦ କରିବା ପାଇଁ ନିଜର ସେନା ପଠାଉଛନ୍ତି । ଏହି ଖବର ଆପଣମାନଙ୍କୁ ମଜାଳିଆ ଲାଗୁଥାଇପାରେ କିନ୍ତୁ ପାକିସ୍ତାନର ବରିଷ୍ଠ ସାମ୍ବାଦିକ ଓ ଆଙ୍କରମାନେ ଗମ୍ଭୀରତାର ସହିତ ଏହାକୁ ପରିବେଷଣ କରୁଛନ୍ତି । ଭାରତ ବିରୋଧରେ ବିଷ ଉଦ୍‌ଗାର କରୁଥିବା ୟୁଟ୍ୟୁବ୍ ଚ୍ୟାନେଲଗୁଡିକ କିଛି ପାକିସ୍ତାନୀ ବରିଷ୍ଠ ଆଙ୍କରଙ୍କ ଦ୍ୱାରା ପରିଚାଳିତ ହେଉଛି । କାଶ୍ମୀର, ଭାରତୀୟ ସେନା, ଭାରତୀୟ ମୁସଲମାନ ଏବଂ ଅଯୋଧ୍ୟାର ଶ୍ରୀରାମ ମନ୍ଦିର ପରି ସମ୍ବେଦନଶୀଳ ବିଷୟ ଉପରେ ଏକ ସମନ୍ୱିତ ଢଙ୍ଗରେ ବିଭାଜନକାରୀ ଭାବରେ ବିଷୟ ତିଆରି କରାଯାଇ ୟୁଟ୍ୟୁବ ଚ୍ୟାନେଲ ମାଧ୍ୟମରେ ପ୍ରସାରିତ କରାଯାଉଛି । ଭାରତୀୟ ଦର୍ଶକ ଏବଂ ପାଠକମାନେ ନିଜର ସ୍ମାର୍ଟ ଫୋନ, ଲାପଟପ୍ ଓ ଟାବଲେଟ ମାଧ୍ୟମରେ ଅତି ସହଜରେ ୟୁଟ୍ୟୁବରେ ପ୍ରସାରିତ ହେଉଥିବା ଏହି ନକଲି ଖବର ଦେଖୁଛନ୍ତି । ଯେହେତୁ ପାକିସ୍ତାନ କାଶ୍ମୀରରେ ଧାରା ୩୭୦କୁ ଏକ ଆନ୍ତର୍ଜାତୀୟ ପ୍ରସଙ୍ଗ କରିବାରେ ବିଫଳ ହୋଇଛି ଏବଂ ତାହାର ୭୪ ବର୍ଷର ଲମ୍ବା ଇତିହାସ ମଧରେ ଭାରତ ସହିତ ୪ଟି ଯୁଦ୍ଧ କରି ହାରିସାରିଛି ତେଣୁ ଏବେ ମିଥ୍ୟା ପ୍ରଚାର ପ୍ରସାରର ସାହାରା ନେଇଛି । ଗତ ଦୁଇ ବର୍ଷ ମଧରେ ପାକିସ୍ତାନ ଅନୁପ୍ରବେଶକାରୀ ପଠାଇ କାଶ୍ମୀରରେ ହିଂସା ସୃଷ୍ଟି କରିବାରେ ବିଫଳ ହୋଇଛି ।

ୟୁଟ୍ୟୁବ ଚଳାଉଥିବା ତୈୟବ ହନିଫ ଦାବି କରିଛନ୍ତି ଯେ ସେ ପାକିସ୍ତାନର ନାଗରିକ । ବୈଦ୍ୟୁତିକ ଗଣମାଧ୍ୟମ, ୟୁଟ୍ୟୁବ ଏବଂ ସାମାଜିକ ଗଣମାଧ୍ୟମରେ ତାଙ୍କର ୭ ବର୍ଷରୁ ଉର୍ଦ୍ଧ୍ୱ ଅଭିଜ୍ଞତା ଅଛି । ସେ ଜଣେ ବରିଷ୍ଠ ସାମ୍ବାଦିକ ଏବଂ କଂଟେଟ ରାଇଟର । ହନିଫ ନୟା ପାକିସ୍ତାନ ଗ୍ରୁପକୁ ଚଳାଉଛନ୍ତି । ତାଙ୍କୁ ଏ କ୍ଷେତ୍ରରେ ସହଯୋଗ କରୁଛନ୍ତି କେନୀଜ ଫାତିମା ନାମକ ଜଣେ ମହିଳା । ଯିଏ କି ଜଣେ ସାମ୍ବାଦିକ, ବିଷୟବସ୍ତୁ ତିଆରି କରିବାରେ ଏକ ଦଶନ୍ଧିରୁ ଅଧିକ ଅଭିଜ୍ଞତା ରହିଛି । ପୁରସ୍କୃତ ନିୟୁଜ ଆଙ୍କର ଓ ରାଜନୈତିକ ବିଶ୍ଳେଷକ ଭାବରେ ସେ ନିଜକୁ ପରିଚିତ କରାଉଛନ୍ତି । ଅନ୍ୟ ଜଣେ ଆଙ୍କର ହେଉଛନ୍ତି ଜନମୁଲ ହସନ, ଯିଏକି ନିଜକୁ ଲାହୋରର ଜଣେ ଅନୁସନ୍ଧାନକାରୀ ସାମ୍ବାଦିକ, ଆଙ୍କର ଓ ୟୁଟ୍ୟୁବର ବୋଲି ଦାବି କରୁଛନ୍ତି । ଲାହୋରର ସାବୀର ଶାକିର ଜଣେ ପାକିସ୍ତାନୀ ଟିଭି ଆଙ୍କର, ସାମ୍ବାଦିକ ତଥା ସ୍ତମ୍ଭକାର । ସେ ଏକ ନ୍ୟୁଜ ଚ୍ୟାନେଲରେ କାମ କରନ୍ତି । ୨୦୨୧ ଫେବୃଆରୀରେ ଉତରାଖଣ୍ଡ ପ୍ରଳୟ ସଂପର୍କରେ ଭାରତୀୟ ସେନାକୁ ବଦନାମ କରିବା ପାଇଁ ମିଥ୍ୟା ଖବର ପ୍ରକାଶ କରିଥିଲେ । ସେହିପରି ଫେସଲ ତରାର ନାମକ ଜଣେ ପାକିସ୍ତାନୀ ସାମ୍ବାଦିକ ନିଜ ୟୁଟ୍ୟୁବ ଚ୍ୟାନେଲରେ ଶ୍ରୀଲଙ୍କାରେ ଭାରତୀୟମାନଙ୍କ ଉପରେ ହୋଇଥିବା ଆକ୍ରମଣ ସଂପର୍କରେ ମିଥ୍ୟା ଖବର ପ୍ରକାଶ କରିଥିଲେ ।

ପାକିସ୍ତାନର ମିଥ୍ୟା ପ୍ରଚାରତନ୍ତ୍ର ପାଖରେ ଦୁଇଟି ମୁଖ୍ୟ ବିଷୟ ରହିଛି- ତାହା ହେଲା କାଶ୍ମୀର ଓ ଭାରତୀୟ ସେନା । Fictional ନାମକ ଏକ ୟୁଟ୍ୟୁବ ଚ୍ୟାନେଲ ମାଧ୍ୟମରେ ମଧ ଭାରତ ବିରୋଧରେ ଖବର ପ୍ରସାରଣ ହେଉଛି । ଏହି ଚ୍ୟାନେଲରେ ୧୮ ସେପ୍ଟେମ୍ବର ୨୦୨୧ରେ ଏକ ଭିଡିଓ ପୋଷ୍ଟ କରାଯାଇଥିଲା । ଯାହାର ହେଡଲାଇନ୍ ଥିଲା ତାଲିବାନ ଭାରତର ୩୦୦ ଗୁପ୍ତଚରମାନଙ୍କୁ ଫାସି ଦେଇଛି । ମୋଦୀ ଏବଂ ଯୋଗୀଙ୍କୁ ଏହା ସ୍ପଷ୍ଟ ସନ୍ଦେଶ । ଏହି ଭିଡିଓକୁ ୨.୫ ଲକ୍ଷରୁ ଅଧିକ ଥର ଦେଖାଯାଇଛି ଏବଂ ୬୦୦୦ରୁ ଉର୍ଦ୍ଧ୍ୱ ଲାଇକ୍ ହୋଇଛି । ଭାରତର ପ୍ରଧାନମନ୍ତ୍ରୀ ଓ ଉତରପ୍ରଦେଶର ମୁଖ୍ୟମନ୍ତ୍ରୀଙ୍କୁ ବଦନାମ କରିବା ସହିତ ଭାରତର ଭାବମୂର୍ତ୍ତିକୁ ନଷ୍ଟ କରିବା ଏହି ଭିଡିଓର ମୁଖ୍ୟ ଉଦ୍ଦେଶ୍ୟ । ଏହି ୟୁଟ୍ୟୁବ ଚ୍ୟାନେଲରେ ୩ ଲକ୍ଷରୁ ଅଧିକ ଉପଭୋକ୍ତା (ସବ୍‌ସ୍କ୍ରାଇବର୍) ଅଛନ୍ତି । ୧୬ ନଭେମ୍ବର ୨୦୨୧ରେ ସେହି ଚ୍ୟାନେଲରେ ଆଉ ଏକ ମିଥ୍ୟା ଖବର ପୋଷ୍ଟ କରାଯାଇଥିଲା । ମୋଦି ଧାରା ୩୭୦ ଲାଗୁ କରିବାକୁ ମନା କରିଦେବାରୁ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ଏବଂ ତୁର୍କୀ ରାଷ୍ଟ୍ରପତି ଅର୍ଦୋଆନ କାଶ୍ମୀରକୁ ନିଜର ସୈନ୍ୟବାହିନୀ ପଠାଇଛନ୍ତି । ଏହି ଭିଡିଓଟିକୁ ୨୦୦୦ ଲାଇକ୍ କରାଯାଇଥିବା ବେଳେ ୮୭ ହଜାରରୁ ଅଧିକ ଥର ଦେଖାଯାଇଛି । ୨୦ ନଭେମ୍ବର ୨୦୨୧ରେ Punjab Viral ନାମକ ୟୁଟ୍ୟୁବ ଚ୍ୟାନେଲରେ ପ୍ରକାଶିତ ହୋଇଥିଲା ଯେ କାଶ୍ମୀର ମୁଜାହିଦ୍ଦିନଙ୍କ ଦ୍ୱାରା ଗିରଫ ହୋଇଥିବା ଭାରତୀୟ ସୈନିକମାନେ କଲମା ପଢିଥିଲେ । ତା' ପରଦିନ ୟୁଟ୍ୟୁବ ଚ୍ୟାନେଲ Punchline ପୁଣି ଏହି ମିଥ୍ୟା ଖବର ପୋଷ୍ଟ କରିଥିଲା । କାଶ୍ମୀରରେ ୨୦୦ ଭାରତୀୟ ଜବାନ ଇସଲାମ ଧର୍ମ ଗ୍ରହଣ କଲେ ବୋଲି ୟୁଟ୍ୟୁବ ଚ୍ୟାନେଲ The Naked Truth ପ୍ରକାଶ କରିଥିଲା । ତୁର୍କୀ ରାଷ୍ଟ୍ରପତି ୩୫,୦୦୦ ସଂଗ୍ରାମୀ ଯୁବକଙ୍କୁ କାଶ୍ମୀର ପଠାଇଛନ୍ତି ବୋଲି Historical Facts ନାମକ ଅନ୍ୟ ଏକ ୟୁଟ୍ୟୁବ ଚ୍ୟାନେଲ ୨୦୨୧ ମସିହା ଡିସେମ୍ବର ୫ ତାରିଖ ଦିନ ଏହି ମିଥ୍ୟା ଖବର ପ୍ରକାଶିତ କରିଥିଲା । ସିଡିଏସ୍ ଜେନେରାଲ ବିପିନ ରାୱତ ସହିଦ ହୋଇଥିବା ହେଲିକପ୍ଟର ଦୁର୍ଘଟଣା ପଛରେ ଆମେରିକାର ହାତ ଅଛି ବୋଲି Junaid Halim Official ୟୁଟ୍ୟୁବ ଚ୍ୟାନେଲ ପ୍ରକାଶିତ କରିଥିବା ବେଳେ ସେହି ହେଲିକପ୍ଟରକୁ ଏଲ୍‌ଟିଟି ଟାର୍ଗେଟ କରଛନ୍ତି ବୋଲି ୨୦୨୧ ଡିସେମ୍ବର ୧୦ ତାରିଖ ଦିନ ୟୁଟ୍ୟୁବ ଚ୍ୟାନେଲ Hohsin Rajput Official ମିଥ୍ୟା ଖବର ପ୍ରକାଶ କରିଥିଲା। ଗତ ଅକ୍ଟୋବର ୨୪ ତାରିଖ ଦିନ ଦୁବାଇରେ ଅନୁଷ୍ଠିତ ଟି-୨୦ କ୍ରିକେଟ ବିଶ୍ୱକପ ସମୟରେ ଭାରତୀୟ ଦ୍ରୁତ ବୋଲର ମହମ୍ମଦ ଶାମିଙ୍କ ନାମରେ ପାକିସ୍ତାନର ଫ୍ୟାକ୍ଟ୍ରିରୁ ଆମଦାନୀ ହୋଇଥିବା ଯେଉଁ ମିଥ୍ୟା ଖବର ପରିବେଷଣ ହେଲା ତାହା ଦ୍ୱାରା ସାରା ବିଶ୍ୱରେ ଭାରତର ବଦନାମ ହେଲା । କୌଣସି ଭାରତୀୟ ଶାମିଙ୍କୁ ସମାଲୋଚନା କରିନାହାଁନ୍ତି । ପାକିସ୍ତାନରେ ବସିଥିବା କିଛି ଲୋକ ସାମାଜିକ ଗଣମାଧ୍ୟମରେ ଏକ ନକଲି ଆକାଉଂଟ ତିଆରି କରି ଶାମିଙ୍କୁ ଆଇଏସଆଇର ଏଜେଂଟ ଲେଖି ଛାଡିଦେଲେ । ପାକିସ୍ତାନର ମହମ୍ମଦ କାମରାନ ନାମକ ବ୍ୟକ୍ତି ତାଙ୍କର @MKamran_98 ଆକାଉଂଟରୁ ଏହି ମେସେଜ୍ Well Done ISI Agent Mohammad Shami, We are Proud Of You.#PakvsIndia ଲେଖି ଛାଡିଥିଲେ । ଟୁକୁଡେ ଟୁକୁଡେ ଗ୍ୟାଙ୍ଗର ସଦସ୍ୟମାନେ ଉସ୍ମାସୁର ସାଜି ଦ୍ରୁତ ଗତିରେ ଖେଳାଇ ଦେଇଥିଲେ । ଶାମି ମୁସଲମାନ ବୋଲି କେହି ଭାରତୀୟ ଟ୍ରୋଲ୍ କରିନାହାଁନ୍ତି । ଏ ଖବର ସମ୍ପୂର୍ଣ୍ଣ ରୂପେ ମିଥ୍ୟା । ପାକିସ୍ତାନର ଫ୍ୟାକ୍ଟ୍ରିରୁ ଏହି ମିଥ୍ୟା ଖବର ତିଆରି ହୋଇଛି । କୌଣସି ବିଷୟକୁ ପରୀକ୍ଷା ନିରୀକ୍ଷା ନକରି, ଘଟଣା କେତେ ସତ କେତେ ମିଛ କେବେ ନଭାବି, ଭାରତର ପ୍ରତିଷ୍ଠିତ ଲୋକମାନେ ଯେଉଁ ସନ୍ଦେଶ ବିଶ୍ୱକୁ ଦେଇଦେଲେ ସେଥିପାଇଁ ଭାରତ ଲଜ୍ଜିତ ହେଲା । ଭାରତର ଛବିକୁ କଳଙ୍କିତ କରିବା ପାଇଁ ବହୁତ ବଡ ଷଡଯନ୍ତ୍ର ରଚନା କରାଯାଇଥିଲା । ଏହିପରି ଅନେକ ଷଡଯନ୍ତ୍ର ପ୍ରଚାର ଜିହାଦ ଦ୍ୱାରା ଚାଲୁଅଛି ।



ପାକିସ୍ତାନର ମିଥ୍ୟା ଅପପ୍ରଚାର ବିରୋଧରେ ଭାରତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଛି । ନୟା ପାକିସ୍ତାନ ଗ୍ରୁପ ନାମକ ନେଟୱାର୍କରେ ୨୦ଟି ୟୁଟ୍ୟୁବ ଚ୍ୟାନେଲ ଏବଂ ୨ ୱେବସାଇଟ୍ ଭାରତ ବିରୋଧରେ ଅପପ୍ରଚାର ଚଳାଇଛନ୍ତି ବୋଲି ଅଭିଯୋଗ ହୋଇଥିଲା। ୧୫ଟି ୟୁଟ୍ୟୁବ ଚ୍ୟାନେଲ ଏବଂ ୫ଟି ସ୍ୱତନ୍ତ୍ର ଚ୍ୟାନେଲର ନିଜସ୍ୱ ନେଟୱାର୍କ ଅଛି । ଏହି ଚ୍ୟାନେଲଗୁଡିକ ଏକାଠି ଭିଡିଓ ସେୟାରିଂ କରନ୍ତି । ତାଙ୍କର ୟୁଟ୍ୟୁବରେ ୩୭ ଲକ୍ଷରୁ ଅଧିକ ଗ୍ରାହକ ଅଛନ୍ତି । ସେମାନଙ୍କର ଭିଡିଓଗୁଡିକ ୫୮ କୋଟିରୁ ଅଧିକ ଥର ଦେଖାଯାଇଛି । ୨୦୨୧ ମସିହା ଡିସେମ୍ବର ୨୧ ତାରିଖ ଦିନ ଏହି ୨୦ଟି ୟୁଟ୍ୟୁବ ଚ୍ୟାନେଲ ଏବଂ ୨ ୱେବସାଇଟ୍ ବନ୍ଦ କରି ଦିଆଯାଇଥିଲା । ସେହିପରି ଗଣମାଧ୍ୟମରେ ସମନ୍ୱିତ ଢଙ୍ଗରେ ଭାରତ ବିରୋଧୀ ମିଛ ଖବର ପ୍ରସାରିତ କରୁଥିବା ୩୫ ୟୁଟ୍ୟୁବ ନ୍ୟୁଜ ଚ୍ୟାନେଲ ଓ ୨ଟି ୱେବସାଇଟକୁ ୨୦୨୨ ଜାନୁଆରୀ ୨୧ ତାରିଖ ଦିନ ବ୍ଲକ୍ କରିବା ଲାଗି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ମନ୍ତ୍ରଣାଳୟ ଦ୍ୱାରା ବନ୍ଦ କରାଯାଇଥିବା ୟୁଟ୍ୟୁବ୍ ଆକାଉଂଟରେ ମୋଟ ୧ କୋଟି ୨୦ ଲକ୍ଷରୁ ଅଧିକ ଉପଭୋକ୍ତା (ସବ୍‌ସ୍କ୍ରାଇବର୍) ରହିଥିଲେ। ସେମାନଙ୍କ ଭିଡିଓଗୁଡିକୁ ୧୩୦ କୋଟିରୁ ଅଧିକ ଦର୍ଶକ ଦେଖିଥିଲେ। ଏହାବ୍ୟତୀତ, ଦୁଇଟି ଟୁଇଟର ଆକାଉଂଟ, ଦୁଇଟି ଇନଷ୍ଟାଗ୍ରାମ ଆକାଉଂଟ ଏବଂ ଗୋଟିଏ ଫେସବୁକ ଆକାଉଂଟକୁ ମଧ ସରକାର ବ୍ଲକ୍ କରିଛନ୍ତି। ଏସବୁ ସାମାଜିକ ଗଣମାଧ୍ୟମ ଆକାଉଂଟ ଇଂଟରନେଟ୍‌ରେ ଭାରତ-ବିରୋଧୀ ମିଥ୍ୟା ଖବର ପ୍ରଚାରରେ ଲିପ୍ତ ରହିଥିଲେ। ସୂଚନା ପ୍ରଯୁକ୍ତି (ମଧ୍ୟବର୍ତୀ ମାର୍ଗଦର୍ଶିକା ଏବଂ ଡିଜିଟାଲ ଗଣମାଧ୍ୟମ ଆଚାର ସଂହିତା) ନିୟମାବଳୀ, ୨୦୨୧ର ନିୟମ ୧୬ ଅଧୀନରେ ଜାରି ପାଂଚଟି ଭିନ୍ନ ଭିନ୍ନ ନିର୍ଦ୍ଦେଶ ଅଧୀନରେ ମନ୍ତ୍ରଣାଳୟ ପକ୍ଷରୁ ପାକିସ୍ତାନରୁ ପରିଚାଳିତ ସାମାଜିକ ଗଣମାଧ୍ୟମ ଆକାଉଂଟ ଏବଂ ୱେବସାଇଟ୍‌କୁ ବ୍ଲକ୍ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଭାରତୀୟ ଗୁଇନ୍ଦା ସଂସ୍ଥାଗୁଡିକ ଏସବୁ ସାମାଜିକ ଗଣମାଧ୍ୟମ ଆକାଉଂଟ ଓ ୱେବସାଇଟ୍ ଉପରେ ନଜର ରଖିଥିଲେ ଏବଂ ତୁରନ୍ତ ଏଗୁଡିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ମନ୍ତ୍ରଣାଳୟକୁ ସୂଚନା ଦେଇଥିଲେ। ବନ୍ଦ କରାଯାଇଥିବା ସମସ୍ତ ୩୫ଟି ଆକାଉଂଟ ପାକିସ୍ତାନରୁ ପରିଚାଳିତ ହେଉଥିଲା ଏବଂ ଏଗୁଡିକ ଚାରିଟି ସମନ୍ୱିତ ଅପପ୍ରଚାର ନେଟୱାର୍କର ଅଂଶବିଶେଷ ଥିଲା ବୋଲି ଜଣାପଡିଛି। ଏଥିରେ ଅପନୀ ଦୁନିଆ ନେଟୱାର୍କ ଦ୍ୱାରା ପରିଚାଳିତ ୧୪ଟି ୟୁଟ୍ୟୁବ ଚ୍ୟାନେଲ ଏବଂ ତାଲ୍‌ହା ଫିଲ୍ମସ୍ ନେଟୱାର୍କ ପରିଚାଳିତ ୧୩ଟି ୟୁଟ୍ୟୁବ ଚ୍ୟାନେଲ ରହିଛି। ଭାରତୀୟ ଦର୍ଶକଙ୍କୁ ଟାର୍ଗେଟ୍ କରି ମିଥ୍ୟା ଖବର ପ୍ରଚାର କରିବାର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଏସବୁ ନେଟୱାର୍କ ପରିଚାଳିତ ହେଉଥିବା ଜଣାଯାଇଛି। ଏହିସବୁ ଚ୍ୟାନେଲ ଗୋଟିଏ ନେଟୱାର୍କର ଅଂଶବିଶେଷ ଥିଲେ ଏବଂ ଏକପ୍ରକାରର ହାଶ୍‌ଟାଗ୍ ଏବଂ ଏଡିଟିଂ ଷ୍ଟାଇଲ୍ ଅନୁସରଣ କରୁଥିଲେ। ସମାନ ଲୋକମାନଙ୍କ ଦ୍ୱାରା ପରିଚାଳିତ ହେଉଥିବାରୁ ଏମାନେ ପରସ୍ପରର ବିଷୟବସ୍ତୁକୁ ବାରମ୍ବାର ପ୍ରଚାର ପ୍ରସାର କରୁଥିଲେ। ମନ୍ତ୍ରଣାଳୟ ଦ୍ୱାରା ନିଷିଦ୍ଧ କରାଯାଇଥିବା ୟୁଟ୍ୟୁବ ଚ୍ୟାନେଲ, ୱେବସାଇଟ୍ ଏବଂ ଅନ୍ୟ ସାମାଜିକ ଗଣମାଧ୍ୟମ ଆକାଉଂଟଗୁଡିକ ଭାରତ ସହ ଜଡିତ ସମ୍ବେଦନଶୀଳ ପ୍ରସଙ୍ଗରେ ଭାରତ ବିରୋଧୀ ମିଥ୍ୟାପ୍ରଚାର ଲାଗି ପାକିସ୍ତାନ ଦ୍ୱାରା ବ୍ୟବହୃତ ହେଉଥିଲା। ବର୍ତ୍ତମାନ ନିର୍ବାଚନ ଚାଲିଥିବା ପାଂଚଟି ରାଜ୍ୟରେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଦୁର୍ବଳ କରିବା ଭଳି ବିଷୟବସ୍ତୁ ଏସବୁ ୟୁଟ୍ୟୁବ ଚ୍ୟାନେଲରେ ମଧ ପ୍ରସାରିତ କରାଯିବା ଆରମ୍ଭ କରାଯାଇଥିଲା। ବିଚ୍ଛିନ୍ନତାବାଦ, ଧର୍ମ ଆଧାରରେ ଭାରତକୁ ବିଭାଜିତ କରିବା ଏବଂ ଭାରତୀୟ ସମାଜର ବିଭିନ୍ନ ବର୍ଗରେ ଘୃଣା ସୃଷ୍ଟି କରିବା ଭଳି ବିଷୟବସ୍ତୁ ପ୍ରଚାର କରିବାରେ ଏସବୁ ଚ୍ୟାନେଲ ଲିପ୍ତ ରହୁଥିଲେ। ଏସବୁ ମିଥ୍ୟା ସୂଚନା ଦେଶରେ ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ପ୍ରତିକୂଳ ପ୍ରଭାବ ପକାଇବା ଏବଂ ଅପରାଧ କରିବା ଲାଗି ଦର୍ଶକମାନଙ୍କୁ ଉତେଜିତ କରିବାର ଆଶଙ୍କା ରହିଥିଲା। ପ୍ରଥମ ଥର ପାଇଁ ଆଇଟି ନିୟମାବଳୀ ୨୦୨୧ ଅଧୀନରେ ଜରୁରିକାଳୀନ କ୍ଷମତାକୁ ଉପଯୋଗ କରି ସରକାର ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଭାରତରେ ସାମଗ୍ରିକ ସୂଚନା ପରିବେଶକୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ଗୁଇନ୍ଦା ଏଜେନ୍ସି ଏବଂ ମନ୍ତ୍ରଣାଳୟ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଏଥିରୁ ଜଣାପଡୁଛି କାଶ୍ମୀରର ଯୁବକମାନେ ଆତଙ୍କବାଦୀ ହେବାକୁ ଚାହୁଁନାହାଁନ୍ତି କି ପାକିସ୍ତାନର ସଖୀ କଣ୍ଢେଇ ହେବାକୁ ଚାହୁଁ ନଥିବାରୁ ପାକିସ୍ତାନର ଶାସକମାନେ କାଶ୍ମୀରରେ ଆତଙ୍କବାଦୀଙ୍କ ମନୋବଳ ବଢାଇବା ପାଇଁ ଏହିଭଳି ମିଥ୍ୟା ଖବରର ସାହାରା ନେଉଛନ୍ତି । ପାକିସ୍ତାନରେ ଏହିପରି ଅନେକ ଚ୍ୟାନେଲଗୁଡିକ ଭାରତ ବିରୋଧରେ ନକଲି ଏବଂ ମିଥ୍ୟା ଖବର ପ୍ରସାରଣ କରୁଛନ୍ତି । ଭାରତର ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା ନିଆଯାଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ । ଭାରତରେ ହିଂସା ଏବଂ ଘୃଣା ସୃଷ୍ଟିକରିବା ପାଇଁ ପାକିସ୍ତାନର ଏହି ମନ୍ଦ ଉଦ୍ଦେଶ୍ୟକୁ ଲୋକଲୋଚନକୁ ଆଣିବାର ଆବଶ୍ୟକତା ରହିଛି । ଭାରତୀୟମାନେ ଅଜାଣତରେ ଏହି ମିଥ୍ୟା ଖବରକୁ ବିଶ୍ୱାସ କରି ବିଭ୍ରାନ୍ତ ହୁଅନ୍ତି । ତେଣୁ ସାମା ଆରପଟୁ ହେଉଥିବା ଏହି ପ୍ରଚାର ଜିହାଦକୁ ବନ୍ଦ କରାଯିବା ଉଚିତ ।

**ଗୋଲଖ ଚନ୍ଦ୍ର ଦାସ**, ଘିଗିଡିଆ, ବାରୁଅ, କେନ୍ଦ୍ରାପଡା, ମୋ-୯୮୬୧୦୨୮୫୫୩




# ଜାତୀୟ ରାଜପଥ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ତ୍ୱରାନ୍ୱିତ କରିବା ପାଇଁ ସମୀକ୍ଷା ବୈଠକ

ଭୁବନେଶ୍ୱର ,(ପି.ଏନ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ରାଜ୍ୟ ମଧ୍ୟରେ ବିଭିନ୍ନ ଜାତୀୟ ରାଜପଥର ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।ଜାତୀୟ ରାଜପଥ ପ୍ରାଧିକରଣର ବରିଷ୍ଠ ଅଧିକାରୀଗଣ ଗତ ଏକ ମାସ ଭିତରେ ବିଭିନ୍ନ ଜାତୀୟ ରାଜପଥ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିବାରୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ରାଜସ୍ୱ ବିଭାଗର ଅଧିକାରୀମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଗତ ଏକ ମାସ ମଧ୍ୟରେ ଜମି ଅଧିଗ୍ରହଣ କାର୍ଯ୍ୟରେ ବିଭିନ୍ନ ହିତାଧିକାରୀମାନଙ୍କୁ ଜମି ଅଧିଗ୍ରହଣ ନିୟମ ଅନୁଯାୟୀ ୧୦୧ କୋଟି ପ୍ରାପ୍ୟ ବଂଟନ କରାଯାଇଛି । ଜାତୀୟ ରାଜପଥ ୫୫ ର କଟକ ଅନୁଗୁଳ ଭାଗ ମଧ୍ୟରେ ୨୧ ଗ୍ରାମ ମଧ୍ୟରୁ ୧୭ ଗ୍ରାମରେ ଦାଖଲ ଖାରଜ ମାମଲା ସମ୍ପୂର୍ଣ୍ଣ ହୋଇ ଜାତୀୟ ରାଜପଥ ପ୍ରାଧିକରଣଙ୍କୁ ସମସ୍ତ ଜମି ହସ୍ତାନ୍ତର କରାଯାଇଛି । ସେହିପରି ଅନୁଗୁଳ ସମ୍ବଲପୁର ଭାଗ ମଧ୍ୟରେ ସମୁଦାୟ ୭୦ ଗ୍ରାମ ମଧ୍ୟରୁ ୬୧ ଗ୍ରାମରେ ଦାଖଲ ଖାରଜ ମାମଲା ସମ୍ପୂର୍ଣ୍ଣ ହୋଇ ଜାତୀୟ ରାଜପଥ ପ୍ରାଧିକରଣଙ୍କୁ ସମସ୍ତ ଜମି ହସ୍ତାନ୍ତର କରାଯାଇଛି । ଏହା ବ୍ୟତୀତ ଗତ ଏକ ମାସ ମଧ୍ୟରେ ବହୁ ଦାଖଲ ଖାରଜ ମାମଲା ହୋଇ ରେକର୍ଡ କରେକ୍ସନ ହୋଇ ଜାତୀୟ ରାଜପଥ ପ୍ରାଧିକରଣଙ୍କୁ ଜମି ହସ୍ତାନ୍ତର କରାଯାଇଛି । ଅତିରିକ୍ତ ମୁଖ୍ୟ ଶାସନ ସଚିବ କୋରାପୁଟ ଜିଲ୍ଲାପାଳଙ୍କୁ ଶୁଙ୍କି ଠାରୁ ବୋରିଗୁମ୍ମା ଯାଏ ଜାତୀୟ ରାଜପଥର ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ମୟୁରଭଞ୍ଜ ଜିଲ୍ଲାପାଳଙ୍କୁ ନିୟମିତ ଭାବେ ସମୀକ୍ଷା ବୈଠକ ନେଇ ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅତିରିକ୍ତ ମୁଖ୍ୟ ଶାସନ ସଚିବ ହିତାଧିକାରୀଙ୍କୁ ନିୟମ ଅନୁଯାୟୀ ପ୍ରାପ୍ୟ ବଂଟନ ପରେ ତତ୍କାଳ ଦାଖଲ ଖାରଜ ଫଇସଲା କରି ଜାତୀୟ ରାଜପଥ ପ୍ରାଧିକରଣଙ୍କୁ ଜମି ହସ୍ତାନ୍ତର ଉପରେ ଗୁରୁତ୍ୱାରୋପ କଲେ ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ପରେ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀମାନେ ତୁରନ୍ତ କାମ ଆରମ୍ଭ ଓ ତ୍ୱରାନ୍ୱିତ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଲେ ।ଦେଶ ଓ ରାଜ୍ୟରେ ଜାତୀୟ ରାଜପଥ ଗୁଡିକ ସରବରାହର ଅନ୍ୟତମ ମୁଖ୍ୟ ମାଧ୍ୟମ । ତେଣୁ ଜାତୀୟ ରାଜପଥ ନିମନ୍ତେ ଜମି ଅଧିଗ୍ରହଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଓ ଜମି ହସ୍ତାନ୍ତର କାର୍ଯ୍ୟକୁ ଅଗ୍ରାଧିକାର ଭିତିରେ ସମାପନ କରିବାକୁ ସମସ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଅଖିଳ ଭାରତୀୟ ଘୋଷ ଦିବସ ଅବସରରେ ଲିଙ୍ଗରାଜ ମନ୍ଦିର ପରିକ୍ରମା

ଭୁବନେଶ୍ୱର , (ପି.ଏନ): ମହାଶିବ ରାତ୍ରୀର ମହାପର୍ବ ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତରଫରୁ ଅଖିଳ ଭାରତୀୟ ଘୋଷ ଦିବସ ଅନୁଷ୍ଠିତ ହୋଇଯାଇଛି । ଭଗବାନ ଶିବଙ୍କ ଅତିପ୍ରିୟ କ୍ଷେତ୍ର ଲିଙ୍ଗରାଜ, ମଙ୍ଗଳବାର ଦିନ ହର ହର ମହାଦେବ ଧ୍ୱନୀରେ ପ୍ରକମ୍ପିତ ହେଉଥିବା ବେଳେ, ସଂଘର ଭୁବନେଶ୍ୱର ମହାନଗର ତରଫରୁ ୧୬୦ରୁ ଉର୍ଦ୍ଧ୍ୱ ଘୋଷବାଦକ ଘୋଷ ବଜାଇ ଲିଙ୍ଗରାଜ ମନ୍ଦିର ପରିକ୍ରମା କରିଥିଲେ । ସ୍ୱରର ଅଧିଷ୍ଠାତା ଭଗବାନ ଶିବଙ୍କୁ ଶିବରଂଜନୀ,ସୋନଭଦ୍ର, କିରଣ, ଶ୍ରୀରାମ, ଚେତକ ଆଦି ରଚନା ବାଦନ ଦ୍ୱାରା ସ୍ୱରାଜଂଳୀ ମାଧ୍ୟମରେ ସ୍ୱୟଂସେବକମାନେ ନିଜର ଭକ୍ତିପୂତ ନୈବେଦ୍ୟ ଅର୍ପଣ କରିଥିଲେ । କରୋନା ଗାଇଡ ଲାଇନ ପାଳନ ପୂର୍ବକ ଓଲଡଟାଉନ ଠାରେ ଅନୁଷ୍ଠିତ ଏହି ଭବ୍ୟକାର୍ଯ୍ୟକ୍ରମରେ ସଂଘର ସ୍ୱୟଂସେବକମାନେ ପୂର୍ଣ୍ଣ ଗଣବେଶରେ ସାଇଡ୍ରମ (ଆନକ), ବେଗୁଲ, ଟ୍ରମ୍ପେଡ, ପଣବ, ଶଙ୍ଖ ଓ ବଂଶୀ ଆଦି ଘୋଷବାଦ୍ୟ ବଜାଇ ପାଦକୁ ପାଦ ମିଳାଇ ସଂଚଳନ କରିଥିଲେ । ଏହି ଭବ୍ୟ ପଥ ସଂଚଳନ ଡାକବଙ୍ଗଳା ଛକ ଠାରୁ ଆରମ୍ଭ ହୋଇ ବଡେଇବାଙ୍କ ଛକ, ଲିଙ୍ଗରାଜ ମନ୍ଦିର, ଆନି ହାଉସ ଛକ, ତାରାସୁନ୍ଦର ରୋଡ, ମହତାବ ରୋଡ ଦେଇ ପୁଣି ଡାକବଙ୍ଗଳା ନିକଟରେ ପହଁଚିଥିଲା । ପଥ ମଧ୍ୟରେ ମାଆ,ଭଉଣୀମାନେ ପଥ ସଂଚଳନରେ ଯାଉଥିବା ସ୍ୱୟଂସେବକ ଓ ସଂଘର ଗୁରୁ 'ଗୈରୀକ ପତାକା'କୁ ବନ୍ଧାପନା କରିବା ସହିତ ସ୍ୱାଗତ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମହାନଗରର କେଦାରଗୌରୀ ନଗର, ବୁଦ୍ଧେଶ୍ୱରୀ ନଗର, ରାଜାରାଣୀ ନଗର, ମୈତ୍ରୀ ନଗର, ପଟିଆ ନଗର, ଶିଖରଚଣ୍ଡି ନଗର, ବାଣୀବିହାର ନଗର, ଲକ୍ଷେଶ୍ୱର ନଗର, ଝାରପଡା ନଗର, ଖାରବେଳ ନଗର, ନୟାପଲ୍ଲୀ ନଗର,ବନଦୁର୍ଗା ନଗର, ଡୁମଡୁମା ନଗର , ବରମୁଣ୍ଡା ନଗର,କଳିଙ୍ଗ ନଗରରୁ ପ୍ରାୟ ୧୬୦ରୁ ଉର୍ଦ୍ଧ୍ୱ ଘୋଷବାଦକ ଯୋଗଦେଇ ଘୋଷବାଦନ କରିଥିଲେ । ମହାନଗର ଶାରୀରିକ ପ୍ରମୁଖ କ୍ଷିରୋଦ କୁମାର ବିହାରୀ ଏହି କାର୍ଯ୍ୟକ୍ରମରେ ସଂଚାଳନ କରିଥିବା ବେଳେ ଗିରିଜା ପ୍ରସାଦ ମହାପାତ୍ର ଓ ନିଳମଣୀ ମହାପାତ୍ର ସଂଯୋଜନା କରିଥିଲେ । ମହାନଗର ସହକାର୍ଯ୍ୟବାହ ଭବେଷ ଜେନା ମୁଖ୍ୟବକ୍ତା ରୂପେ ଯୋଗଦେଇ ଅଖିଳ ଭାରତୀୟ ଘୋଷ ଦିବସର ଉଦ୍ଦେଶ୍ୟ ସଂପର୍କରେ ପ୍ରକାଶ କରିଥିଲେ ।

# ୟୁକ୍ରେନରୁ ଭାରତୀୟ ଛାତ୍ର ଛାତ୍ରୀଙ୍କୁ ତୁରନ୍ତ ଉଦ୍ଧାର ଦାବିରେ ଛାତ୍ର କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର , (ପି.ଏନ): ୟୁକ୍ରେନରେ ଫସିରହିଥିବା ଭାରତୀୟ ଛାତ୍ର ଛାତ୍ରୀଙ୍କୁ ତୁରନ୍ତ ଫେରାଇ ଆଣିବାକୁ ବୁଧବାର ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ମାଷ୍ଟର କ୍ୟାଂଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ର୍ୟାଲି କଂଗ୍ରେସ ଭବନରୁ ବାହାରି ମାଷ୍ଟର କ୍ୟାଂଟିନ ଛକ ଦେଇ କନଭେଂଟ ଛକ ଦେଇ ପୁଣି ମାଷ୍ଟର କ୍ୟାଂଟିନ ଛକ ପର୍ଯ୍ୟନ୍ତ ଯାଇଥିଲେ । ଶ୍ରୀୟା ଛକରେ ୟୁକ୍ରେନରେ ଥିବା ଭାରତୀୟ ଛାତ୍ରଛାତ୍ରୀଙ୍କ ପ୍ରତି ଅବିଚାର କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତଳିକା ଦାହ କରିଥିଲେ । ଏହି ପ୍ରସଙ୍ଗରେ ଶ୍ରୀ ନୱାଜ କହିଥିଲେ ଯେ ୟୁକ୍ରେନରୁ ବହୁପୂର୍ବରୁ ସମସ୍ତ ଦେଶ ସେମାନଙ୍କର ଛାତ୍ରଛାତ୍ରୀ ମାନଙ୍କ ନେଇଆସିଥିବା ବେଳେ ମୋଦିଙ୍କ ଅପାରଗତା ପାଇଁ ଭାରତୀୟ ଛାତ୍ର ଋଷ-ୟୁକ୍ରେନ୍ ଯୁଦ୍ଧର ଭୟାନକ ପରିସ୍ଥିତିରେ କାଳ କାଟୁଛନ୍ତି । ଭାରତରେ ପ୍ରଧାନମନ୍ତ୍ରୀ ମୋଦି ଓ ବିଜେପି ଛାତ୍ର ଛାତ୍ରୀଙ୍କୁ ଫେରାଇ ଆଣିବାପାଇଁ କେବଳ ମିଡିଆରେ ବୟାନବାଜି କରୁଛନ୍ତି । ଏଠାରେ ପ୍ରଶ୍ନ ଉଠେ ଏଭଳି ପରିସ୍ଥିତିରେ ସୂଚନା ପାଇଁ ମୋଦି ପୂର୍ବରୁ ଛାତ୍ରଛାତ୍ରୀଙ୍କୁ ଆଣିଲେନି କାହିଁକି ? ସେଠାରେ ଭାରତୀୟ ଛାତ୍ର ମୃତ୍ୟୁବରଣ କଲେଣି । ବଙ୍କର ଭିତରେ ଭୋକ ଉପାସରେ ପଡ଼ିଛନ୍ତି । ଭାରତୀୟ ପତାକା ଧରି ଜୀବନ ବିକଳରେ ଦଉଡୁଛନ୍ତି । ଏବେ ବିଶ୍ୱ ଦେଖୁଛି ମୋଦି କେତେ ଦୁର୍ବଳ ଓ ଅପାରଗ ପ୍ରଧାନମନ୍ତ୍ରୀ । ଯୁଦ୍ଧ ପରିସ୍ଥିତି ଆସିଲେ ମୋଦି କିପରି ଅକର୍ମା ହୋଇପଡ଼ିଛନ୍ତି ତାହାର ପ୍ରମାଣ ଏଠାରେ ମିଳୁଛି । ସେହିପରି ବିଶ୍ୱରେ କରୋନା ପରିସ୍ଥିତି ଭୟାବହ ଥିବାବେଳେ ମୋଦି ଭାରତବାସୀଙ୍କୁ ସଚେତନ କରେଇ ପାରିଲେନି । ସୁତରାଂ ମୋଦି ତୁରନ୍ତ ସମସ୍ତ ଭାରତୀୟ ଛାତ୍ରଛାତ୍ରୀଙ୍କୁ ପ୍ରତ୍ୟାବର୍ତନ କରେଇ ଆଣିବାକୁ ପ୍ରଦେଶ ଛାତ୍ର କଂଗ୍ରେସ ଦାବି କରିଛି ।

# କାର ବାଇକ ମୁହାଁମୁହିଁ ଧକ୍କା,ଚାରି ଗୁରୁତର ଆହତ

ଖୋର୍ଦ୍ଧା, (ପିଏନ): ଗତ ୧ ତାରିଖ ବିଳମ୍ବିତ ସଂଧ୍ୟାରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବାଘମାରୀ ଓ ସାରୁଅ ମଧ୍ୟସ୍ଥ ଲିଜା ଢାବା ନିକଟରେ ଓଡି୦୫ଏଲ୩୮୦୫ ନମ୍ବର ବିଶିଷ୍ଟ କାରଟି ଖୋର୍ଦ୍ଧାରୁ କଂଟିଲୋ ଅଭିମୁଖେ ଆସୁଥିବା ବେଳେ ବୀପରିତ ଦିଗରୁ ଏକ ବାଇକ ଯୋଗେ ବୋଲଗଡରୁ କୀର୍ତନ ସେଠୀ ,ରାଜେଶ ସେଠୀ,ସୂର୍ଯ୍ୟସେଠୀ ଓ ସୀତା ସେଠୀ ନିଜ ବନ୍ଧୁଘର ନାଳିପଡା ଅର୍ଜୁନପୁରକୁ ଯାଉଥିବା ସମୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଘଟଣା ସ୍ଥଳରେ ବାଇକ ଆରୋହୀ ଦୁଇ ଜଣଙ୍କ ଗୋଡ ଭାଙ୍ଗି ଯାଇଥିବା ବେଳେ ସୀତା ସେଠୀ ଗୁରୁତର ଆହତ ହୋଇ କୋମା ଅବସ୍ଥାକୁ ଚାଲିଯାଇ ଭୁବନେଶ୍ୱରସ୍ଥିତ ଏମସ ହସପିଟାଲରେ ଚିକିତ୍ସିତ ହେଉଥିବାର ଖବର ବାଘମାରୀ ଥାନା ଅଧିକାରୀ ଅର୍ଚ୍ଚନା ମଲ୍ଲିକଙ୍କ ଠାରୁ ପ୍ରକାଶ । ଏ ନେଇ ବାଘମାରୀ ଥାନାରେ କେସ ରୁଜୁ କରାଯାଇ କାରର ଚାଳକ ନୟାଗଡ ଜିଲ୍ଲା ଫତେଗଡ ଥାନା ଅନ୍ତର୍ଗତ ବାଇଗଣିଆ ଗ୍ରାମର ସୁମନ ବେହେରାଙ୍କୁ ଗିରଫ କରାଯାଇଥିଲା । ପରେ ତାଙ୍କୁ ଜାମିନ ପାଇ ଖଲାସ ହୋଇଛନ୍ତି ।

# ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା



ଖୋର୍ଦ୍ଧା, (ପିଏନ)- ବୋଲଗଡ ବ୍ଲକ ଗେଡିଆପଲ୍ଲୀ ପଂଚାର ସାଲତରା ଗ୍ରାମର ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଜାଗର ଯାତ୍ରା ଉପଲକ୍ଷେ ବିଶ୍ୱଶାଁନ୍ତି ମହାଯଜ୍ଞ ଚାଲୁ ରହିଛି । ଏ ନେଇ ଆଜି ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରଥମ ଦିନରେ ଶିବାର୍ଚ୍ଚନା,ଅଷ୍ଟ ପ୍ରହର ନାମଯଜ୍ଞ,ଦ୍ୱିତୀୟ ଦିନରେ ହରିହାଟ ଓ ଅଙ୍କୁରାରୋପଣ,ତୃତୀୟ ଦିନରେ ଶିବାର୍ଚ୍ଚନା,ନଗରକୀର୍ତନ ସହ କଳସ ଶୋଭାଯାତ୍ରାରେ ବାହାରି ଗ୍ରାମ୍ୟ ପରିକ୍ରମା କରାଯାଇ ଯଜ୍ଞାଚାର୍ଯ୍ୟ ନିରଞ୍ଜନ ମିଶ୍ରଙ୍କ ତ୍ୱାବଧାନରେ ବୈଦିକ ରୀତିନିତୀ କାର୍ଯ୍ୟ ଆରମ୍ଭ ହୋଇଥିଲା ।ପ୍ରତ୍ୟହ ସଂନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଥିବା ବେଳେ ଶୁକ୍ରବାର ଦିନ ପୂର୍ଣ୍ଣାହୁତି କରାଯିବ ବୋଲି ଆୟୋଜକ ମାନଙ୍କ ଠାରୁ ପ୍ରକାଶ ।

# କଳା କୃଷି ଆଇନ୍ ପ୍ରତ୍ୟାହାର ଦାବିରେ ନୂଆଗାଁ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ଧାରଣା ଓ ବିକ୍ଷୋଭ

ରାଉରକେଲା, (ପିଏନ) : କେନ୍ଦ୍ର ସରକାରଙ୍କ କଳା କୃଷି ଆଇନ୍ ପ୍ରତ୍ୟାହାର ଦାବିରେ କୋଇଡା ବ୍ଲକ୍ କଂଗ୍ରେସ ତରଫରୁ ଆଜି ଏକ ଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମ ନୂଆଗାଁ ବ୍ଲକ୍ କଂଗ୍ରେସର ପୂର୍ବତନ ଜୋନ ସଭାପତି ଅନୀଲ ଏକ୍କା, ନୂଆଗାଁ କୃଷକ କଂଗ୍ରେସ ସଭାପତି ପ୍ରକାଶ ସାହୁ ଓ କଂଗ୍ରେସ ନେତା ସୁଲେମାନ କାଉଡିଆଙ୍କ ନେତୃତ୍ୱରେ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୃଷକ ଆନ୍ଦୋଳନ ସ୍ୱତନ୍ତ୍ର କମିଟିର ଜିଲ୍ଲା ଅଧକ୍ଷ ତଥା ନବନିଯୁକ୍ତ ରାଉରକେଲା ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କେନ୍ଦ୍ରର ପ୍ରଣୀତ କୃଷି ଆଇନ୍ ଦେଶର କୃଷି ଓ କୃଷକ ବିରୋଧି ଆଇନ୍ ବୋଲି କହିଥିଲେ । ଏହି ଆଇନ୍ ଦ୍ୱାରା ମଣ୍ଡି ଓ ଲ୍ୟାମ୍ପସ୍ ବ୍ୟବସ୍ଥା ଉଚ୍ଛେଦ ହେବା ସହିତ ଚାଷୀମାନଙ୍କୁ ସେମାନଙ୍କ ଫସଲର ସହାୟକ ମୂଲ୍ୟ ପ୍ରଦାନ ବ୍ୟବସ୍ଥା ଉଚ୍ଛେଦ ହୋଇଯିବ । ନୂଆ

କୃଷି ନୀତିରେ କେନ୍ଦ୍ର ସରକାର କୃଷକମାନଙ୍କ ନିକଟରେ ପୁଞ୍ଜିପତି କର୍ପୋରେଟ୍ ସେକ୍ଟରର ଏଜେଣ୍ଟମାନଙ୍କୁ ପହଞ୍ଚିବାର ବ୍ୟବସ୍ଥା କରିଥିବାରୁ ଆଗାମୀ ଦିନରେ କ୍ଷୁଦ୍ର ଓ ନାମମାତ୍ର ତଥା ଭାଗଚାଷୀଙ୍କ ଜମି ଉପରେ କର୍ପୋରେଟ୍ ସେକ୍ଟରର ପୁଞ୍ଜିପତିମାନଙ୍କ ନିୟନ୍ତ୍ରଣ ରହିବ ବୋଲି ଶ୍ରୀ ତିର୍କୀ କହିଥିଲେ । ନୂଆ କୃଷି ନୀତିରେ ସରକାର କିମ୍ବା ସରକାରୀ ସଂସ୍ଥା କୃଷକମାନଙ୍କ ଠାରୁ ସେମାନଙ୍କ ଉତ୍ପାଦିତ ଫସଲ କିଣିବା ପାଇଁ କୌଣସି ପ୍ରାବଧାନ ରଖିନାହାଁନ୍ତି । ଫଳରେ ଆଗାମୀ ଦିନରେ ଭାରତୀୟ ଖାଦ୍ୟ ନିଗମ କର୍ତ୍ତୃପକ୍ଷ କୋଟି କୋଟି ଚାଷୀଙ୍କ ନିକଟରେ ସିଧାସଳଖ ପହ?ି ସେମାନଙ୍କ ଠାରୁ ଫସଲ କିଣିବା ଆଦୌ ସମ୍ଭବ ହେବନାହିଁ । ସରକାରୀ ସଂସ୍ଥା ଚାଷୀଙ୍କ ଠାରୁ ଖାଦ୍ୟ ଶସ୍ୟ ନ କିଣିଲେ ସାଧାରଣ ବ?ନ ବ୍ୟବସ୍ଥା ପ୍ରଭାବିତ ହେବ । ଏହାହେଲେ ଗରିବ ଲୋକମାନଙ୍କୁ କିପରି ସୁଲଭ ମୂଲ୍ୟରେ ସରକାର ଖାଦ୍ୟଶସ୍ୟ ଯୋଗାଇ ଦେବେ ବୋଲି ଶ୍ରୀ ତିର୍କୀ ପ୍ରଶ୍ନ କରିଥିଲେ । ତେଣୁ କେନ୍ଦ୍ର ସରକାରଙ୍କ ଏହି କଳା କୃଷି ଆଇନ୍‌କୁ ତୁରନ୍ତ ପ୍ରତ୍ୟାହାର କରି ଭବିଷ୍ୟରେ ପ୍ରଭାବିତ ହେବାକୁ ଥିବା ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ସୁନିଶ୍ଚିତ କରନ୍ତୁ ବୋଲି ଦଳ ପକ୍ଷରୁ ଦାବି କରାଯାଇଥିଲା । ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ବୀରମିତ୍ରପୁର କଂଗ୍ରେସ ପ୍ରାର୍ଥୀ ରୋହିତ ଯୋଶେଫ ତିର୍କୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନ୍ ଦେଶରେ ଖାଦ୍ୟଶସ୍ୟର ନିଅ?ିଆ ପରିସ୍ଥିତି ସୃଷ୍ଟି କରିବା ସହ ଦରଦାମ୍ ବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ । କାରଣ କର୍ପୋରେଟ୍ ସେକ୍ଟରର ଏଜେ?ମାନେ ଚାଷୀଙ୍କ ଠାରୁ ଅମଳ ସମୟରେ କମ୍ ମୂଲ୍ୟରେ ଖାଦ୍ୟଶସ୍ୟ କିଣି ଏହାକୁ ଗଚ୍ଛିତ ରଖିବା ଦ୍ୱାରା ବଜାରରେ ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହେବ । ଏଭଳି ପରିସ୍ଥିତିରେ ସେମାନେ ଏହାର ଫାଇଦା ଉଠାଇ ଗଚ୍ଛିତ ଖାଦ୍ୟଶସ୍ୟକୁ ଚଢା ଦରରେ ବିକ୍ରି କରିବାର ପଥ ସୁଗମ ହେବ ବୋଲି କହିଥିଲେ । ଫଳରେ ସବୁଶ୍ରେଣୀର ଲୋକେ ସାଂଘାତିକ ଭାବେ କ୍ଷତିଗ୍ରସ୍ତ ହେବେ । ତେଣୁ ସ୍ୱେଚ୍ଛାଚାରୀ ମୋଦି ସରକାରର ଏହି କଳା କୃଷି ଆଇନ୍‌କୁ ସମସ୍ତେ ମିଳିମିଶି ଦୃଢ ବିରୋଧ କରିବାର ଆବଶ୍ୟକତା ରହିଛି ବୋଲି କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ନୂଆଗାଁ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ କୃଷି ଆଇନ୍ ପ୍ରତ୍ୟାହାର ଦାବିରେ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜ୍ଞାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶ୍ରୀ ତିର୍କୀଙ୍କ ସମେତ ବୀରମିତ୍ରପୁର କଂଗ୍ରେସ ନେତା ରୋହିତ ଯୋଶେଫ ତିର୍କୀ, ରାଉରକେଲା ଓବିସି ଅଧକ୍ଷ କୈଳାସ ସାହୁ, ପ୍ରକାଶ ସାହୁ, ସୁଲେମାନ କାଉଡିଆ, ଅନୀଲ କେର୍କେଟା, ସୁକ୍ରୁ ଅହିର, ଅନୀଲ ଏକ୍କା, ସୋମରା ତିର୍କୀ, ଶରତ ବେହେରା, ଆନନ୍ଦମାସି ଜଦିଆ, ବାସିଲ ଯୋଯୋ, ଟୁନୁର ଟପ୍ପୋ, ସୁରଜ ସାହୁ, ଜୁଏଲ କାଣ୍ଡୁଲନା, ରାମୁ ବଡାଇକ, ନିକୁ କେଶରୀ, ବେଲା ଓରାମ, ବୁତରୁ ଓରାମ, କିଶୋର କୁମାର ଏକ୍କା, ଅଜିତ ବୁଡ, ଅଗୁଷ୍ଟିନ କାଣ୍ଡୁଲନା, ଅନୀଲ ଖଣ୍ଡୁଆଳ, ଜୁଏଲ ଭେଙ୍ଗରା, ସୁରଜ ତିର୍କୀ, ଧିରଜ ତିର୍କୀ, ପ୍ରକାଶ ତିର୍କୀ, ସୁଜିତ କୁଜୁର, ସଂଯୁକ୍ତା ଲାକ୍ରା, ସସ୍ମିତା ମୁଣ୍ଡା, ସହାୟ କେର୍କେଟା, ରାଧେ ପ୍ରଧାନ, ପ୍ରମିଳା ମୁଣ୍ଡା, ମଙ୍ଗଳ ଟପ୍ପୋ, କୋଣ୍ଡା କୁମ୍ଭାର, ଜୁନୁଲ ଖାଡିଆ, ଏଚ୍. ସୁରିନ ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ସମର୍ଥକ ସାମିଲ୍ ଥିଲେ ।




# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି । ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି । ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍ସର ଉପଯୋଗ କରିଛି । ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ । ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି । ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି । ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ । ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଣ୍ଟରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ । ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ । ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି । ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି । ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ । ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି । ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା

କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି । ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି । ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ । ପ୍ୟାକେଟରେ ଆସୁଥବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି । ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ । ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି । ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି । ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା । ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି । ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ । ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ । ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ । କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି । ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି । ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି । ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ । ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ । ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ । ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି । ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ । ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି ।

# ଗୁଣାତ୍ମକ ଶିକ୍ଷା ପ୍ରଣାଳୀର ପୁନରୁଦ୍ଧାର ପ୍ରୟୋଜନ : ସୂର୍ଯ୍ୟ ପାତ୍ର

ଭୁବନେଶ୍ୱର(ପିଏନ)- ଭାରତ ବର୍ଷର ପ୍ରାଚୀନ ଗୁରୁକୁଳ ଶିକ୍ଷା ପରମ୍ପରା ଖୁବ ମହାନ ଓ ମହିମାମୟ ଥିଲା ବୋଲି ଓଡିଶା ବିଧାନ ସଭା ର ବାଚସ୍ପତି ଡ଼. ସୂର୍ଯ୍ୟନାରାୟଣ ପାତ୍ର ମତ ପ୍ରକାଶ କରିଛନ୍ତି । ଏହି ଗୁଣାତ୍ମକ ଏବଂ ଗୌରବାନ୍ୱିତ ଶିକ୍ଷା ପଦ୍ଧତି ର ପୁନରୁଦ୍ଧାର ସାମ୍ପ୍ରତିକ ଯୁଗରେ ଖୁବ ପ୍ରାସଙ୍ଗିକ ଓ ବାସ୍ତବିକ ବୋଧ ହେଉଥିବା ଡ଼.ପାତ୍ର ସୁଚାଇଛନ୍ତି । ଭୁବନେଶ୍ୱରର ନୂଆପଲ୍ଲୀ ଠାରେ ଏସାର ସିଷ୍ଟମ୍ସ ଏବଂ ଗୁରୁକୁଳ ଅନଲାଇନ ଶିକ୍ଷା ବ୍ୟବସ୍ଥାର ଭାରତ କାର୍ଯ୍ୟାଳୟ ଓ ଆନ୍ତର୍ଜାତିକ ମୁଖ୍ୟାଳୟ ର ଭରଚୁଆଲ ଶୁଭ ଉଦଘାଟନ କରି ଡ଼.ପାତ୍ର ବର୍ତ୍ତମାନ ପ୍ରଚଳିତ ଶିକ୍ଷା ପ୍ରଣାଳୀର ନୈତିକ ,ବୈଷୟିକ ,ପ୍ରଯୁକ୍ତିଗତ ଓ ବ୍ୟବହାରିକ ମାନ ବୃଦ୍ଧି କରିବାରେ ଏସାର -ଗୁରୁକୁଳ ନିଶ୍ଚିତ ଭାବେ ସକ୍ଷମ ହେବ ବୋଲି ଆଶା ପ୍ରକାଶ କରିଥିଲେ ।

ଉଦଘାଟନୀ ଉତ୍ସବରେ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସରକାରଙ୍କର ଇଲେକ୍‌ଟ୍ରୋନିକ୍ସ , ପ୍ରଯୁକ୍ତି ବିଦ୍ୟା , କ୍ରୀଡା ,ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଫିତା କାଟି ଗୃହ ପ୍ରବେଶ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଏହି ଅବସରରେ ଆୟୋଜିତ ଏକ ଆନ୍ତର୍ଜାତୀକ ୱେବିନାରକୁ ସମ୍ବୋଧନ କରି ଶ୍ରୀ ବେହେରା ସାରା ବିଶ୍ୱରେ ଓଡ଼ିଆ ଭାଷା ର ପ୍ରଚାର , ପ୍ରସାର ଏବଂ ଏହାକୁ ଲୋକପ୍ରିୟ କରିବା ପାଇଁ ଏସାର - ଗୁରୁକୁଳ ଯେପରି ମାଗଣା ଅନ ଲାଇନ ଶିକ୍ଷା ପ୍ରଦାନର ପ୍ରକ୍ରିୟା ପ୍ରାରମ୍ଭ କରିବାକୁ ଯାଉଛି , ତାର ଭ?ୟସୀ ପ୍ରସଂଶା କରିଥିଲେ । ଆଜି ଇ -ଶିକ୍ଷା ଏବଂ ୫ ଜି ଟେକ୍ନୋଲୋଜିକୁ ଆପଣେଇବା ସମୟୋଚିତ ହେବ ବୋଲି ମନ୍ତ୍ରୀ କହିଥିଲେ ।ସମାରୋହରେ ବିଶିଷ୍ଟ ଅତିଥି ଭାବରେ ସାମିଲ ହୋଇ ପୂର୍ବତନ ମନ୍ତ୍ରୀ ଅମର ଶତପଥୀ , ଆମର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ ମାତ୍ରାରେ ପ୍ରଯୁକ୍ତି ବିଦ୍ୟାର କ୍ରୀତଦାସ ନ ସାଜି ସ୍ୱୟଂସମୃଦ୍ଧ ଓ ସୃଜନଶୀଳଯୁକ୍ତ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ । ଅସ୍କାର ବିଧାୟିକା ମଞ୍ଜୁଳା ସ୍ୱାଇଁ ,ଏସାର - ଗୁରୁକୁଳ ଦ୍ୱାରା ସାରା ପୃଥିବୀରେ ଓଡ଼ିଆ ଶିକ୍ଷାକୁ ପରିବ୍ୟାପ୍ତ କରିବାର ପ୍ରୟାସକୁ ସ୍ୱାଗତ ଜଣାଇଥିଲେ ।

ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ମୁଖ୍ୟ ଗୁରୁମା ଡ଼. ଅରୁନ୍ଧତି ଦେବୀ , ବିଦେଶରେ ଲୁପ୍ତ ପ୍ରାୟ ହେବାକୁ ଯାଉଥିବା ଓଡ଼ିଆ ଭାଷା କୁ ପୁନରୁଦ୍ଧାର କରିବା ଏବଂ ବର୍ତ୍ତମାନ ତଥା ଭବିଷ୍ୟତ ପିଢୀକୁ ଏହାର ଉପାଦେୟତା ପ୍ରତି ସଚେତନ କରାଇବା ଓ ଏଥିପ୍ରତି ଆକୃଷ୍ଟ କରିବା ଦିଗରେ ଏସାର - ଗୁରୁକୁଳ ନିଶ୍ଚିତ ଭାବରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଭରସା ପ୍ରକଟ କରିଥିଲେ । ମାନବିକତା ଧର୍ମୀ ଶିକ୍ଷା ପାଇଁ ଉଦ୍ଦିଷ୍ଟ ଗୁରୁକୁଳ, ବିଦ୍ୟାର୍ଥୀର ଜୀବନ ଓ ମାନସିକତା ନିର୍ମାଣ କରିବ ବୋଲି ଡ଼.ଦେବୀ ଉଲ୍ଲେଖ କରିଥିଲେ । ପ୍ରବାସରେ ଓଡ଼ିଆ ପାଠ୍ୟକ୍ରମ ଶିକ୍ଷାଲାଭ କରୁଥିବା ଛାତ୍ର ଛାତ୍ରୀମାନଙ୍କୁ ଅନଲାଇନ ପରୀକ୍ଷା ଦେବାର ସୁଯୋଗ ପ୍ରଦାନ କରିବାକୁ ଚେନ୍ନାଇ ସ୍ଥିତ ପ୍ରବାସୀ ଓଡ଼ିଆ ସାଂସ୍କୃତିକ ସମାଜର ସଭାପତି ଶାନ୍ତନୁ କୁମାର ଜେନା, ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଅନଲାଇନ ଯୋଗେ ନୂଆକରି ଯୁଗୋପଯୋଗୀ ଗୁରୁଶିଷ୍ୟ ପରମ୍ପରାର ପୁନରୁଦ୍ଧାର, ସମୟର ଆହ୍ୱାନ ବୋଲି ନୂଆଦିଲ୍ଲୀ ସ୍ଥିତ ଡ଼. ଆମ୍ବେଦକର ଫାଉଣ୍ଡେସନ ର ନିର୍ଦ୍ଦେଶକ ଡ଼. ଦେବେନ୍ଦ୍ର ମାଝୀ ଦର୍ଶାଇଥିଲେ ।

ସ୍ୱାଗତ ଭାଷଣ ପ୍ରଦାନ କରି ଉତ୍ସବର ସହ ଆୟୋଜକ ବରିଷ୍ଠ ସାମ୍ବାଦିକ ତଥା ବନ୍ଦେ ଉତ୍କଳ ଫାଉଣ୍ଡେସନ ର ପ୍ରତିଷ୍ଠାତା ଅଧକ୍ଷ କିଶୋର ଦ୍ୱିବେଦୀ , ଏସାର - ଗୁରୁକୁଳ ପାରମ୍ପରିକ ଶିକ୍ଷା ପ୍ରଦାନ ଓ ଗ୍ରହଣ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଯାଉଥିବା ସୁଚାଇଥିଲେ । ବିଦ୍ୟାର୍ଥୀ ଶିକ୍ଷାଦାନ ନିକଟକୁ ନ ଆସି ଶିକ୍ଷାକୁ ବିଦ୍ୟର୍ଥୀର ଦୁଆର ମୁହଁ ରେ ସପ୍ତାହକୁ ସାତଦିନ ଓ ୨୪ ଘଣ୍ଟା ଧରି, ତାଙ୍କର ସୁବିଧା ଅନୁସାରେ ପହଞ୍ଚାଇବା, ଏହି ନୂଆ ଶିକ୍ଷାକ୍ରମର ଅସଲ ଉଦେଶ୍ୟ ବୋଲି ଶ୍ରୀ ଦ୍ୱିବେଦୀ ଦର୍ଶାଇଥିଲେ ।

ଉଭୟ ପ୍ରକୃତ ଓ ଓ୍ୱ?ବ ଯୋଗେ ଆୟୋଜିତ ଏହି ଉଦଘାଟନୀ ସମାରୋହର ମୁଖ୍ୟ ଆୟୋଜକ ଏବଂ ଏସାର- ଗୁରୁକୁଳ ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଇଂ ମୀନକେତନ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରି ଏସାର- ଗୁରୁକୁଳ ସଂସ୍ଥା ଗଠନ ପଛରେ ଥିବା ଦାର୍ଶନିକ ଓ ଆଧାତ୍ମିକଗତ ମହତ ଭାବନା ଉପରେ ଆଲୋକପାତ କରିଥିଲେ । ଦେଶର ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ନବୀକରଣ ଓ ଏହାର ମାନବର୍ଦ୍ଧନ ପାଇଁ ଏସାର - ଗୁରୁକୁଳ ବଦ୍ଧପରିକର ବୋଲି ଇଃ ଶ୍ରୀ ବିଶ୍ୱାଳ ଉଲ୍ଲେଖ କରିଥିଲେ ।

ସମଗ୍ର ଡିଜିଟାଲ କାର୍ଯ୍ୟକ୍ରମକୁ ଏସାର- ଗୁରୁକୁଳ ପରିକଳ୍ପନାର ସର୍ଜନାକାରୀ ଏବଂ ସି .ଏମ .ଡି ଇଃ ଶ୍ରୀ ବିଶ୍ୱାଳଙ୍କର ସୁପୁତ୍ର ଶିବ ରଞ୍ଜନ ବିଶ୍ୱାଳ ମାଞ୍ଚେଷ୍ଟର ରୁ ସଂଯୋଜନା କରିଥିଲେ । ଆୟୋଜନର ସୁପରିଚାଳନା କରିବାରେ ଶିବ କୁମାର ବିଶ୍ୱାଳ , ପ୍ରକାଶ ନାୟକ, ଦିଲ୍ଲୀପ କୁମାର ସାହୁ ଏବଂ ବିକାଶ ଚନ୍ଦ୍ର ନାୟକ ପ୍ରମୁଖ ମୁଖ୍ୟଭୂମିକା ଗ୍ରହଣ କରିଥିଲେ ଝ ଶେଷରେ ଜଗବନ୍ଧୁ ମୃଦୁଲି ଓ ତାଙ୍କର ସାଥି କଳାକାର ମାନେ ମନୋରଂଜକ ଭଜନ ପରିବେଷଣ କରିଥିଲେ ।




# ନଦୀବନ୍ଧ ହାଣିଦେଲା ଠିକାଦାର, ଲୋକେ ହନ୍ତସନ୍ତ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ୍ ଉତରପ୍ରତାପ ପଞ୍ଚାୟତ ଅଲଣିସାହୁପାଟଣା ଗ୍ରାମ ନିକଟରେ କେଲୁଅ ନଦୀବନ୍ଧ ରାସ୍ତାକୁ ମାସେ ହେଲା ଠିକାଦାର ହାଣି ଦେଇଛି। ହଠାତ୍ ନଦୀବନ୍ଧକୁ ହାଣି ଯାଇଥିବାରୁ ଏହି ରାସ୍ତା ଦେଇ ପ୍ରତ୍ୟହ ଯାତାୟତ କରୁଥିବା ଶହ ଶହ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବନ୍ଧ ହଣା ଯାଇଥିବା ସଂପର୍କରେ ନରସିଂହପୁର ଗାଁ ପାର୍ଶ୍ୱରେ କୌଣସି ସୂଚନା ଦିଆ ଯାଇନଥିବାରୁ ବାଇକ୍ ଆରୋହୀଙ୍କ ଠାରୁ ଆରମ୍ଭ କରି ସାଇକେଲ୍ ଓ ଗାଡ଼ିମୋଟର ଚାଳକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ଛାତ୍ରଛାତ୍ରୀମାନେ ବିପଜ୍ଜନକ ଅବସ୍ଥାରେ ଯା'ଆସ କରୁଛନ୍ତି । ବନ୍ୟା ସମୟରେ ଏଠାରେ ପାଣି ନିଷ୍କାସନ ପାଇଁ ଏକ ହ୍ୟୁମ୍‌ପାଇପ୍ ବସାଇବାକୁ ଜାରକା ଜଳସେଚନ ବିଭାଗ ପକ୍ଷରୁ ୪ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା। କାର୍ଯ୍ୟାଦେଶ ପାଇ ସ୍ଥାନୀୟ ଅଞ୍ଚଳର ଜଣେ ଠିକାଦାର ମାସେ ହେଲା ନରସିଂହପୁର(ପଣ୍ଡାସାହି) ଓ ଅଲଣିସାହୁପାଟଣା ଗାଁ ମଝିରେ ଜେସିବି ମେସିନ୍ ଲଗାଇ ପ୍ରାୟ ୧୦ଫୁଟ୍ ଚଉଡ଼ାରେ ନଦୀବନ୍ଧକୁ କାଟି ଦେଇଥିଲେ । ଏହା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ଜଣେ ବ୍ୟକ୍ତି ଏଠାରେ ପୋଲର କୌଣସି ଆବଶ୍ୟକତା ନଥିବା ଦର୍ଶାଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲେ । ଏ ସଂପର୍କରେ ଅଭିଯୋଗ ପାଇ ବିଭାଗ ପକ୍ଷରୁ ଏହି କାମକୁ ବନ୍ଦ କରିଦେବା ସହିତ ଏହାକୁ ପୋତି ଦେବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ହେଲେ ଏକ ମାସରୁ ଅଧିକ ଦିନ ହେଲା ବନ୍ଧ ଖୋଲା ଯାଇଥିଲେ ମଧ୍ୟ ସଂପୃକ୍ତ ଠିକାଦାର ଏହାକୁ ପୋତୁ ନାହାଁନ୍ତି । ଫଳରେ ଉକ୍ତ ବନ୍ଧରାସ୍ତା ଉପରେ ନିର୍ଭରଶୀଳ ଉତରପ୍ରତାପ ସମେତ ଦେଓଡା, ମଙ୍ଗଳପୁର, କୋତପୁର ଓ ଅରାବଳ ପଞ୍ଚାୟତର ହଜାର ହଜାର ଲୋକେ ଯାତାୟତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦିନରେ କଷ୍ଟେମଷ୍ଟେ ଯା'ଆସ କରୁଥିବା ବେଳେ ରାତିରେ ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି । ଦିନେଅଧେ ଯାତାୟତ କରୁଥିବା ଲୋକମାନେ ରାସ୍ତା ଜାଣି ନପାରି ଖାଲରେ ପଡ଼ି ଆହତ ହେଉଛନ୍ତି । ତୁରନ୍ତ ଏହାକୁ ପୂର୍ବପରି ମଜବୁତ୍ କରି ପୋତା ନଗଲେ ବନ୍ୟା ସମୟରେ ଏଠାରେ ଘାଇ ହେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ ।

# ସ୍ୱେଚ୍ଛାସେବୀ ସଙ୍ଗଠନ 'ସୁରକ୍ଷା' ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳିତ

ପାରାଦୀପ (ପିଏନ୍)-ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସୁରକ୍ଷା'ର ପାରାଦୀପ ଶାଖା ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ସୁରକ୍ଷିତ ଯାତ୍ରା ପାଇଁ ସଂଗଠନ ପକ୍ଷରୁ ଦୋଛକି, ଇଫ୍‌କୋ ଛକ, ଅଠରବାଙ୍କୀ, ଥାନା ଛକ ଓ ପିଆଇସିଟି ଗେଟ୍-୫ ନିକଟରେ ସତର୍କତାର ଫଳକ ଲଗାଯାଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗାଡ଼ି ଚଳାଇବା ସମୟରେ ସତର୍କତା ଅବଲମ୍ବନ କରିବା, ଧୀର ଗତିରେ ଗାଡ଼ି ଚଳାଇବା, ଦୁଇ ଚକିଆ ଗାଡ଼ିରେ ହେଲମେଟ୍ ପିନ୍ଧିବା, ମୋବାଇଲରେ କଥା ଓ ନିଶାସେବନ କରି ଗାଡ଼ି ନଚଳାଇବା ପାଇଁ ପରାମର୍ଶ ଦିଆଯାଇଥିଲା। ରାସ୍ତା କଡ଼ରେ ବଡ଼ ଗାଡ଼ି ଗୁଡ଼ିକୁ ନ ରଖି ପାର୍କିଂ ସ୍ଥାନରେ ରଖିଥିଲେ ଘଟୁଥିବା ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇପାରିବ ବୋଲି ଟ୍ରାକ୍ ଚାଳକମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୁରକ୍ଷା ସମ୍ପାଦକ ସୁନୀଲ କୁମାର ଲେଙ୍କା, କାର୍ଯ୍ୟକାରିଣୀ ସଦସ୍ୟ ତଥା କୋଷାଧ୍ୟକ୍ଷ ମହେନ୍ଦ୍ର କୁମାର ସାମଲ, ଯୁବ ରେଡକ୍ରସ ଅଧିକାରୀ ବ୍ରହ୍ମାନନ୍ଦ ବିଶ୍ୱାଳ, ନାଗାର୍ଜୁନ ପଣ୍ଡା, ପ୍ରକାଶ ଚନ୍ଦ୍ର ସ୍ୱାଇଁ, ଲଳିତ କୁମାର ସିଂହ, ବୈକୁଣ୍ଠ ନାୟକ, ବ୍ରଜ କିଶୋର ପାଢ଼ୀଙ୍କ ସମେତ ବହୁ କର୍ମକର୍ତ୍ତା ଓ ସହଯୋଗୀ ଉପସ୍ଥିତ ଥିଲେ। ଏହି ସ୍ୱେଚ୍ଛାସେବୀ ଅନୁଷ୍ଠାନ ୨୦୦୩-୦୪ ବର୍ଷଠାରୁ ଜିଲ୍ଲା ସ୍ତରୀୟ ମାନ୍ୟତା ପାଇ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରିଥିଲା। ପରେ ୨୦୦୭-୦୮ ବର୍ଷଠାରୁ ରାଜ୍ୟ ସ୍ତରରେ ସାମିଲ ହୋଇ ବିଭିନ୍ନ ଉନ୍ନୟନ କାର୍ଯ୍ୟକରି ବେଶ୍ ପ୍ରଶଂସିତ ହୋଇଛି। ଏହାସହ ପାରାଦୀପ ବନ୍ଦର ତଥା ଏହାର ଆଖପାଖ ଅଞ୍ଚଳକୁ ସ୍ୱଚ୍ଛ ଓ ପ୍ରଦୂଷଣ ମୁକ୍ତ ରଖିବା ପାଇଁ ବିଭିନ୍ନ ପ୍ରକାର ସଚେତନତା ମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛି।

# ବୟାଳିଶମୌଜାରେ ନକଲି ମସଲା କାରଖାନା ଠାବ

ଫୁଲନଖରା (ପିଏନ୍): ବୟାଳିଶମୌଜା ଥାନା ଅଧିନ ବ୍ରହ୍ମପୁର ଗ୍ରାମର ଦିବାଟି ନିକଟରେ ଦୀର୍ଘ ଦୀନ ଧରି ଚାଲୁଥିବା ଏକ ଅପମିଶ୍ରିତ ମସଲା କାରଖାନାକୁ କମିଶନରେଟ ପୁଲିସ ଚଢାଉ କରି ଅପମିଶ୍ରିତ ମସଲାକୁ ଜବତ କରିଛି । ଚଢାଉ ବେଳେ କାରଖାନାରୁ ବହୁ ପରିମାଣର ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ମକା ଅଟା ସହିତ ମସଲା ପାଇଁ ଅପମିଶ୍ରିତ ଖୁଦ ଚାଉଳ ସହିତ ହଳଦିଆ ନାଲି ରଙ୍ଗର ରଙ୍ଗୋଲି ମଧ ଜବତ କରାଯାଇଛି। କୋଣାର୍କ ମସଲା ନାମରେ ମସଲା ପ୍ୟାକେଟ କରାଯାଇ ବଜାରରେ ବିକ୍ରି କରାଯାଉଥିଲା। ବିଶେଷକରି ମସଲାରେ ମିଶାଯାଉଥିବା ରଙ୍ଗ ଅତି ନିମ୍ନମାନର ଓ ଖାଦ୍ୟଅନୁପଯୁକ୍ତ ବୋଲି ଖାଦ୍ୟସୁରକ୍ଷା ଅଧିକାରୀ ରାକେଶ ସାହୁ କହିଛନ୍ତି । ଅନ୍ୟପଟେ ନିମ୍ନମାନର ଖୁଦ ଚାଉଳଗୁଣ୍ଡରେ ନାଲି ରଙ୍ଗ ମିଶାଇ ଲଙ୍କାଗୁଣ୍ଡ ଏବଂ ହଳଦୀ ରଙ୍ଗ ମିଶାଇ ହଳଦୀ ଗୁଣ୍ଡ ପ୍ରସ୍ତୁତ କରାଯାଉଥିଲା। ଏହି କାରଖାନା ସମ୍ବନ୍ଧରେ କୌଣସି ଦସ୍ତାବିଜ ଖାଦ୍ୟ ସୁରକ୍ଷା କାର୍ଯ୍ୟାଳୟରେ ନଥିବା ବେଳେ ଖାଦ୍ୟ ସୁରକ୍ଷା ପ୍ରମାଣପତ୍ର ପାଇଁ ୨୦୧୪ ମସିହାରେ କମ୍ପାନୀ ମାଲିକଙ୍କ ପୁଅ ଅଜୟ ଦାସ ଆବେଦନ କରିଥିଲେ ବୋଲି କହିଛନ୍ତି । ତେବେ ସମସ୍ତ ଅପମିଶ୍ରିତ ମସଲାକୁ ପୁଲିସ ଜବତ କରିବା ସହିତ କାରଖାନାଟିକୁ ସିଲ କରାଯାଇଛି। ଅପ୍ରମିଶ୍ରଣ ଅଭିଯୋଗରେ ପୁଲିସ କମ୍ପାନୀ ମାଲିକଙ୍କ ପୁଅ ଅଜୟ ଦାସଙ୍କୁ ଅଟକ ରଖି ମସଲା ବ୍ୟବସାୟ ସମ୍ବନ୍ଧୀୟ ଅଧିକ ତଥ୍ୟ ନିମନ୍ତେ ପଚରାଉଚରା କରୁଛି । ଖାଦ୍ୟ ସୁରକ୍ଷା ଅଧିକାରୀ ସମସ୍ତ ମସଲାର ନମୁନା ସଂଗ୍ରହ କରି ମାନ ପରୀକ୍ଷା ପାଇଁ ପରୀକ୍ଷାଗାରକୁ ପଠାଇଦେଇଥିବାର ସୂଚନା ମିଳିଛି । ଏହି ଚଢାଉରେ ଏସସିପି ଚନ୍ଦନ ଘଡେଇ, ବୟାଳିଶମୌଜା ଥାନା ଆଇଆଇସି ଅନିତା ସାହୁ ଏବଂ ଖାଦ୍ୟ ନିରାପତା ଅଧିକାରୀ ରାକେଶ ସାହୁ ଉପସ୍ଥିତ ଥିଲେ। ୨୦୦୩ ମସିହାରୁ ଏହି କାରଖାନାଟି ବୟାଳିଶମୌଜା ମୁଖ୍ୟ ରାସ୍ତାକଡରେ ବିନା କୌଣସି କାଗଜପତ୍ରରେ ଚାଲୁଥିଲା କିପରି ଏବଂ ଏହା ବିଷୟରେ କମିଶନରେଟ ପୁଲିସ ପାଖରେ କୌଣସି ଖବର ନରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

# ତୈଳ ଉପରୁ ଟିକସ ହ୍ରାସ କରାଯାଉ !



ୟୁକ୍ରେନ ଉପରେ ଋଷର ଆକ୍ରମଣ ପରେ ଏବେ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳର ବ୍ୟାରେଲ ପିଛା ମୂଲ୍ୟ ୧୦୫ ଡଲାରକୁ ବୃଦ୍ଧି ପାଇଛି। ୨୦୧୪ ମସିହା ପରଠାରୁ ଅଶୋଧିତ ତୈଳର ଏହା ସର୍ବାଧିକ ମୂଲ୍ୟ ବୃଦ୍ଧି। କେବ, ତୈଳ , ସୋସ୍କେ ମଧ ବଡଧରଣର ବିପର୍ଯ୍ୟାୟ ସମ୍ମୁଖୀନ ହୋଇଛି, ଯାହାକି ଷ୍ଟକ ବଜାର ଇତିହାସରେ ଚତୁର୍ଥ ବଡ ବିପର୍ଯ୍ୟାୟ ବୋଲି କୁହାଯାଇଛି। ୟୁକ୍ରେନ ଉପରେ ଋଷ ଆକ୍ରମଣ ପରେ ତୈଳ ଦୈର ବୃଦ୍ଧି ପାଇବା ସହ ଷ୍ଟକ ବଜାରରେ ଯେଉଁ ଝଡ ସୃଷ୍ଟି ହୋଇଛି, ତାହା ମହାମାରୀ କୋରୋନାରୁ ମୁକୁଳିବା ପାଇଁ ପ୍ରୟାସ ଜାରି ରଖିଥିବା ଭାରତୀୟ ଅର୍ଥନୀତି ପ୍ରତି ଶକ୍ତ ଧକ୍କା ସଦୃଶ ଉଭା ହୋଇଛି ବୋଲି ସ୍ୱୀକାର କରିବାକୁ ହେବ, କେବଳ ଏତିକି ନୁହେଁ, ଦେଶରେ ପେଟ୍ରୋଲ, ଡିଜେଲର ଦର ବୃଦ୍ଧି ଘଟିବା ସହ ବିଭିନ୍ନ ଅତ୍ୟାବଶ୍ୟକୀୟ ସମାଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧିକୁ ମଧ ଏଡାଇ ଦିଆଯାଇନପାରେ। ଉଲ୍ଲେକଯୋଗ୍ୟ ଯେ, ଦେଶରେ ଗତ ୨୦୧୪ ମସିହା ପରଠାରୁ ପେଟ୍ରୋଲ ଓ ଡିଜେଲର ଦୈନନ୍ଦିନ ମୂଲ୍ୟ ବୃଦ୍ଧି ଘଟୁଛି। ନିକଟରେ ହିମାଚଳ ପ୍ରଦେଶ ସମେତ ୯ଟି ରାଜ୍ୟର ୩ଟି ଲୋକସଭା ଓ ୨୯ଟି ବିଧାନସଭା ଆସନ ଉପନିର୍ବାଚନରେ ଶାସକ ବିଜେପିର ବିପର୍ଯ୍ୟାୟ ପରେ ଦୈନନ୍ଦିନ ତୈଳ ଦରବୃଦ୍ଧି ଗତ ୧ ମାସରୁ ଅଧିକ ଦିନ ହେଲାଣି ସରକାର ସ୍ଥଗିତ ରହିଛି। ଏବେ ଉତରପ୍ରଦେଶ ସମେତ ୫ଟି ରାଜ୍ୟର ବିଧାନସଭା ନିର୍ବାଚନ ପାଇଁ ଭୋଟ ଗ୍ରହଣ ଚାଲିଛି। ଏଥିମଧ୍ୟରୁ ୪ଟି ରାଜ୍ୟର ବିଜେପି ସରକାର ରହିଛି। ଏହି ନିର୍ବାଚନ ଶେଷ ହେବା ପରେ ତୈଳର ଦର ବଢିବା ଆଶଙ୍କାକୁ ଏଡାଇ ଦେଇ ହେଉନାହିଁ। ଏକ ରିପୋର୍ଟରୁ ଜଣାଯାଇଛି ଯେ, ସାଧାରଣତଃ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳଦର ବ୍ୟାରେଲ ପିଛା ୧ଡଲାର ବଢିଲେ, ଆମ ଦେଶରେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ଲିଟର ପିଛା ୭୦ ରୁ ୮୦ ପଇସା ବଢିଥାଏ। ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳର ବ୍ୟାରେଲ ପିଛା ମୂଲ୍ୟ ୮୦ ରୁ ୮୨ ଡଲାର ମଧରେ ଥିବାବେଳେ ପେଟ୍ରୋଲ ଓ ଡିଜେଲର ଦର ନିର୍ବାଚନ ପାଇଁ ସ୍ଥିର ରହିଛି। ନିର୍ବାଚନ ପରେ ପେଟ୍ରୋଲ, ଡିଜେଲ ଲିଟର ପିଛା ମୂଲ୍ୟ ଏକାଥରକେ ୯ରୁ ୧୦ ଟଙ୍କା ବଢିବା ଅବଶମ୍ଭାବୀ। କହିବା ବାହୁଲ୍ୟ ଯେ, ୨୦୧୪-୧୫ ରୁ ୨୦୨୦-୨୧ ମଧରେ ଅଶୋଧିତ ତୈଳର ମୂଲ୍ୟ ଏକ ପ୍ରକାର ସ୍ଥିର ଅବସ୍ଥାରେ ରହିଥିଲା। ୨୦୧୫ ରୁ ୨୦୨୧ ଅର୍ଥାତ୍ ବର୍ଗ ମଧରେ କେନ୍ଦ୍ର ସରକାର ପେଟ୍ରୋଲିୟମ ସାମଗ୍ରୀ ଉପରେ ଉତ୍ପାଦ ଶୁଳ୍କ ବୃଦ୍ଧି କରି ୧୬.୭ଲକ୍ଷ କୋଟି ଟଙ୍କା ଆୟ କରିଥିଲେ। ମହାମରୀ କୋରୋନା ଯୋଗୁଁ ଦେଶରେ ଅର୍ଥନୀତି ଠପ୍ ହୋଇ ଯାଇଥିବାବେଳେ ଗତ କେତେକ ତ୍ରୈମାସିକରେ ପୁନରୁଦ୍ଧାର ଅସାମନତା ରହିଛି। ଅଣ ଅସଂଗଠିତ କ୍ଷେତ୍ରରେ ନିଯୁକ୍ତ ହାର ବୃଦ୍ଧି ପାଇଛି। ଆମ ଦେଶରେ ପ୍ରତି ୧୦୦ ଯାତ୍ରୀ ମୋଟରଯାନ କ୍ଷେତ୍ରରେ ହାରାହରୀ ୮୦ ଟୁଇଲରର ଯାନ ରହିଛି। ପେଟ୍ରୋଲ ଡିଜେଲର ଚାହିଦା ଅନୁସାରେ ଦେଶରେ ସରକାର କର ବା ଲୁଳ୍କ ବୃଦ୍ଧି କରିବା ସହ ଦର ମଧ ବଢାଇ ଚାଲିଛନ୍ତି। ପେଟ୍ରେଲ ଓ ଡିଜେଲର ଦୈନନ୍ଦିନ ମୂଲ୍ୟ ବୃଦ୍ଧି ଯୋଗୁଁ ଆଶାତୀତ ଭାବେ ମୂଲ୍ୟ ବଢିବା ଫଳରେ ଜନ ଅସନ୍ତୋଷକୁ ଦୃଷ୍ଟିରେ ରଖି ସରକାର ପେଟ୍ରୋଲ ଲିଟର ପ୍ରତି ୫ଟଙ୍କା ଓ ଡିଜେଲ ଲିଟର ପ୍ରତି ୧୦ଟଙ୍କା ଶୁଳ୍କ ହ୍ରାସ କରିଥିଲେ। ଏବେ ପେଟୋଲ ଲିଟର ପିଛା ର୍ସବାଚ୍ଚ ଶୁଳ୍କ ୨୭ ଟଙ୍କା ୯୦ପଇସା ଥିବାବେଳେ ଡିଜେଲ ଲିଟର ପିଛା ୨୧ଟଙ୍କା ୮୦ ପଇସା ରହିଛି। ସୂଚନା ଦିଆଯାଉପାରେ ଯେ, ଋଷ ବିଶ୍ୱର ଦ୍ୱିତୀୟ ବୃହତମ ଅଶୋଧିତ ତୈଳ ଉତ୍ପାଦନକାରୀ ରାଷ୍ଟ୍ର ହୋଇଥିବାବେଳେ ଭାରତ ମାତ୍ର ୧ ପ୍ରତିଶତ ଅଶୋଧିତ ତୈଳ ଆମଦାନୀ କରିଥାଏ। ଭାରତ ଅନ୍ୟ ଦେଶରୁ ୮୦ ପ୍ରତିଶତ ତୈଳ ଆମଦାନୀ କରିଥାଏ। ଯଦି ଯୁଦ୍ଧ ଯୋଗୁଁ ତୈଳ ଆମଦନୀ ବାଧାପ୍ରାପ୍ତ ହୁଏ ଏବଂ ଦର ବୃଦ୍ଧି ପାଏ, ତେବେ ଦେଶର ଅର୍ଥନୀତିକୁ ଏହା ପ୍ରଭାବିତ କରିବା ସଙ୍ଗେ ବିଭିନ୍ନ ସାମଗ୍ରୀର ମୂଲ୍ୟ ଆଶାତୀତ ବୃଦ୍ଧି ପାଇବ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଉପରେ ଟିକସ ହ୍ରାସ କରିବା ଜରୁରୀ।

**ସୌଭାଗ୍ୟ ରଂଜନ ମହାନ୍ତି (ରାଜା)**
*ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯*

# କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ଖାଲି ପଡିଥିବା ପଦବୀ ପୂରଣ ପାଇଁ ଷ୍ଟାଫନର୍ସଙ୍କ ଧାରଣା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଖାଲି ପଡିଥିବା ଷ୍ଟାଫ୍‌ନର୍ସ ପଦବୀ ପୂରଣ ଦାବିରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୁଖ୍ୟ ଚିକିତ୍ସାଳୟର ଷ୍ଟାଫ୍ ନର୍ସମାନେ ଗଣଧାରଣା ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୫୦ଟି ଷ୍ଟାଫ୍‌ନର୍ସ ପଦବୀ ଥିବାବେଳେ ଏବେ ମାତ୍ର ୧୭ଜଣ କାର୍ଯ୍ୟ କରୁଛନ୍ତି । ଫଳରେ ଜଣେ ଷ୍ଟାଫ୍ ନର୍ସ ୩ଜଣଙ୍କ କାର୍ଯ୍ୟ କରିବାକୁ ବାଧ ହେଉଛନ୍ତି। ଦିନରାତି କାମ କଲେବି କାମ ସରୁନାହିଁ । ବ୍ୟକ୍ତିଗତ ଛୁଟି କିମ୍ବା ସରକାରୀ ଛୁଟି ନେଇପାରୁନାହାନ୍ତି ସେମାନେ । ମାସରେ ୧୫ଦିନ ଡାକ୍ତରଖାନାରେ ରାତ୍ରକାଳୀନ କାର୍ଯ୍ୟ କରିବାକୁ ପଡୁଛି । ଫଳରେ ପରିବାରରରେ ଅଶାନ୍ତି ବଢୁଛି। ରୋଗୀସେବା ମଧ ବ୍ୟାହତ ହେଉଛି। ଫଳରେ ଡାକ୍ତରଖାନାରେ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟମାନଙ୍କ ସହିତ ଝଗଡା ହେବାରେ ଲାଗିଛି । ମାନସିକ ଅଶାନ୍ତିରେ ଜୀବନ ବିତାଉଛନ୍ତି ଷ୍ଟାଫ୍ ନର୍ସମାନେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀଙ୍କୁ ଏହି ସମସ୍ୟା ସମ୍ପର୍କରେ ବାରମ୍ବାର ଜଣାଇ ଆସୁଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଏଥି ସହିତ ୬ମାସ ହେବ ଦରମା ମିଳୁନାହିଁ। ଫଳରେ ବାଧହୋଇ ଗଣଧାରଣାରେ ବସିରହି ଏସବୁ ସମସ୍ୟାର ସମାଧାନ ପାଇଁ ପ୍ରଶାସନର ଦୃଷ୍ଟିକୁ ଆଣିଛନ୍ତି ଷ୍ଟାଫ୍ ନର୍ସମାନେ। ପ୍ରଶାସନ ଏସବୁ ସମସ୍ୟାର ସମାଧାନ ନକଲେ ବାଧହୋଇ ଷ୍ଟାଫ୍‌ନର୍ସମାନେ କାର୍ଯ୍ୟବନ୍ଦ କରିବେ ବୋଲି ଚେତାବନୀ ଦେଇଛନ୍ତି । ଡା. କିଶୋର ମିଶ୍ରଙ୍କ ମଧ୍ୟସ୍ଥତାରେ ସିଡିଏମଓ ଡା. ଅନିତା ପଟ୍ଟନାୟକଙ୍କ ସହ ଆଲୋଚନା କରିବା ପରେ ସମସ୍ୟାର ସମାଧାନ ହୋଇଛି। ସିଡିଏମଓ ଏହାକୁ ଗୁରୁତ୍ୱ ସହକାରେ ନେବା ସହ ଗ୍ରାମାଞ୍ଚଳରୁ ବଳକା ଥିବା ୬ଜଣଙ୍କୁ ଆଣି ଏଠାରେ ନିୟୋଜିତ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ନର୍ସିଂ ନିର୍ଦ୍ଦେଶକଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଥିଲେ । ନିର୍ଦ୍ଦେଶକ ମଧ ପ୍ରତିଶ୍ରୁତି ଦେଇଥିଲେ ଯେ ଦୁଇମାସ ମଧରେ ଆଉ କିଛି ନର୍ସଙ୍କୁ ଅବସ୍ଥାପିତ କରିବେ। ୬ମାସର ବକେୟା ଦରମା ଖୁବଶୀଘ୍ର ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣାକୁ ସ୍ଥଗିତ ରଖାଯାଇଥିଲା ।

## ସମାଜସେବୀ ରବୀନ୍ଦ୍ର ନରେନ୍ଦ୍ରଙ୍କ ଶୋକସଭା

ଖୋର୍ଦ୍ଧା (ପିଏନ୍): ସ୍ଥାନୀୟ ମଙ୍ଗଳା ନଗର ଉନ୍ନୟନ କମିଟିର ପୂର୍ବତନ ସଭାପତି, ମଙ୍ଗଳା ନଗର ମଙ୍ଗଳା ମନ୍ଦିର ଓ ଦକ୍ଷେଶ୍ୱର ଶିବ ମନ୍ଦିର ପ୍ରତିଷ୍ଠାର ମୁଖ୍ୟ ପୃଷ୍ଠପୋଷକ ତଥା ଅବସରପ୍ରାପ୍ତ ଯୋଗାଣ ଅଧିକାରୀ ରବୀନ୍ଦ୍ର କୁମାର ନରେନ୍ଦ୍ରଙ୍କ ବିୟୋଗରେ ଏକ ଶୋକସଭା ଡା. ପୂର୍ଣ୍ଣଚନ୍ଦ୍ର ପ୍ରହରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ରଜନୀକାନ୍ତ ପଟ୍ଟନାୟକ, ଡାକ୍ତର ଅମୀୟ ଜେନାମଣି, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ନରେନ୍ଦ୍ର ପୃଷ୍ଟି, ଇତିଶ୍ରୀ ସାହୁ, ପ୍ରମୋଦ କୁମାର ସାହୁ, ଇଂ ଗୌରାଙ୍ଗ ଚନ୍ଦ୍ର ମଣ୍ଡଳ, ବାସୁଦେବ ନାୟକ, ଦୀନବଂଧୁ ମିଶ୍ର, ନୃସିଂହ ଚରଣ ପାଇକରାୟ, ମଧୁସୂଦନ ମହାପାତ୍ର, ଗୋଲକବିହାରୀ ଜେନା, ସତ୍ୟବ୍ରତ ତ୍ରିପାଠୀ, ସୁରେନ୍ଦ୍ର ପ୍ରଧାନ, ଗଦାଧର ଗୋଛି, ଶରତ କୁମାର ପଟ୍ଟନାୟକ, ଶତ୍ରୁଘ୍ନ ବେହେରା, ପୁଲିନ ମହାପାତ୍ର, ମୁନ୍ଦିତା ପଟ୍ଟନାୟକ ପ୍ରମୁଖ ସ୍ୱର୍ଗତ ନରେନ୍ଦ୍ରଙ୍କ ବହୁମୁଖୀ ଗୁଣାବଳୀର ସ୍ମୃତିଚାରଣ କରିଥିଲେ। ତାଙ୍କ ଜନ୍ମସ୍ଥାନ ଗୌଡ଼ିଆପଡ଼ା ଠାରୁ ଖୋର୍ଦ୍ଧା ପର୍ଯ୍ୟନ୍ତ ସେ ଆଧ୍ୟାତ୍ମିକ ମାର୍ଗଦର୍ଶନ ପାଇଁ ପରିଚିତ ଥିଲେ। ଆଇନଜୀବୀ ରଜନୀକାନ୍ତ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଜବୀରକୁ ସହାୟତାର ହାତ ବଢାଇଲା 'କୋଣାର୍କ ପରିବାର'

କୋଣାର୍କ (ପିଏନ୍): ଦୁରାରୋଗ୍ୟ ବ୍ୟାଧିରେ ପୀଡିତ ଫୁଲବାଣୀ ଜିଲ୍ଲା କନ୍ଧମାଳ ଆମ୍ବାପଡା ଗ୍ରାମର ନିଷ୍ପାପ ଶିଶୁ ରାଜବୀର ରଣାକୁ ବଞ୍ଚାଇବା ପାଇଁ ବାପା ଓ ମାଙ୍କ ଆକୁଳନ ନିବେଦନ ଶୁଣିବା ପରେ କୋଣାର୍କର ସ୍ୱେଚ୍ଛାସେବୀ ସଙ୍ଗଠନ 'କୋଣାର୍କ ପରିବାର'ର ସଦସ୍ୟମାନେ ସହାୟତାର ହାତ ବଢାଇଛନ୍ତି । ଏହି ରୋଗରୁ ମୁକ୍ତି ପାଇଁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ୧୬କୋଟି ଟଙ୍କା ମୂଲ୍ୟର ଏକ ଇଞ୍ଜେକ୍ସନର ଆବଶ୍ୟକତା ରହିଛି । ପୁଅର ଜୀବନ ବଞ୍ଚାଇବା ପାଇଁ ବାପା ଓ ମା ରାଜ୍ୟ ସରକାର, ମନ୍ତ୍ରୀ ଓ ନେତାଙ୍କ ଠାରୁ ଆରମ୍ଭ କରି ରାଜ୍ୟବାସୀଙ୍କୁ ଆକୁଳ ନିବେଦନ କରୁଛନ୍ତି । ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମ ଓ ସାମଜିକ ଗଣମାଧ୍ୟମରୁ ରାଜ୍ୟବାସୀ ଅବଗତ ହେବା ପରେ ଦେବଦୂତ ସାଜି ନିଜ ନିଜ ସାମର୍ଥ୍ୟ ଅନୁଯାୟୀ ସହାୟତା କରୁଛନ୍ତି । ରାଜବୀରର ଜୀବନ ବଞ୍ଚାଇବା ନିମନ୍ତେ ଗୁଣ୍ଡୁଚି ମୂଷା ସାଜି ଆଗେଇ ଆସିଛନ୍ତି କୋଣାର୍କର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'କୋଣାର୍କ ପରିବାର'ର ସଦସ୍ୟମାନେ। ନିଜ ନିଜ ସାମର୍ଥ୍ୟ ଅନୁଯାୟୀ ସହାୟତା କରିବା ସହ କୋଣାର୍କ ବଜାରର ବ୍ୟବସାୟୀ, ବାସିନ୍ଦା ସୂର୍ଯ୍ୟ ମନ୍ଦିର ପରିଦର୍ଶନରେ ଆସୁଥବା ପର୍ଯ୍ୟଟକ, ସ୍କୁଲ, କଲେଜ ଓ ନିକଟସ୍ଥ ଗ୍ରାମବାସୀଙ୍କ ଠାରୁ ଅର୍ଥ ଭିକ୍ଷା କରିଛନ୍ତି । ଯାହାକି ପରବର୍ତ୍ତି ସମୟରେ ରାଜବୀରର ଚିକିତ୍ସା ପାଇଁ ଯୋଗାଇ ଦିଆଯିବ । ଖବର ଲେଖା ହେଲା ବେଳକୁ ୩୦ହଜାର ଟଙ୍କା ଆଦାୟ ହୋଇଥିବା ସୂଚନା ମିଳିଛି । ଏହି କାର୍ଯ୍ୟରେ 'କୋଣାର୍କ ପରିବାର'ର ସଭାପତି କାହ୍ନୁଚରଣ ପାତ୍ର, ସମ୍ପାଦକ ଅନିଲ ସ୍ୱାଇଁ, କୋଷାଧକ୍ଷ ସତ୍ୟଜିତ ସାହୁ, ବଳରାମ ପାତ୍ର, ରାଜଶେ କୁମାର ସାହୁ, ରାଜେନ୍ଦ୍ର ମଲ୍ଲିକ, ସୂର୍ଯ୍ୟକାନ୍ତ ଦଳାଇ, ବିଶାଳ ଦାସ ଓ ସୁଭାଶିସ ସାହୁ ପ୍ରମୁଖଙ୍କର ଏଭଳି ସେବା ମନୋବୃତିକୁ ଦେଖି ଲୋକେ ପ୍ରଶଂସା କରିବା ସହ ସହାୟତା ମଧ କରୁଛନ୍ତି ।

## ଜିଲାରେ ପଲ୍‌ସ ପୋଲିଓ ଟିକାକରଣର ଶୁଭାରମ୍ଭ

ଖୋର୍ଦ୍ଧା (ପିଏନ୍): ଜିଲ୍ଲା ସଦର ମହକୁମା ଚିକିତ୍ସାଳୟ ପରିସରରେ ପଲସ ପୋଲିଓ ଟିକାକରଣ କେନ୍ଦ୍ରକୁ ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଉଦ୍‌ଘାଟନ କରିଛନ୍ତି । ଏଠାରେ ଜିଲ୍ଲାପାଳ ଶ୍ରୀ ମହାପାତ୍ର ୩-୪ଜଣ ପିଲାଙ୍କୁ ପୋଲିଓ ବୁନ୍ଦା ଖୁଆଇବା ପରେ ଅନ୍ୟ ସମସ୍ତଙ୍କୁ ପୋଲିଓ ବୁନ୍ଦା ଦିଆଯାଇଥିଲା । ଜିଲ୍ଲାର ବିଭିନ୍ନ ବୁଥରେ ୦-୫ବର୍ଷର ପିଲାଙ୍କୁ ପୋଲିଓ ଦିଆ ହୋଇଥିବା ବେଳେ ୨୮ ଓ ୧ ତାରିଖରେ ଘରକୁ ଘର ବୁଲି ଏହା ଦିଆଯାଇଥିଲା ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି । ୬୨୦ଟି ବୁଥରେଏହି ଓରାଲ ଭ୍ୟାକ୍ସିନ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଆର୍ତବନ୍ଧୁ ନାୟକ, ଏଡିଏମଓ (ପରିବାର କଲ୍ୟାଣ), ଡା. ରଘୁନାଥ ନାୟକ, ହସ୍ପିଟାଲ ମ୍ୟାନେଜର ଡା. ବିନାୟକ ପାଣିଗ୍ରାହୀ, ହସ୍ପିଟାଲ ମ୍ୟାନେଜର (ପ୍ରଶାସନ) ସଙ୍ଗୀତା ସ୍ୱାଇଁ, ଡିପିଏମ୍ ପ୍ରକାଶ ବାନାର୍ଜୀ, ଡିପିଏଚଓ ପ୍ରସନ୍ନ କୁମାର ମହାପାତ୍ର, ପ୍ରଦ୍ୟୁମ୍ନ ମିଶ୍ର, କାଦମ୍ବରୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅଭୟା ସଂସ୍କୃତ ବିଦ୍ୟାଳୟର ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ବୈଠକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରାଞ୍ଚଳସ୍ଥିତ ନସଡିପୁର ଅଭୟା ସଂସ୍କୃତ ବିଦ୍ୟାଳୟର ପ୍ରାକ୍ତନ ଛାତ୍ରଛାତ୍ରୀ ମାନଙ୍କ ଏକ ବୈଠକ ଇଛାପୁରସ୍ଥିତ ସିଦ୍ଧ ଶ୍ରୀବଳଦେବଜୀଉଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡାର ସମସ୍ତ ପଣ୍ଡିତ ଓ ବୁଦ୍ଧିଜୀବୀମାନଙ୍କୁ ନେଇ ପଣ୍ଡିତ ଧ୍ରୁବଚରଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ 'ତୁଳସୀକ୍ଷେତ୍ର ପଣ୍ଡିତ ମହାସଭା' ନାମକ ଏକ ଅନୁଷ୍ଠାନ ଗଠନ ନିମନ୍ତେ ତୁଳସୀ ସଂସ୍କୃତ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଣ୍ଡିତ ସୁବାଷ ଚନ୍ଦ୍ର ପାଣିଙ୍କ ଦ୍ୱାରା ଆଗତ ଏକ ପ୍ରସ୍ତାବ ଗୃହିତ ହୋଇଥିଲା। ଆସନ୍ତା ଅପ୍ରେଲ ମାସରେ ପୁନଃ ବୈଠକ ଅନୁଷ୍ଠିତ ହୋଇ କର୍ମକର୍ତ୍ତା ନିର୍ବାଚନ କରାଯିବାକୁ ସ୍ଥିର କରାଯାଇଥିଲା। ଏହି ବୈଠକରେ ପଣ୍ଡିତ କୃଷ୍ଣାନନ୍ଦ ପଣ୍ଡା, ନାରାୟଣ ପତି, ସର୍ବେଶ୍ୱର ମିଶ୍ର, ପୂର୍ଣ୍ଣଚନ୍ଦ୍ର ପତି, ନୃସିଂହ ଚରଣ ପତି, ପୀତାମ୍ବର ଲେଙ୍କା, ମାଧବ ପତ୍ରୀ, ହରପ୍ରୀୟା ଦାଶ, ମହେଶ୍ୱର ପାଣି, ସତ୍ୟନାରାୟଣ ପତି, ଅବଧୂତ ରାଉତ, ଶଙ୍କର ପତି, ରମାକାନ୍ତ ପତି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଶିକ୍ଷାବିତ ନୃସିଂହ ଚରଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ଆଦର୍ଶବାଦୀ ଶିକ୍ଷାବିତଙ୍କ ଜୟନ୍ତୀ ପାଳିତ



ଯାଜପୁର,(ପି.ଏନ): ପଣାସା ପଂଚାୟତାର ଆଦର୍ଶବାଦୀ ତଥା ଶିକ୍ଷାବିତ୍ ୰ ଶଶିଭୂଷଣ ନନ୍ଦଙ୍କର ୮୨ତମ ଜୟନ୍ତୀ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ମୁଖ୍ୟ ଅତିଥିଭାବେ ପଣ୍ଡିତ ବିନୋଦବିହାରୀ ନାୟକ ଯୋଗଦେଇ ୰ ନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ପ୍ରଦୀପପ୍ରଜ୍ୱଳନ କରିଥିଲେ । ୰ ନନ୍ଦ ଜଣେ ଛାତ୍ରବତ୍ସଳ, ନିରହଙ୍କାର ଆଦର୍ଶବାଦୀ ଶିକ୍ଷାବିତ୍ ଭାବେ ସୁପରିଚିତ ଥିଲେ ବୋଲି ଶ୍ରୀ ନାୟକ ପ୍ରକାଶ କରିଥିଲେ । ସମ୍ମାନୀତ ଅତିଥି ଭାବେ ସମାଜସେବୀ ନାରାୟଣ ସାମନ୍ତ , ଅଧ୍ୟାପକ ଡ. କାହ୍ନୁଚରଣ ମିଶ୍ର ଯୋଗଦେଇ ୰ ନନ୍ଦଙ୍କ ଜୀବନର ଆଦର୍ଶ ଗୁଣାବଳୀ ବିଷୟରେ ଆଲୋକପାତ କରିଥିଲେ । ହୃଷିକେଶ ପତି ସ୍ତୋତପାଠ କରିଥିଲେ । ଏହି ଜୟନ୍ତୀ ଉତ୍ସବରେ ବିଭୂତି ମହାପାତ୍ର, ଚିନ୍ତାମଣୀ ସାମଲ, ଅଧ୍ୟାପକ ପ୍ରଦୀପ ବେହେରା, ନୃସିଂହ ଚରଣ ନନ୍ଦ, ନିତ୍ୟାନନ୍ଦ ସାମନ୍ତ, ଅଭିମନ୍ୟୁ ମିଶ୍ର, ଆଦିତ୍ୟ ମହାନ୍ତି, ବାସୁଦେବ ନନ୍ଦ, ଶକ୍ତିପ୍ରସାଦ ନନ୍ଦ, ବିରଜା ପ୍ରସାଦ ନନଦ, ଦେବାଶିଷ ସାମନ୍ତ ପ୍ରମୁଖ ଯୋଗଦେଇଥିଲେ । ପିସିସି ସଂପାଦକ ସନ୍ତୋଷ କୁମାର ନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ହାତୀ ସୁରକ୍ଷାରେ ନିୟୋଜିତ ଜଗୁଆଳିଙ୍କୁ ବନୀକରଣ ସଫେଇ କାର୍ଯ୍ୟରେ ନିୟୋଜିତ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ ତଦନ୍ତ ନିର୍ଦ୍ଦେଶ

କେନ୍ଦୁଝର:(ପି.ଏନ): ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ ୩ ଦିନିଆ କେନ୍ଦୁଝର ଗସ୍ତ ରହିଛି । ଏହି କାର୍ଯ୍ୟକ୍ରମରେ ବନୀକରଣ ସହ ବିଭିନ୍ନ ନର୍ସରୀ ବୁଲି ଦେଖିବା ସହ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ସହ ସମୀକ୍ଷା କରିବେ । ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶିଶିର କୁମାର ରଥଙ୍କ ଗସ୍ତ ପୂର୍ବରୁ କେନ୍ଦୁଝର ସଦର ରେ ସମେତ ବିଭିନ୍ନ ରେ ଅଧିନରେ ଥିବା ନର୍ସରୀରେ ଯୁଦ୍ଧକାଳୀନ ଭିତ୍ତିରେ ସଫେଇ କାମ ଚାଲିଛି । ପୂର୍ବରୁ ଲତାବୁଦାରେ ପରିପୂର୍ଣ୍ଣ ନର୍ସରୀରେ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟର ତଦାରଖ କରୁଛନ୍ତି । ଏଥିପାଇଁ ବହୁ ଶ୍ରମିକଙ୍କୁ ନିୟୋଜିତ କରାଯାଇଛି । ଏହି ଘଟଣା ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଅବଗତ ହେବା ପରେ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଆରସିସିଏଫ ରାଉରକେଲା ଅରୁଣ କୁମାର ମିଶ୍ରଙ୍କ ନିର୍ଦ୍ଦେଶ ଦେଇଛନ୍ତି । ପିସିସିଏଫଙ୍କ ତଦନ୍ତ ନିର୍ଦ୍ଦେଶ ପରେ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଛନକା ପଶିଯାଇଛି । ବିଶେଷ କରି କେତେକ ଅଧିକାରୀ ସ୍କାର୍ଡ କର୍ମଚାରୀଙ୍କୁ ନିଜ ଘରୋଇ କାମରେ ନିୟୋଜିତ କରିଛନ୍ତି । ସଦର ରେ ପଦ୍ମପୁରଠାରେ



୬ ହେକ୍ଟର ଗ୍ରାମ୍ୟ ଜଙ୍ଗଲରେ ଶାଳଗଛ ବନୀକରଣ କରାଯାଇଛି । ବହୁ ଦିନ ଧରି ଏହାର ସଫେଇ କରାଯାଉନଥିବାବେଳେ ପିସିସିଏଫଙ୍କ ଗସ୍ତ ପୂର୍ବରୁ ବୁଧବାର ଦିନ ହାତୀ ଜଗୁଆଳୀ ଏବଂ ନିଆଁଲିଭା ସ୍କାର୍ଡ କୁ ନେଇ ସଫେଇ କାର୍ଯ୍ୟରେ ନିୟୋଜିତ କରାଯାଇଛି । ସଦର ରେ ଏବଂ ବିଜେପି ରେର ୨୦ରୁ ଉର୍ଦ୍ଧ ସ୍କାର୍ଡ କର୍ମଚାରୀଙ୍କୁ ନିୟୋଜିତ କରାଯାଇ ଶାଳ ଜଙ୍ଗଲ ପରିସରକୁ ସଫେଇ କରାଯାଉଛି । ହାତୀ ସ୍କାର୍ଡ ଏବଂ ନିଆଁ ଲିଭା ସ୍କାର୍ଡଙ୍କୁ ଅନ୍ୟ କାର୍ଯ୍ୟରେ ନିୟୋଜିତ କରାଯାଇଥିବାରୁ ମୂଳ କାମରେ ବାଧାପ୍ରାପ୍ତ ହୋଇଛି । ଜଙ୍ଗଲ ସୁରକ୍ଷା.ହାତୀ ଓ ଅନ୍ୟ ଜଙ୍ଗଲ ଜୀବଜନ୍ତୁ ଏବଂ ଜଙ୍ଗଲ ନିଆଁ ରୋକିବାକୁ ବନ ବିଭାଗ ପକ୍ଷରୁ ଜଗୁଆଳି ନିୟୋଜିତ କରାଯାଇଛି । ମାତ୍ର ଏହି ଜଗୁଆଳିମାନଙ୍କୁ ସେମାନଙ୍କୁ ଦିଆଯାଇଥିବା କାର୍ଯ୍ୟରୁ ବିରତ ରଖି ବନ ବିଭାଗ ଅଧିକାରୀମାନେ ନିଜ ଘରୋଇ କାମରେ ନିୟୋଜିତ କରିଛନ୍ତି । ବିଭାଗୀୟ ଅଧିକାରୀମାନେ ଏହି ଜଗୁଆଳି ମାନଙ୍କୁ ଘରୋଇ କାମ ସହ ଅଫିସ କାର୍ଯ୍ୟରେ ନିୟୋଜିତ କରିଥିବାରୁ ଜଙ୍ଗଲ ସୁରକ୍ଷା କାର୍ଯ୍ୟ ଠିକ୍ ଭାବରେ ହୋଇ ପାରୁନାହିଁ । ଅନେକ ରେରେ ହାତୀ ଜଗୁଆଳିମାନଙ୍କୁ ବନୀକରଣ କାର୍ଯ୍ୟରେ ଲଗାଇଛନ୍ତି । ଫଳରେ ହାତୀ ଡ୍ୟୁଟି କରି ପାରୁନାହାଁନ୍ତି । ଯେଉଁଥିପାଇଁ ବନ୍ୟପ୍ରାଣୀ ଶୀକାର ହେବା ସହ ଜଙ୍ଗଲ ସୁରକ୍ଷା କାର୍ଯ୍ୟ ସଠିକ୍ ଭାବେ ହୋଇପାରୁନାହିଁ ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକଉତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

## ପ୍ରଥମ ବାର୍ଷିକ ଶିବରାମ ସାହୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଫୁଲବାଣୀ:(ପି.ଏନ): କନ୍ଧମାଳ ଜିଲ୍ଲାର ଫୁଲବାଣୀ ବ୍ଲକ ଅନ୍ତର୍ଗତ ବିଶିପଡ଼ା ଠାରେ ପ୍ରଥମ ବାର୍ଷିକ ଶିବରାମ ସାହୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଟିକାବାଲିର ଜଗନ୍ନାଥ ସାହାଣୀ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଜାଗ୍ରତ କନ୍ଧମାଳ ଓଡିଶା ସାମାଜିକ ସଂଗଠନର ସାଧାରଣ ସମ୍ପାଦକ ତଥା ହିନ୍ଦ ମଜୁଦୁର ସଭାର କନ୍ଧମାଳ ଜିଲ୍ଲାର ଆବାହକ ,ଆଇନଜୀବୀ ସତ୍ୟ ନାରାୟଣ ବେହେରା ଏବଂ ସମ୍ମାନିତ ଅତିଥି ଭାବରେ ଶ୍ରୀଦେବୀ ଉଚ୍ଚ୍ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ ସାହୁ, ସହକାରୀ ଶିକ୍ଷକ ସନ୍ତୋଷ ପ୍ରଧାନ, ବିସିପଡା ଗ୍ରାମ ପଞ୍ଚାୟତ ସରପଞ୍ଚ ସାକାଳୀ କଁହର ଯୋଗଦେଇ ଶୁଭାରମ୍ଭ କରିଥିଲେ ।ଶ୍ରୀଦେବୀ ଉଚ୍ଚ୍ ବିଦ୍ୟାଳୟର ଶିକ୍ଷକ ସ୍ୱର୍ଗତ ଶିବରାମ ସାହୁ ବିଦ୍ୟାଳୟ ଆରମ୍ଭ ଠାରୁ ତାଙ୍କ ଜୀବନ କାଳ ମଧ୍ୟରେ ଶିକ୍ଷକତା ସହିତ ବିଦ୍ୟାଳୟର ଉର୍ନତୀ ପ୍ରସିଦ୍ଧ ଲଙ୍କାପୋଡି ଯାତ୍ରାର ପ୍ରଚାର ପ୍ରସାର, ସମାଜସେବା ସହିତ ଅଞ୍ଚଳରେ ସାମାଜିକ ବୈଷମ୍ୟ ଦୂର କରିବା ଦିଗରେ ଆପ୍ରାଣ ଉଦ୍ୟମ କରିଥିଲେ ।ତାଙ୍କର ସ୍ମୃତି ଉଦେଶ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନରେ ଟିଟ୍ରାପଙ୍ଗା ଓ ବିଶି ପଡ଼ା ମଧ୍ୟରେ ହୋଇଥିଲା ।ସ୍ୱର୍ଗତ ଶିବରାମ ସାହୁଙ୍କ ସହଧର୍ମିଣି ସୁଦେଷ୍ଣା ସାହୁ ସୁପୁତ୍ର ଚନ୍ଦ୍ର ଶେଖର ସାହୁ,ଜ୍ଞାନ ଶେଖର ସାହୁ,ମୌସୁମୀ ସାହୁ ଓ ତାଙ୍କ ଶୁଭେଚ୍ଛୁଙ୍କ ଉପସ୍ଥିତି ରେ ଆୟୋଜିତ ଟୁର୍ଣ୍ଣାମେଣ୍ଟ ତିନି ଦିନ ଧରି ଚାଲିବ ।ଟୁର୍ଣ୍ଣାମେଣ୍ଟ ଆରମ୍ଭ ପୂର୍ବରୁ ସ୍ୱର୍ଗତ ଶିବରାମ ସାହୁଙ୍କ ନିମନ୍ତେ ଦୁଇ ମିନଟ ନିରବ ପାର୍ଥନା କରାଯାଇଥିଲା ।ଏଥିସହିତ ସମସ୍ତ ଛାତ୍ରଛାତ୍ରୀ ଶିକ୍ଷକ ଖେଳାଳୀ ଶିବରାମ ସାହୁ ଅମର ରହେ ବୋଲି ସ୍ଲୋଗାନ ଦେଇଥିଲେ ।ଉକ୍ତ କାର୍ଯ୍ୟକ୍ରମକୁ ଶ୍ରୀଦେବୀ ଉଚ୍ଚ୍ ବିଦ୍ୟାଳୟର ଚତୁର୍ଭୁଜ ବେହେରା ପରିଚାଳନା କରିଥିଲେ ।

# ଆନନ୍ଦପୁର ପୌର ନିର୍ବାଚନ - ଦ୍ୱିତୀୟ ଦିନରେ ୩୪ଜଣ ଫର୍ମ ନେଲେ

ଆନନ୍ଦପୁର:(ପି.ଏନ):ଆନନ୍ଦପୁର ପୌର ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପ୍ରସାସନ ପକ୍ଷରୁ ଆବଶ୍ୟକ କଟକଣା ଓ ପ୍ରକ୍ରିୟା ଆରମ୍ଭ ହୋଇ ମାର୍ଚ୍ଚ ୭ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ କରିବାର ଅବଧି ଥିବା ବେଳେ ଆନନ୍ଦପୁର ପୌରପରିଷଦର ବିଭିନ୍ନ ୱାର୍ଡରୁ ପ୍ରଥମ ଦିନରେ ୧୫ଜଣ ଓ ଦ୍ୱିତୀୟ ଦିନରେ ୩୪ଜଣ ଫର୍ମ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ନେଇଥିବା ଜଣାପଡିଛି । ପ୍ରାର୍ଥୀପତ୍ରର ନାମାଙ୍କନର ସମୟ ଦିନ ୧୧ଘଟିକା ଠାରୁ ପ୍ରାର୍ଥୀମାନେ ଅରାହ୍ନ ୩ଘଟିକା ପର୍ଯ୍ୟନ୍ତ ନାମାଙ୍କନ ଦାଖଲ କରିବାର ସମୟ ଥିବାବେଳେ ୯ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବା ପରେ ୧୪ତାରିଖ ସୁଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର ଅବଧି ଥିବା ଜଣାପଡିଛି । ୧୬ଗୋଟି ୱାର୍ଡର ସାଧାରଣ ଭୋଟର ମତଦାନ କରିବା ପାଇଁ ବିଭିନ୍ନ ୱାର୍ଡରେ ୩୩ଟି ଭୋଟ୍ ଗ୍ରହଣ କେନ୍ଦ୍ର ଚିହ୍ନଟ କରାଯାଇ ପ୍ରସ୍ତୁତି ଚୁଡାନ୍ତ କରାଯାଇଛି । ଆନନ୍ଦପୁର ଉପଜିଲ୍ଲାପାଳ ଗୋପୀନାଥ କୁଅଁର ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ପୌର କର୍ମଚାରୀ ତଥା ନିର୍ବାଚନ ସହାୟକ ବସନ୍ତ କୁମାର ରାଉତ, କମଳାକାନ୍ତ ଦୀକ୍ଷିତ, ଦୀପକ ରାଉଳ, ବିଷ୍ଣୁଚରଣ ବେହେରା ପ୍ରମୁଖ ସହଯୋଗ କରିଥିଲେ । ୧୬ଗୋଟି ୱାର୍ଡ ବିଶିଷ୍ଟ ଆନନ୍ଦପୁର ପୌରପରିଷଦର ପ୍ରାୟ ୩୦,୬୬୭ ମତଦାତା ଚଳିତ ମାସ ୨୪ତାରିଖରେ ହେବାକୁ ଥିବା ପୌର ନିର୍ବାଚନରେ ମତଦାନ କରିବେ । ଶାସକ ବିଜେଡି, ପ୍ରାର୍ଥୀ ଚୟନରେ ଆଗରେ ଥିବାବେଳେ ବିରୋଧୀ ବିଜେପି ଓ କଂଗ୍ରେସ ପଛରେ ପଡିଥିବା ଦେଖିବାକୁ ମିଳିଛି । ଆନନ୍ଦପୁର ପୌରପରିଷଦର ସ୍ୱାଧୀନ ହାତରେ ବାଜିମାତ କରୁଥିବା ବେଳେ ବର୍ତ୍ତମାନ ପିସିସି ସଭାପତି ନିରନ ପଟ୍ଟନାୟକଙ୍କ ୭ନଂ ୱାର୍ଡ ହୋଇଥିବାରୁ ୬ ଏବଂ ୭ ନଂ ୱାର୍ଡ ତାଙ୍କ ଦବ୍‌ଦବାରେ ଥିବାବେଳେ ଏହି ପୌର ନିର୍ବାଚନରେ ତାଙ୍କର କଣ ଭୂମିକା ରହୁଛି ତାହାକୁ ନେଇ ଭୋଟର ଚାହିଁ ବସିଛନ୍ତି

# କେନ୍ଦୁଝର ଜିଲ୍ଲାରେ ସମିତି ଦଖଲ ଅଙ୍କ ଜଟିଳ

ଆନନ୍ଦପୁର:(ପି.ଏନ):ପ୍ରକାଶ ପାଇଛି ପଂଚାୟତ ନିର୍ବାଚନର ଫଳାଫଳ । ଏବେ ପଂଚାୟତ ସମିତି ଅଧକ୍ଷ ପଦବୀକୁ ନେଇ ଆରମ୍ଭ ହୋଇଯାଇଛି ଛକାପଞ୍ଝା । କେନ୍ଦୁଝର ଜିଲ୍ଲାର ୧୩ଟି ବ୍ଲକରୁ କାଁ ଭାଁ କିଛି ବ୍ଲକ ଛାଡି ଦେଲେ ପ୍ରାୟ ସମସ୍ତ ବ୍ଲକରେ ବିଜେଡି ଅଧକ୍ଷ ପଦ କବ୍‌ଜା କରିବାକୁ ଯାଉଛି । ତଥାପି ଦଳ ଭିତରେ ଥିବା ଅନ୍ତର୍ଦ୍ୱନ୍ଦ ଯୋଗୁଁ କାଳେ ଦଳୀୟ ସମର୍ଥନରେ ଜିତିଥିବା ପ୍ରାର୍ଥୀମାନେ ବିରୋଧୀ କ୍ୟାମ୍ପକୁ ଚାଲିଯିବେ ସେହି ଡର ଏବେ ନେତାଙ୍କୁ ଘାରିଛି । ସେଥିପାଇଁ ନିର୍ବାଚନ ଫଳ ବାହାରିବା ପୂର୍ବରୁ କିଛି ସ୍ଥାନରେ ବିଜୟ ସମ୍ଭାବନା ଥିବା ପ୍ରାର୍ଥୀଙ୍କୁ ନେତାମାନେ ବିଭିନ୍ନ ସ୍ଥାନକୁ ନେଇ ଅଜ୍ଞାତବାସରେ ରଖିଥିବା ବେଳେ ଆଉ କିଛି ସ୍ଥାନରେ ଫଳ ପ୍ରକାଶ ପାଇବା ପରେ ବିଜୟୀ ପ୍ରାର୍ଥୀମାନେ ଅଜ୍ଞାତବାସରେ ଅଛନ୍ତି । ଆସନ୍ତା ୧୨ ତାରିଖରେ ପଂଚାୟତ ସମିତି ଅଧକ୍ଷ ଏବଂ ୨୩ତାରିଖରେ ଉପାଧକ୍ଷ ନିର୍ବାଚନ ହେବ । ଏହା ପୂର୍ବରୁ ଅଧକ୍ଷ ପଦବୀ ହାତେଇବା ପାଇଁ ସଂଖ୍ୟା ଯୋଗାଡ କରୁଛନ୍ତି ନେତା । ଆନନ୍ଦପୁର ପଂଚାୟତ ସମିତିର ଅଧକ୍ଷ ପଦବୀ ଅସଂରକ୍ଷିତ ରହିଛି । ବ୍ଲକର ମୋଟ୍ ୧୮ଟି ପଂଚାୟତ ରହିଛି । ୭ଟି ରେ ଘସିପୁରା ବିଧାୟକ ବଦ୍ରୀନାରାୟଣ ପାତ୍ରଙ୍କ ସମର୍ଥକ, ୭ଟି ଆନନ୍ଦପୁର ବିଧାୟକ ଭାଗିରଥୀ ସେଠୀଙ୍କ ସମର୍ଥକ ଏବଂ ୨ଟି ଲେଖାଏଁ ପଂଚାୟତରେ କଂଗ୍ରେସ ଓ ବିଜେପି ସମର୍ଥୀତ ସମିତିସଭ୍ୟ ବିଜୟୀ ହୋଇଛନ୍ତି । ବଦ୍ରୀଙ୍କ ଗୋଷ୍ଠୀରୁ ବାଇଲୋ ପଂଚାୟତର ସମିତିସଭ୍ୟ ଅନା ବାରିକ ଏବଂ ଭାଗୀରଥିଙ୍କ ଗୋଷ୍ଠୀରୁ ପଞ୍ଚୁପଲ୍ଲୀ ପଂଚାୟତର ସମିତିସଭ୍ୟ ସୁକାନ୍ତ ମହାପାତ୍ରଙ୍କ ନାମ ଅଧକ୍ଷ ପଦବୀ ପାଇଁ ଚର୍ଚ୍ଚାରେ ରହିଛି । ଏଠାରେ କଂଗ୍ରେସ ସମର୍ଥୀତ ଦୁଇ ସମିତିସଭ୍ୟ ଭାଗିରଥିଙ୍କ ସମର୍ଥୀତ ପ୍ରାର୍ଥୀଙ୍କ ବିରୋଧରେ ଭୋଟ୍ ଦେବେ ବୋଲି ଖୋଲାଖୋଲି ଭାବେ ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା କହିବା ପରେ ସମୀକରଣ ବଦଳିବାର ସମ୍ଭାବନା ରହିଛି । ବିଜେଡିରେ ଗୋଷ୍ଠୀ ବିବାଦ ଥିବାରୁ କାହାକୁ ଅଧକ୍ଷ କରାଯିବ ତାହା ଦଳର ଜିଲ୍ଲା ପର୍ଯ୍ୟବେକ୍ଷକ ତଥା ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସ୍ଥିର କରିବେ ବୋଲି ଚର୍ଚ୍ଚା ହେଉଛି । ଘଷିପୁରା ପଂଚାୟତ ସମିତି ଅଧକ୍ଷ ପଦବୀ ମହିଳାଙ୍କ ଲାଗି ସଂରକ୍ଷିତ ରହିଛି । ବ୍ଲକର ୨୫ଟି ପଂଚାୟତରୁ ୨୦ଟିରେ ବିଜେଡି ସମର୍ଥୀତ ସମିତିସଭ୍ୟ ବିଜୟୀ ହୋଇଛନ୍ତି । ସମସ୍ତେ ଅଜ୍ଞାତବାସରେ ଅଛନ୍ତି । ଏଠାରେ ଘଷିପୁରା ବିଧାୟକ ବଦ୍ରୀ ନାରାୟଣ ପାତ୍ରଙ୍କ ଏକାନ୍ତ ଅନୁଗତ କୁହାଯାଉଥିବା ସୁଜାତା ସାହୁ ଏଥର ପୁଣି ପଂଚାୟତ ସମିତି ଅଧକ୍ଷା ଆସନରେ ବସିବେ ବୋଲି ଚର୍ଚ୍ଚା ହେଉଛି । ଘଟଗାଁ ପଂଚାୟତ ସମିତି ଅଧକ୍ଷା ପଦବୀ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି । ବ୍ଲକର ୨୭ଟି ପଂଚାୟତରୁ ୨୧ଟିରେ ବିଜେଡି ସମର୍ଥିତ ସମିତିସଭ୍ୟମାନେ ବିଜୟୀ ହୋଇଛନ୍ତି । ଫଳ ପ୍ରକାଶ ପାଇବା ପୂର୍ବରୁ ସମସ୍ତଙ୍କୁ ଅଜ୍ଞାତବାସରେ ରଖାଯାଇଛି । ଏଠାରେ ମଧ ଅଧକ୍ଷ ପଦବୀ ପାଇଁ ବିଧାୟକ ବଦ୍ରୀ ନାରାୟଣ ପାତ୍ରଙ୍କ ଅନୁଗତ ଦ୍ରୌପଦୀ ଦଣ୍ଡପାଟଙ୍କ ନାମ ଚର୍ଚ୍ଚାରେ ରହିଛି ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK






# ଫେଲ ମାରିଲା ସାବିତ୍ରୀ, ସଞ୍ଜୟଙ୍କ ରଣନୀତି;୫ ଜିଲ୍ଲା ପରିଷଦ ସଭ୍ୟଙ୍କୁ ଜିତାଇଥିବା ପରଦା ପଛର ସଂଗଠକ ଅଜୟ ରାଉତ

କେନ୍ଦ୍ରାପଡ଼ା,୩।୩(ପି.ଏନ): କେନ୍ଦ୍ରାପଡା ଜିଲ୍ଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପାଟକୁରା ନିର୍ବାଚନମଣ୍ଡଳୀରେ ବିଜେଡି ଯେଉଁ ୫ଟି ଆସନ ଆଣିଛି ସେଥିରେ ସଙ୍ଗଠକ ଅଧ୍ୟାପକ ଅଜୟ ରାଉତଙ୍କ ଭୁମିକା ବେଶ ଗୁରୁତ୍ୱପୂର୍ଣ୍ଣ। କାରଣ ସେ ଏହି ପ୍ରାର୍ଥୀମାନଙ୍କୁ ଜିତାଇବା ପାଇଁ ରାତିଦିନ ଏକକାର କରି ଦେଇଥିଲେ। ଏଥିସହ ସେମାନଙ୍କ ଜିତିବା ପଛରେ ଯେଉଁ ସାଧନର ଆବଶ୍ୟକତା ରହିଛି ତାହା ମଧ୍ୟ ସେ ଯୋଗାଇ ଦେଇଥିଲେ। ଫଳରେ ପ୍ରାର୍ଥୀମାନେ ବହୁ ସଂଖ୍ୟାରେ ବିଜୟୀ ହୋଇପାରିଲେ। ଜଣେ ବିଜୁ ପ୍ରେମୀ ଭାବେ ଅଧ୍ୟାପକ ରାଉତ ସମଗ୍ର ଜିଲ୍ଲାରେ ବେଶ ପରିଚିତ। ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ସମାଜସେବା କାର୍ଯ୍ୟ ଦୀର୍ଘ ୩ ଦଶନ୍ଧି ହେବ ପାଟକୁରା ନିର୍ବାଚନମଣ୍ଡଳୀରେ ଜାରି ରଖିଛନ୍ତି। ବିଜୁବାବୁଙ୍କ ଦର୍ଶନ ତାଙ୍କୁ ବେଶ ପ୍ରଭାବିତ କରିଥିଲା। ତେଣୁ ଛାତ୍ର ଜୀବନରୁ ସେ ଜଣେ ବିଜୁ ପ୍ରେମୀ ଭାବେ ବେଶ କରିଚିତ ଥିଲେ। ଏବେ ସେ ବିଜେଡି ପାଇଁ ସଙ୍ଗଠନ କାର୍ଯ୍ୟରେ ଲାଗି ପଡିଛନ୍ତି। ତାଙ୍କ ସଚ୍ଚୋଟ ପଣିଆ, ସାଧୁତା ଓ ମଧୁର ଆଚରଣ ଜନତାଙ୍କୁ ବିମୋହିତ କରିଥାଏ। ଏହାର ପ୍ରତିଫଳନ ପାଟକୁରା ନିର୍ବାଚନମଣ୍ଡଳୀର ୫ଟି ଜୋନରେ ହୋଇଛି ବୋଲି ରାଜନୈତିକ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ବିଜେଡି ସପକ୍ଷରେ ସଂପୂର୍ଣ୍ଣ ଜନାଦେଶ ଯାଇଛି। ୩୨ ଆସନରୁ ୩୧ ଆସନକୁ ଦଖଲ କରିଛି ବିଜେଡି। ପାଟକୁରା ନିର୍ବାଚନମଣ୍ଡଳୀର ଜୋନ ନମ୍ବର ୯, ୧୦, ୧୨, ୧୪ ଓ ଜୋନ ନମ୍ବର ୨୪ରେ ବିଜେଡିକୁ ଯେଉଁ ମହା ବିଜୟ ମିଳିଛି ତାହାର ପରଦା ପଛର ନାୟକ ହେଉଛନ୍ତି ବିଜେଡି ସଂଗଠକ ଅଧ୍ୟାପକ ଅଜୟ କୁମାର ରାଉତ। ଶ୍ରୀ ରାଉତଙ୍କ ନାମ ପାଟକୁରା ନିର୍ବାଚନମଣ୍ଡଳୀରେ ୨୦୧୯ରେ ବିଧାୟକ ପଦ ପାଇଁ ଉଠିଥିଲା। କାରଣ ଶ୍ରୀ ରାଉତ ଦୀର୍ଘ ୩୦ ବର୍ଷ ହେବ ପାଟକୁରାବାସୀଙ୍କ ସୁଖ ଦୁଃଖରେ ଛିଡା ହୋଇ ଆସିଛନ୍ତି। କୌଣସି ବ୍ୟକ୍ତିଙ୍କ ଘର ପୋଡି ଗଲେ ଶ୍ରୀ ରାଉତ ଖବର ପାଇବା ମାତ୍ରେ ସେଠାରେ ପହଞ୍ଚି ସଂପୃକ୍ତ ପରିବାରକୁ ଖାଦ୍ୟ, ବସ୍ତ୍ର ଓ ଆର୍ଥିକ ସହାୟତା ପ୍ରଦାନ କରନ୍ତି। ଠିକ ସେହିପରି ସେ ପାଟକୁରା ନିର୍ବାଚନମଣ୍ଡଳୀରେ ତାଙ୍କର ସାଙ୍ଗଠନିକ ଦକ୍ଷତା ପ୍ରତିପାଦନ କରିଛନ୍ତି। ସେ ସକାଳୁ ଉଠିଲେ ପ୍ରଥମେ ଲୋକଙ୍କ ସମସ୍ୟା ବୁଝନ୍ତି। ଏହିଭଳି ଜଣେ ଦରଦୀ ମଣିଷ ସମଗ୍ର ପାଟକୁରା ନିର୍ବାଚନମଣ୍ଡଳୀରେ ବିରଳ ବୋଲି ଲୋକମାନେ ମତ ଦିଅନ୍ତି। ସେହିପରି ଗାଁ ଗାଁରେ କିପରି ପିଲାମାନେ ଉନ୍ନତ ଧରଣର ଶିକ୍ଷା ପାଇବେ ସେ ନେଇ ମଧ୍ୟ ସେ ବିଭିନ୍ନ ପଦକ୍ଷେପ ଗ୍ରହଣ କରନ୍ତି। ପିଲାଙ୍କୁ ଘରେ ଘରେ ଯାଇ ପାଠ ପଢାନ୍ତି। ତାଙ୍କର ସାଙ୍ଗଠନିକ ଦକ୍ଷତା ବିଜେଡିର ରାଜ୍ୟ ସଙ୍ଗଠକୁ ଅଭିଭୂତ କରିଛି। ତେଣୁ ୨୦୧୯ରେ ବିଧାୟକ ରେସରେ ତାଙ୍କ ନାମ ଚର୍ଚ୍ଚାରେ ରହିଥିଲା। ପାଟକୁରା ନିର୍ବାଚନମଣ୍ଡଳୀରେ ବିଜେଡିର ସଙ୍ଗଠନକୁ ମଜଭୁତ କରିବାରେ ଶ୍ରୀ ରାଉତଙ୍କ ଭୁମିକା ଉଲ୍ଲେଖନୀୟ। ଏହାର ପ୍ରତିଫଳନ ମଧ୍ୟ ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପଡିଛି ବୋଲି ରାଜନୈତିକ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ତାଙ୍କର ଏହି ସାଙ୍ଗଠନିକ କାର୍ଯ୍ୟ ପାଇଁ ୨୦୨୪ରେ ମଧ୍ୟ ସେ ପାଟକୁରାରୁ ବିଧାୟକ ରେସରେ ଶୀର୍ଷରେ ରହିବେ ବୋଲି ରାଜନୈତିକ ପଣ୍ଡିତମାନେ କହିଛନ୍ତି। ପାଟକୁରା ନିର୍ବାଚନମଣ୍ଡଳୀର ଜୋନ ନମ୍ବର ୧୧ ଦାୟିତ୍ୱ ବିଧାୟିକା ସାବିତ୍ରୀ ଅଗ୍ରୱାଲ ଓ ତାଙ୍କ ପୁତ୍ର ସଞ୍ଜୟ ଅଗ୍ରୱାଲ ନେଇଥିଲେ। କିନ୍ତୁ ଫଳ ହେଲା ଶୂନ। ଏହି ଜୋନରେ ବିଜେପି ପ୍ରାର୍ଥୀନୀ ଡଲି ଶତପଥୀ ବିଜୟୀ ହୋଇଛନ୍ତି। ଯାହା ଫଳରେ ସାବିତ୍ରୀ ଓ ସଞ୍ଜୟଙ୍କ ରଣନୀତି ସମଗ୍ର ନିର୍ବାଚନମଣ୍ଡଳୀରେ ଫେଲ ମାରିଛି ବୋଲି ପାଟକୁରାରେ ଆଲୋଚନା ହେଉଛି। ଶ୍ରୀ ରାଉତ ୨୦୧୭ ଓ ୨୦୨୦ ମସିହାରେ ଇଷ୍ଟରଭ୍ୟୁ ଟାଇମ୍ସ ପତ୍ରିକା ଦ୍ୱାରା ରାଜ୍ୟର ଶ୍ରେଷ୍ଠ ୨୦ ଜଣ ପ୍ରେରଣାଦାୟକ ବ୍ୟକ୍ତିତ୍ୱଙ୍କ ମଧ୍ୟରେ ରହି ପୁରସ୍କୃତ ହୋଇଛନ୍ତି।

## ବିହାରୀଲାଲ ସ୍ମାରକୀ କ୍ରିକେଟ ଜାଗୃତି ଚାମ୍ପିୟାନ

ଭୁବନେଶ୍ୱର,୩।୩(ପି.ଏନ) : ସ୍ଥାନୀୟ ପୋଖରୀପୁଟ ଷ୍ଟାଡ଼ିୟମରେ ଅନୁଷ୍ଠିତ ବିହାରୀ ଲାଲ ସ୍ମାରକୀ କ୍ରିକେଟ ଟୁର୍ଣ୍ଣମେଣ୍ଟରେ ଜାଗୃତି କ୍ରିକେଟ ଏକାଡ଼େମୀ ଚମ୍ପିୟାନ ହୋଇଛି । ଫାଇନାଲରେ ଏହି ଦଳ ସହୀଦି ସ୍ପୋଟିଂକୁ ପରାସ୍ତ କରି ଟସ ହାରି ପ୍ରଥମ ସହିଦୀ ସ୍ପୋଟିଂ ବ୍ୟାଟିଂ କରିଥିଲା। ଦଳ ୯ ଓଭରରେ ସମସ୍ତ ୱିକେଟ ହରାଇ ୯୫ରନ କରିଥିଲା। ଜବାବରେ ଜାଗୃତି ୯ ଓଭରରେ ୫ ୱିକେଟ ହରାଇ ୧୦୧ରନ ସଂଗ୍ରହ କରି ମ୍ୟାଚ ବିଜୟୀ ହେବା ସହ ଚାମ୍ପିୟାନ ହୋଇଥିଲା। ଉଦଯାପନୀ ଉତ୍ସବରେ ପଦ୍ମଶ୍ରୀ ଦିଲ୍ଲିପ ତିର୍କୀ ପୂର୍ବତନ ରଣଜୀ ଅଧିନାୟକ ରଶ୍ମିରଞ୍ଜନ ପରିଡ଼ା, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନର ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିୟାନ ଦଳକୁ ୧୫,୦୦୦/– ନଗଦ ଅର୍ଥରାଶୀ ସହ ଟ୍ରଫି ଏବଂ ରନର୍ସ ଅପ ଦଳକୁ ନଗଦ ୧୦,୦୦୦/– ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଆୟୋଜକ ସଭାପତି ଅକ୍ଷୟ ଜେନାଙ୍କ ସହ ଓଡ଼ିଶା ପି.ଜି.ଓ. ମନୋଜ ବିଶ୍ୱାଳ, ସଶାଙ୍କ ଶେଖର ଦାସ, ଅଞ୍ଜନ ଜେନା, ପ୍ରଶାନ୍ତ ବିଶ୍ୱାଳ, ସମ୍ବିଦ ଜେନା, ସୁକୁନା ପାତ୍ର, ଅଭି ସାହୁ, ରାଜା ଜେନା, ରୋନିକ୍ ପ୍ରଧାନ ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

## ଚଜେଏସପିଏଲଫାଉଣ୍ଡେସନ ପକ୍ଷରୁ ବରିଷ୍ଠ ନାଗରିକଙ୍କ ନିମନ୍ତେ "ସ୍ୱସ୍ତି ଏକ୍ସପ୍ରେସ"ଏବଂ ଶିଶୁଙ୍କ ପାଇଁ ସ୍କୁଲ ବସ ଲୋକାର୍ପିତ

ଅନୁଗୋଳ, ତା ୦୩.୦୩.୨୦୨୨ ରିଖ : ଅନୁଗୋଳ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ (ଆଇଏଏସ)ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ର ସାମାଜିକ ଦାୟିତ୍ୱବୋଧ ଶାଖା ରୂପେ କାର୍ଯ୍ୟ କରୁଥିବା ଜେଏସପି ଏଲଫାଉଣ୍ଡେସନ ପକ୍ଷରୁସ୍ୱସ୍ତି ଏକ୍ସପ୍ରେସକୁ ଆଜି ଅନୁଗୋଳ ଜିଲ୍ଲାପାଳ ଅଫିସ ପରିସରରେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ କ୍ଷ ଏହି ଅବସରରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଅନୁଗୋଳ ପ୍ଲାଣ୍ଟର ମୁଖ୍ୟ ତଥା ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ହୃଦୟେଶ୍ୱର ଝା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ ପ୍ରଧାନ, ଏଡି, ପିଏଚ୍‌ଓ ଡାକ୍ତର ବିଶ୍ୱବିହାରି ମହାନ୍ତି, ଜିଲ୍ଲା ସାମାଜିକ ନିରାପତ୍ତା ଅଧିକାରୀ, ଶ୍ରୀ ନାରାୟଣ ମହାପାତ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଶ୍ରୀମତୀ ଆଲମା ବରୁଆ, ଅଧକ୍ଷ ଆଦୃତ ଶିଶୁ ଗୃହ, ପ୍ରୋଫେସର ଆଦିତ୍ୟ କୁମାର ମହାନ୍ତି, ଜିଏମ–ସିଏସଆର, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର, ଶ୍ରୀମତୀ ପୁଷ୍ପଲତା ଶତପଥୀ ଏବଂ ଅନ୍ୟାନ୍ୟ ଗଣ୍ୟ ମାନ୍ୟଅତିଥିମାନେ ଉପସ୍ଥିତଥିଲେ। ସ୍ୱସ୍ତି ଏକ୍ସପ୍ରେସ ଉଦଘାଟନ ଅବସରରେ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁପ୍ରକାଶ କରିଛନ୍ତି ଯେ, ଏହା ହେଉଛି କୌଣସି କର୍ପୋରେଟ ସଂସ୍ଥା ଦ୍ୱାରା ଗ୍ରହଣ କରାଯାଇଥିବା ଏକ ଅଭିନବ ପଦକ୍ଷେପକ୍ଷ ମୁଁ ଆଶା କରୁ ଅଛି, ଏହା ଆମ୍ଭ ସମାଜର ବରିଷ୍ଠ ନାଗରିକ ମାନେ ଏହା ଦ୍ୱାରା ଲାଭାନ୍ୱିତ ହେବା ସହ ନିଜକୁ ଶାରୀରିକ ଭାବେ ସୁସ୍ଥ ରଖି ପାରିବେ ।ସ୍ୱସ୍ତି ଏକ୍ସପ୍ରେସ – ଏକ ସ୍ୱତନ୍ତ୍ର ଭ୍ରାମ୍ୟମାଣ ଯାନ, ଯାହାକି ବରିଷ୍ଠ ନାଗରିକଙ୍କ ବୟସ ଜନିତ ଶାରୀରିକ କଷ୍ଟ ଏବଂ ଅସୁସ୍ଥତା ଦୂର କରିବା ନିମନ୍ତେ ସହାୟକ ହେବା ସହ ସେମାନଙ୍କୁ ମାନସିକ ଏବଂ ଆଧ୍ୟାତ୍ମିକ କଲ୍ୟାଣ ସେବା ପ୍ରଦାନ କରି ପାରିବ କ୍ଷ ଏହି ସ୍ୱସ୍ତି ଏକ୍ସପ୍ରେସ ଜିଲ୍ଲାର ଛେଣ୍ଡିପଦା ଏବଂ ବନରପାଳ ବ୍ଲକର ପ୍ଲାଣ୍ଟ ପାର୍ଶ୍ୱବର୍ତୀ ଅଞ୍ଚଳରେ ରହିଥିବା ୫୫ଟି ଗ୍ରାମରେ ଏହି ସେବା ଯୋଗାଇବ କ୍ଷ ଏହି ଭ୍ରାମ୍ୟମାଣ ଥେରାପିଉଟିକ ସେବା ସହ ବରିଷ୍ଠ ନାଗରିକଙ୍କୁ ପ୍ରାକୃତିକ ଚ଼ିକିତ୍ସକ୍ଷ, ଯେପରିକି, ଯୋଗ, ପ୍ରାଣାୟମ ସହ ମାନୁଆଲି ପରିଚ଼ାଳିତ ଫିଜିଓଥେରାପି ଓ ଉଚ଼ିତ ଆହାର ନିମନ୍ତେ ଅବଗତକରାଇବ ।ଏହି ଅବସରରେ ଶ୍ରୀ ହୃଦୟେଶ୍ୱର ଝା ପ୍ରକାଶ କରିଛନ୍ତି ଯେ, ଆନ୍ଠୁ ଗଣ୍ଠି ଯନ୍ତ୍ରଣା ସହ ପୀଡିତବରିଷ୍ଠ ନାଗରିକ ମାନେ ସାଧାରଣତଃ ଯାତ୍ରା କରିବାରେ ଅସମର୍ଥ ହୋଇଥାନ୍ତି କ୍ଷ ମୁଁ ଆଶା ପ୍ରକାଶ କରୁଅଛି ଆମର ଏହି ଭ୍ରାମ୍ୟମାଣ ସେବା କେନ୍ଦ୍ର ସ୍ୱସ୍ତି ଏକ୍ସପ୍ରେସ ଦ୍ୱାରା ସେମାନେ ନିଶ୍ଚିତ ରୂପେ ଲାଭାନ୍ୱିତ ହୋଇପାରିବେ ।ଏଥି ସହିତ ଆଦୃତ ଶିଶୁ ଗୃହର ଶିଶୁ ମାନଙ୍କର ଉନ୍ନତ ପରିବହନ ସେବା ନିମନ୍ତେ ଜେଏସପିଏଲ ଫାଉଣ୍ଡେସନ ପକ୍ଷରୁଆଦୃତ ଶିଶୁ କେନ୍ଦ୍ରର ଢେଙ୍କାନାଳ, ସୁନ୍ଦରଗଡ ଏବଂ ପୁରୀ ଶାଖା ନିମନ୍ତେ ୩ ଗୋଟି ବସ ପ୍ରଦାନ କରାଯାଇଅଛି କ୍ଷଏଠାରେ ସୂଚ଼ନାଯୋଗ୍ୟଯେ,ଆଦୃତ ଶିଶୁ ଗୃହ ଯାହାକି ପିତୃ ମାତୃ ଛେଉଣ୍ଡ, ପରିତ୍ୟକ୍ତ, ନିରାଶ୍ରିତ ଶିଶୁଙ୍କଏକ ଥଇଥାନ କେନ୍ଦ୍ର ଅଟେ କ୍ଷ ଜେଏସପିଏଲ ଫାଉଣ୍ଡେସନ ଏହି ସଂସ୍ଥାରେ ରହୁଥିବା ଶିଶୁ ମାନଙ୍କ ଉଚ଼ିତ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଅନ୍ୟାନ୍ୟ ମୌଳିକ ସୁବିଧା ସୁଯୋଗ ନିମନ୍ତେ ସର୍ବଦା ସହାୟତା ପ୍ରଦାନ କରି ଆସୁଅଛି।

## ଭୁବନେଶ୍ୱର ମହାନଗର ନିଗମ ନିର୍ବାଚନ : ସିପିଆଇ ପ୍ରାର୍ଥୀମାନଙ୍କ ପ୍ରାର୍ଥିପତ୍ର ଦାଖଲ

ଭୁବନେଶ୍ୱର,(ପି.ଏନ) : ଆଗାମୀ ଭୁବନେଶ୍ୱର ମହାନଗର ନିଗମ ନିର୍ବାଚନ ପାଇଁ ଆଜି ସିପିଆଇର ଦୁଇଜଣ କର୍ପୋରେଟର ପ୍ରାର୍ଥିନୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଆଜି ପୂର୍ବାହ୍ନରେ ୯ନମ୍ବର ୱାର୍ଡର ପ୍ରାର୍ଥିନୀ ପାର୍ବତୀ ବାରିକ ଓ ୪୧ନମ୍ବର ୱାର୍ଡର ପ୍ରାର୍ଥିନୀ ମିନତୀ ବେହେରା ସେମାନଙ୍କ ସମର୍ଥକ, ପ୍ରସ୍ତାବକ ଓ ସିପିଆଇର ନେତା ତଥା କର୍ମୀମାନଙ୍କ ସହ ଏକ ଶୋଭାଯାତ୍ରାରେ ପାର୍ଟିର ରାଜ୍ୟ ଦପ୍ତର ଭଗବତୀ ଭବନଠାରୁ ବାହାରି ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ ।ସେଠାରେ ସେମାନେ ନିର୍ବାଚନ ଅଧିକାରୀଙ୍କ ନିକଟରେ ସେମାନଙ୍କ ପ୍ରାର୍ଥିପତ୍ର ଦାଖଲ କଲା ପରେ ଉପସ୍ଥିତ ସାଥୀ ଓ ସମର୍ଥକମାନଙ୍କୁ ସିପିଆଇର ଭୁବନେଶ୍ୱର ଜୋନ ସମ୍ପାଦକ ସୁର ଜେନା, ଜିଲ୍ଲା ସହସମ୍ପାଦକ ସତୀଶ ମିଶ୍ର, ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ଜୟନ୍ତ ଦାସ, ଅଖିଳ ଭାରତ ଯୁବସଂଘର ନେତା ଗୋହିଗୋବିନ୍ଦ ବେଶ୍ରା, କମ୍ୟୁନିଷ୍ଟ ନେତା ବିଜୟ ମହାନ୍ତି, ଅଶୋକ ସାହୁ, ପଟିଆ ଜୋନ ସମ୍ପାଦକ ଅରକ୍ଷିତ ବେହେରା ଉଦ୍‌ବୋଧନ ଦେଇ ଭୁବନେଶ୍ୱର ମହାନଗର ନିଗମର ସର୍ବାଙ୍ଗୀନ ବିକାଶ ପାଇଁ ସିପିଆଇ ପ୍ରାର୍ଥୀମାନଙ୍କୁ ଦା' ଧାନକେଣ୍ଡା ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଜୋନ ସହସମ୍ପାଦକ କୈଳାସ ପୁହାଣ, ଯୁବ ଆଇନଜୀବୀ ସିଦ୍ଧାର୍ଥ କର, ଶଙ୍କର୍ଷଣ ବାରିକ, ଦୁଃଖୀଶ୍ୟାମ ବେହେରା, ଅମରଜିତ ରାୟସାମନ୍ତ, ବେଣୁ ସାହୁ, ପ୍ରତିମା ସାହୁ, ପ୍ରଭାତି ବେହେରା, ସାଗର ବାରିକ, ଅଶୋକ ବାରିକ ଓ ବାବୁଲି ଷଣ୍ଢ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

## ରାଜ୍ୟ ରେଡ଼କ୍ରସ୍‌କୁ ପୁର୍ବାବସ୍ଥାକୁ ଫେରାଇ ଆଣି ପାରିଲେ ବାସନ୍ତୀ ପାଣିଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଳି ହେବ




ଭୁବନେଶ୍ୱର,(ପି.ଏନ): ଭାରତୀୟ ରେଡ଼କ୍ରସ୍ ସୋସାଇଟିର ବରିଷ୍ଠ ଆଜୀବନ ସଦସ୍ୟା ବାସନ୍ତୀ ପାଣିଙ୍କ ବିୟୋଗରେ ଆଜି ଗୋଦାବରୀଶ ସାହିତ୍ୟ ସଂସଦରେ ଏକ ଶୋକସଭା ଅନୁଷ୍ଠିତ ହୋଇ ଯାଇଛି । ଏହି ଶୋକସଭାରେ ବରିଷ୍ଠ ଆଜୀବନ ସଦସ୍ୟ ଡ. ସେବା ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ଅନ୍ୟତମ ବରିଷ୍ଠ ଆଜୀବନ ସଦସ୍ୟ ଡଃ ଦ୍ୱାରୀକା ନାଥ ମହାନ୍ତି ବାସନ୍ତୀ ପାଣିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଳି ଜଣାଇଁ ଥିଲେ । ରାଜ୍ୟ ରେଡ଼କ୍ରସ୍‌କୁ ପୁର୍ବାବସ୍ଥାକୁ ଫେରାଇ ଆଣି ପାରିଲେ ବାସନ୍ତୀ ପାଣିଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଳି ହେବ ବୋଲି ସଭାରେ ମତ ପ୍ରକାଶ ପାଇଥିଲା । ଆଜୀବନ ସଦସ୍ୟ ଆଶାଲତା ଦାଶ, ମମତା ପାଢୀ, ପ୍ରସନ୍ନ ରଥ, ଅଶୋକ ସାମନ୍ତରାୟ, ନୀଳମଣି ମିଶ୍ର, ଶିତଳ ଚନ୍ଦ୍ର ମହାନ୍ତି ଓ ମହେଶ୍ୱର ବିଶ୍ୱାଳ ପ୍ରମୁଖ ସ୍ୱର୍ଗତଃ ପାଣିଙ୍କ ଗୁନ ଗାନ କରିବା ସହିତ ରେଡକ୍ରସରେ ଯୋଗ ଦେଉଥିବା କର୍ମକର୍ତ୍ତାମାନେ ସେବା ମନୋଭାବ ଓ ମାନବିକତା ଉପରେ ବିଶ୍ୱାସକରି ଅନୁଷ୍ଠାନକୁ ଚଲାଇବା ଉଚିତ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ଯଶୋବନ୍ତ ନାରାୟଣ ଜେନା,ଘନଶ୍ୟାମ ମଲ୍ଲିକ, ଆଦିତ୍ୟ କୁମାର ମହାନ୍ତି, ନିରନ ପୃଷ୍ଟି, ପ୍ରଦିପ ନନ୍ଦ ଆଦି ବାସନ୍ତୀ ପାଣିଙ୍କ ପ୍ରତି ଶ୍ରଦ୍ଧାଳି ଜ୍ଞାପନ କରିଥିଲେ । ରେଡକ୍ରସ୍ ରାଜୟ ଶାଖା ସୁରକ୍ଷା ସମିତି, ଓଡିଶାର ଆବାହକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଶୋକ ସଭାକୁ ସଂଯୋଜନା କରିଥିବା ସହିତ ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ ।

## ସରପଂଚଙ୍କ ବିଜୟ ଶୋଭାଯାତ୍ରା

ଖଣ୍ଡପଡା,୩।୩ ଖଣ୍ଡପଡା ବ୍ଲକ ଅଧିନ ଶାଳଝରିଆ ପଂଚାୟତର ସରପଂଚ ଭାବେ ନିର୍ବାଚିତ ହୋଇଛନ୍ତି ଯୁବ ଓ ଦକ୍ଷ ସଂଗଠକ ପ୍ରଦୀପ କୁମାର ପଣ୍ଡା । ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦି ଶାଳଝରିଆ ପଂଚାୟତର ସରପଂଚ ସ୍ନେହଲତା ନାୟକଙ୍କୁ ବିପୁଳ ଭୋଟ ବ୍ୟବଧାନରେ ପରାସ୍ତ କରିବିଜୟୀ ହେବା ପରେ ସମଗ୍ର ପଂଚାୟତବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ନବ ନିର୍ବାଚିତ ସରପଂଚ ଶ୍ରୀ ପଣ୍ଡା ମଙ୍ଗଳବାର ବିଭିନ୍ନ ଗ୍ରାମ ପରିକ୍ରମା କରିବା ଅବସରରେ ଗ୍ରାମବାସୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଶ୍ରୀ ପଣ୍ଡା କୁଂଜବିହାରୀପୁର ଗ୍ରାମବାସୀଙ୍କ ଗହଣରେ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ । ଶାଳଝରିଆ ପଂଚାୟତକୁ ଏକ ଆଦର୍ଶ ପଂଚାୟତରେ ପରିଗଣିତ କରିବା ତାଙ୍କର ଲକ୍ଷ୍ୟ ବୋଲି ଶ୍ରୀ ପଣ୍ଡା ସାକ୍ଷାତକାରରେ ପ୍ରକାଶ କରିଥିଲେ ।

## ଜିଲ୍ଲା ପରିଷଦ ଅଧକ୍ଷା ପଦବୀ ପାଇଁ ବଢୁଛି ଆଶାୟୀଙ୍କ ସଂଖ୍ୟା : ଚର୍ଚ୍ଚାରେ ସଂଖ୍ୟାଲଘୁ ସମ୍ପ୍ରଦାୟର କୈଶରା ବେଗମ

ଖୋର୍ଦ୍ଧା,୩।୩: ତ୍ରୀସ୍ତରୀୟ ପଂଚାୟତ ନିର୍ବାଚନ ମତଦାନ ଶେଷ ହୋଇ ଭୋଟ ବାକ୍ସ ଭିତରୁ ପ୍ରାର୍ଥୀଙ୍କ ଭାଗ୍ୟ ତାଲିକା ନିର୍ଦ୍ଧାରଣ ହୋଇଛି। ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ପ୍ରଥମ ସୋପାନରେ ୱାର୍ଡମେମ୍ବର, ସରପଂଚ, ସମିତିସଭ୍ୟ ଓ ଜିଲ୍ଲାପରିଷଦ ସଭ୍ୟାସଭ୍ୟମାନଙ୍କ ଭାଗ୍ୟ ନିର୍ଦ୍ଧାରଣ ପାଇଁ ପ୍ରତ୍ୟକ୍ଷ ନିର୍ବାଚନ ସରିଥିବାବେଳେ ନାଏବ ସରପଂଚ, ବ୍ଲକ ଅଧକ୍ଷ/ଅଧକ୍ଷା, ଜିଲ୍ଲାପରିଷଦ ଅଧକ୍ଷ/ଅଧକ୍ଷା ପଦ ଲାଗି ପରୋକ୍ଷ ନିର୍ବାଚନ ହେବାକୁ ବାକି ରହିଛି । ୧୦ଗୋଟି ବ୍ଲକ ରେ ବିଜେଡି ବ୍ଲକ ଅଧକ୍ଷ କରିବା ଲାଗି ସମସ୍ତ ପ୍ରକାର ପ୍ରସ୍ତୁତି ରେ ଲାଗିଥିବାବେଳେ ଏବେ ଜିଲ୍ଲାପରିଷଦ ଅଧକ୍ଷ ବିଜେଡି ଚଳିତଥର ଅକ୍ତିଆର କରିବ ବୋଲି ସ୍ପଷ୍ଟ ହୋଇଛି । ବ୍ଲକ ଅଧକ୍ଷ/ଅଧକ୍ଷା ଲାଗି ସମିତିସଭ୍ୟଙ୍କ ମଧ୍ୟରେ ଛକାପଞ୍ଝା ଲାଗିଥିବାବେଳେ ଜିଲ୍ଲାପରିଷଦ ଅଧକ୍ଷ ପାଇଁ ଆଶାୟୀଙ୍କ ଲମ୍ବା ଲାଇନ ରହିଛି। ରାଜ୍ୟ ସରକାର ମହିଳାମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଅଗ୍ରାଧିକାର ଦେଇଛନ୍ତି । ଗ୍ରାମାଂଚଳ ପରେ ଭୋଟ ପ୍ରକ୍ରିୟା ରେ ମହିଳାଙ୍କ ପାଇଁ ଶତକଡା ୫୦ଭାଗ ସଂରକ୍ଷିତ ରଖାଯାଇଥିବାବେଳେ ଜିଲ୍ଲାପରିଷଦ ଅଧକ୍ଷା ଆସନ ଚଳିତ ଥର ମହିଳାଙ୍କ ପାଇଁ ଉଦ୍ଧିଷ୍ଟ ରହିଛି । ତେବେ ଖୋର୍ଦ୍ଧା ଜିଲ୍ଲାପରିଷଦ ଅଧକ୍ଷା ପଦ ନିମନ୍ତେ ବିଜେଡିର ବହୁ ଦାବିଦାର ରହିଛନ୍ତି । ଚଳିତ ପଂଚାୟତ ନିର୍ବାଚନରେ ବିଜୁ ଜନତା ଦଳର ମୋଟ ୧୪ଜଣ ମହିଳା ଜିଲ୍ଲାପରିଷଦ ସଭ୍ୟା ଭାବେ ନିର୍ବାଚିତ ହୋଇଛନ୍ତି । ଜିଲ୍ଲାପରିଷଦ ଅଧକ୍ଷା ପଦ ପାଇଁ ବିଭିନ୍ନ ନିର୍ବାଚନମଣ୍ଡଳୀର ଦଳୀୟ ବିଧାୟକ ଓ ଜିଲ୍ଲାସଭାପତି ପ୍ରମୁଖ ବିଭିନ୍ନ ଆଶାୟୀ ପ୍ରାର୍ଥୀଙ୍କ ପାଇଁ ଲବି ଆରମ୍ଭ କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି ।


## ଜେଏସପିଏଲଫାଉଣ୍ଡେସନ ପକ୍ଷରୁ ବରିଷ୍ଠ ନାଗରିକଙ୍କ ନିମନ୍ତେ "ସ୍ୱସ୍ତି ଏକ୍ସପ୍ରେସ"ଏବଂ ଶିଶୁଙ୍କ ପାଇଁ ସ୍କୁଲ ବସ ଲୋକାର୍ପିତ

ଅନୁଗୋଳ, ତା ୦୩.୦୩.୨୦୨୨ ରିଖ : ଅନୁଗୋଳ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ (ଆଇଏଏସ)ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ର ସାମାଜିକ ଦାୟିତ୍ୱବୋଧ ଶାଖା ରୂପେ କାର୍ଯ୍ୟ କରୁଥିବା ଜେଏସପି ଏଲଫାଉଣ୍ଡେସନ ପକ୍ଷରୁସ୍ୱସ୍ତି ଏକ୍ସପ୍ରେସକୁ ଆଜି ଅନୁଗୋଳ ଜିଲ୍ଲାପାଳ ଅଫିସ ପରିସରରେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ କ୍ଷ ଏହି ଅବସରରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଅନୁଗୋଳ ପ୍ଲାଣ୍ଟର ମୁଖ୍ୟ ତଥା ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ହୃଦୟେଶ୍ୱର ଝା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ ପ୍ରଧାନ, ଏଡି, ପିଏଚ୍‌ଓ ଡାକ୍ତର ବିଶ୍ୱବିହାରି ମହାନ୍ତି, ଜିଲ୍ଲା ସାମାଜିକ ନିରାପତ୍ତା ଅଧିକାରୀ, ଶ୍ରୀ ନାରାୟଣ ମହାପାତ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଶ୍ରୀମତୀ ଆଲମା ବରୁଆ, ଅଧକ୍ଷ ଆଦୃତ ଶିଶୁ ଗୃହ, ପ୍ରୋଫେସର ଆଦିତ୍ୟ କୁମାର ମହାନ୍ତି, ଜିଏମ–ସିଏସଆର, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର, ଶ୍ରୀମତୀ ପୁଷ୍ପଲତା ଶତପଥୀ ଏବଂ ଅନ୍ୟାନ୍ୟ ଗଣ୍ୟ ମାନ୍ୟଅତିଥିମାନେ ଉପସ୍ଥିତଥିଲେ।ସ୍ୱସ୍ତି ଏକ୍ସପ୍ରେସ ଉଦଘାଟନ ଅବସରରେ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁପ୍ରକାଶ କରିଛନ୍ତି ଯେ, ଏହା ହେଉଛି କୌଣସି କର୍ପୋରେଟ ସଂସ୍ଥା ଦ୍ୱାରା ଗ୍ରହଣ କରାଯାଇଥିବା ଏକ ଅଭିନବ ପଦକ୍ଷେପକ୍ଷ ମୁଁ ଆଶା କରୁ ଅଛି, ଏହା ଆମ୍ଭ ସମାଜର ବରିଷ୍ଠ ନାଗରିକ ମାନେ ଏହା ଦ୍ୱାରା ଲାଭାନ୍ୱିତ ହେବା ସହ ନିଜକୁ ଶାରୀରିକ ଭାବେ ସୁସ୍ଥ ରଖି ପାରିବେ ।ସ୍ୱସ୍ତି ଏକ୍ସପ୍ରେସ – ଏକ ସ୍ୱତନ୍ତ୍ର ଭ୍ରାମ୍ୟମାଣ ଯାନ, ଯାହାକି ବରିଷ୍ଠ ନାଗରିକଙ୍କ ବୟସ ଜନିତ ଶାରୀରିକ କଷ୍ଟ ଏବଂ ଅସୁସ୍ଥତା ଦୂର କରିବା ନିମନ୍ତେ ସହାୟକ ହେବା ସହ ସେମାନଙ୍କୁ ମାନସିକ ଏବଂ ଆଧ୍ୟାତ୍ମିକ କଲ୍ୟାଣ ସେବା ପ୍ରଦାନ କରି ପାରିବ କ୍ଷ ଏହି ସ୍ୱସ୍ତି ଏକ୍ସପ୍ରେସ ଜିଲ୍ଲାର ଛେଣ୍ଡିପଦା ଏବଂ ବନରପାଳ ବ୍ଲକର ପ୍ଲାଣ୍ଟ ପାର୍ଶ୍ୱବର୍ତୀ ଅଞ୍ଚଳରେ ରହିଥିବା ୫୫ଟି ଗ୍ରାମରେ ଏହି ସେବା ଯୋଗାଇବ କ୍ଷ ଏହି ଭ୍ରାମ୍ୟମାଣ ଥେରାପିଉଟିକ ସେବା ସହ ବରିଷ୍ଠ ନାଗରିକଙ୍କୁ ପ୍ରାକୃତିକ ଚ଼ିକିତ୍ସକ୍ଷ, ଯେପରିକି, ଯୋଗ, ପ୍ରାଣାୟମ ସହ ମାନୁଆଲି ପରିଚ଼ାଳିତ ଫିଜିଓଥେରାପି ଓ ଉଚ଼ିତ ଆହାର ନିମନ୍ତେ ଅବଗତକରାଇବ ।ଏହି ଅବସରରେ ଶ୍ରୀ ହୃଦୟେଶ୍ୱର ଝା ପ୍ରକାଶ କରିଛନ୍ତି ଯେ, ଆନ୍ଠୁ ଗଣ୍ଠି ଯନ୍ତ୍ରଣା ସହ ପୀଡିତବରିଷ୍ଠ ନାଗରିକ ମାନେ ସାଧାରଣତଃ ଯାତ୍ରା କରିବାରେ ଅସମର୍ଥ ହୋଇଥାନ୍ତି କ୍ଷ ମୁଁ ଆଶା ପ୍ରକାଶ କରୁଅଛି ଆମର ଏହି ଭ୍ରାମ୍ୟମାଣ ସେବା କେନ୍ଦ୍ର ସ୍ୱସ୍ତି ଏକ୍ସପ୍ରେସ ଦ୍ୱାରା ସେମାନେ ନିଶ୍ଚିତ ରୂପେ ଲାଭାନ୍ୱିତ ହୋଇପାରିବେ ।ଏଥି ସହିତ ଆଦୃତ ଶିଶୁ ଗୃହର ଶିଶୁ ମାନଙ୍କର ଉନ୍ନତ ପରିବହନ ସେବା ନିମନ୍ତେ ଜେଏସପିଏଲ ଫାଉଣ୍ଡେସନ ପକ୍ଷରୁଆଦୃତ ଶିଶୁ କେନ୍ଦ୍ରର ଢେଙ୍କାନାଳ, ସୁନ୍ଦରଗଡ ଏବଂ ପୁରୀ ଶାଖା ନିମନ୍ତେ ୩ ଗୋଟି ବସ ପ୍ରଦାନ କରାଯାଇଅଛି କ୍ଷଏଠାରେ ସୂଚ଼ନାଯୋଗ୍ୟଯେ,ଆଦୃତ ଶିଶୁ ଗୃହ ଯାହାକି ପିତୃ ମାତୃ ଛେଉଣ୍ଡ, ପରିତ୍ୟକ୍ତ, ନିରାଶ୍ରିତ ଶିଶୁଙ୍କଏକ ଥଇଥାନ କେନ୍ଦ୍ର ଅଟେ କ୍ଷ ଜେଏସପିଏଲ ଫାଉଣ୍ଡେସନ ଏହି ସଂସ୍ଥାରେ ରହୁଥିବା ଶିଶୁ ମାନଙ୍କ ଉଚ଼ିତ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଅନ୍ୟାନ୍ୟ ମୌଳିକ ସୁବିଧା ସୁଯୋଗ ନିମନ୍ତେ ସର୍ବଦା ସହାୟତା ପ୍ରଦାନ କରି ଆସୁଅଛି।



ADMISSION OPEN

MAHARISHI PUBLIC SCHOOL
STD-I TO V

25% SEATS ARE RESERVED FOR EWS STUDENTS IN STD - 1 ENROLL YOUR CHILD TODAY







FIND THE DIFFERENCE
- SURVEILLANCE THROUGH CCTV CAMERA
- SMALL CLASSES
- CONGENIAL ENVIRONMENT
- INTIMATE, SAFE & SECURED PLACE
- INDIVIDUALS ATTENTION TO EACH CHILD
- EXPERIENCED & LOVING TEACHERS
- SPECIOUS PLAYGROUND
- AC ACTIVITY ROOM
- TRANSPORT FACILITIES

MAHARISHI PLAY SCHOOL
PLAYGROUP (2+), NURSERY (3+), LKG, UKG, STD I TO V

N-4/F-24, IRC VILLAGE, NAYAPALLI, BHUBANESWAR - 751015
PH : (0674) 2558884 2550786, 9348320060
E-mail : maharishipublic13@gmail.com, Website : www.maharishipublicschool.com



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray